


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-113 ♦SUNDAY ♦19 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୧୩ ♦ରବିବାର ♦୧୯ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ନୂଆ ସମ୍ବିଧାନକୁ ବିରୋଧ

# ବାଂଲାଦେଶ ପୁଣି ଅଶାନ୍ତ



### ସଂସଦରେ ଧସେଇ ପଶିଲେ ବିକ୍ଷୋଭକାରୀ
### ବ୍ୟାପକ ପୋଡ଼ାଜଳା; ଘଉଡ଼ାଇଲା ପୁଲିସ

■ **ଢାକା, ୧୮ ।୧୦ (ଏଜେନ୍ସି):** ପୁଣି ଅଶାନ୍ତ ହେଲାଣି ବାଂଲାଦେଶ । ଗତ ଜୁଲାଇ-ଅଗଷ୍ଟ ମାସରେ ବଡ଼ ଧରଣର ଆନ୍ଦୋଳନ କରି ହସିନା ସରକାରର ପତନ ଘଟାଇଥିବା ଆନ୍ଦୋଳନକାରୀ ପୁଣି ମାତିଲେଣି । ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାରର କାର୍ଯ୍ୟକାଳପରେ ଅସନ୍ତୁଷ୍ଟ ଥିବା ଆନ୍ଦୋଳନକାରୀ ପୁଣି ରାଜରାସ୍ତାକୁ ଓହ୍ଲାଇଛନ୍ତି । କାମଚଳା ସରକାର ଦ୍ୱାରା ପ୍ରସ୍ତୁତ କରାଯାଉଥିବା ନୂଆ ସମ୍ବିଧାନର ଅନେକ ବ୍ୟବସ୍ଥାକୁ କଡ଼ା ବିରୋଧ କରିଛନ୍ତି । ନିଜର ଅସନ୍ତୋଷ ଜଣାଇବା ଲାଗି ସେମାନେ ସଂସଦ ଭବନରେ ପଶି ନିଆଁ ଲଗାଇଛନ୍ତି । ଏହାକୁ ନେଇ ଢାକାରେ ପୁଣି ଉତ୍ତେଜନା ପ୍ରକାଶ ପାଇଛି । ବଡ଼ ଧରଣର ଆନ୍ଦୋଳନ ଆଶଙ୍କା କରି ସରକାର ବିଭିନ୍ନ ସ୍ଥାନରେ ନିରାପତ୍ତା ବାହିନୀ ଯବାନଙ୍କୁ ମୁତୟନ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶର ମଧ୍ୟବର୍ତ୍ତିକାଳୀନ ସରକାର ମୁଖ୍ୟ ତଥା ଉପଦେଷ୍ଟା ମହମ୍ମଦ ୟୁନୁସ ସଂସଦରେ 'ଜୁଲାଇ ଚାର୍ଟର'ରେ ଆଜି ଦସ୍ତଖତ କରିବାର କାର୍ଯ୍ୟକ୍ରମ ଥିଲା । ଦେଶରେ ପ୍ରଶାସନରେ ଉନ୍ନତି ଆଣିବା, ଦୁର୍ନୀତି ରୋକିବା ଓ ଗଣତନ୍ତ୍ରର ପୁନଃସ୍ଥାପନ କରିବା ନେଇ ଏହି ଚାର୍ଟରରେ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି । ଏହି ଚାର୍ଟର ପ୍ରସ୍ତୁତ କରିବା ଲାଗି ଯେଉଁ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା, ତାହାର ୮୦ରୁ ଉର୍ଦ୍ଧ୍ୱ ସୁପାରିସ୍‌କୁ ଏହି ଚାର୍ଟରରେ ସାମିଲ କରାଯାଇଛି । କିନ୍ତୁ ଏହି ଚାର୍ଟରକୁ ଆନ୍ଦୋଳନକାରୀ ବିରୋଧ କରୁଛନ୍ତି । ଏହା ସମ୍ବିଧାନ ବିରୋଧୀ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ଚାର୍ଟରକୁ ଲାଗୁ କଲେ ମୂଳ ସମ୍ବିଧାନ ଉପରେ ଆଉ ଏକ ସମ୍ବିଧାନକୁ ଲଦି ଦିଆଯିବା ଆଶଙ୍କା ରହିଛି । ଏହାଦ୍ୱାରା ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ମଧ୍ୟ ମତ ଦେଇଛନ୍ତି । ବ୍ୟାପକ ବିଚାରବିମର୍ଶ ବିନା ଏହାକୁ ଲାଗୁ କଲେ ଦେଶରେ ଅସ୍ଥିରତା ସୃଷ୍ଟି ହେବ ବୋଲି କୁହାଯାଇଛି । ଏହି 'ଜୁଲାଇ ଚାର୍ଟର' ଛାତ୍ରମାନେ ଦେଇଥିବା ବଳିଦାନ ଓ ତ୍ୟାଗକୁ ଅଣଦେଖା କରାଯାଇଛି ବୋଲି ଛାତ୍ର ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି । ▶ପୃଷ୍ଠା-୭

## ସାଂସଦ ଆପାର୍ଟମେଣ୍ଟରେ ନିଆଁ



■ **ନୂଆଦିଲ୍ଲୀ, ୧୮ ।୧୦(ଏଜେନ୍ସି):** ଦିଲ୍ଲୀର ବିଡି ରୋଡ୍‌ରେ ସାଂସଦଙ୍କ ପାଇଁ ନିର୍ମିତ ହୋଇଥିବା ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ଶନିବାର ଦ୍ୱିପହରରେ ନିଆଁ ଲାଗିଯାଇଛି । ସଂସଦଠାରୁ ମାତ୍ର ୨୦୦ ମିଟର ଦୂରରେ ସ୍ଥିତ ଏହି ଆପାର୍ଟମେଣ୍ଟରେ ଏକାଧିକ ରାଜ୍ୟସଭା ସାଂସଦ ଓ ସେମାନଙ୍କ ଷ୍ଟାଫ୍‌ଙ୍କ ଫ୍ଲାଟ ରହିଛି । ତୁରନ୍ତ ସୂଚନା ଦିଆଯାଇଥିଲେ ମଧ୍ୟ ଦମକଳ ବାହିନୀ ବିଳମ୍ବରେ ପହଞ୍ଚିଥିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଅପରାହ୍ଣ ୧ଟା ୨୨ରେ ନିଆଁ ଲାଗିବାର ସୂଚନା ମିଳିଥିବା ଦମକଳ ବିଭାଗର ଅଧିକାରୀମାନେ କହିଛନ୍ତି । ଏହାପରେ ୬ଟି ଦମକଳ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଥିଲା ଓ ନିଆଁ ଲିଭାଇବାକୁ ପ୍ରୟାସ କରାଯାଇଥିଲା । ଏହି ଘଟଣାର ଭିଡିଓ ଏବେ ସାମ୍ନାକୁ ଆସିଛି । ଏଥିରେ ଲୋକେ ଏପଟେ ସେପଟେ ଦୌଡ଼ୁଥିବାର ଲକ୍ଷ୍ୟ କରାଯାଇଛି । ପୁଲିସ ଲୋକଙ୍କୁ ପଛକୁ ହଟାଉଛି । ଆପାର୍ଟମେଣ୍ଟର ନିମ୍ନ ଭାଗରେ ନିଆଁ ଲାଗିଛି ଓ ସେଠାରୁ ଧୂଆଁ ଉପରକୁ ଉଠୁଥିବାର ଦେଖାଯାଇଛି । ତେବେ ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ।

### ଝାଡ଼ଖଣ୍ଡ ନାବାଳିକା ଦୁଷ୍କର୍ମ ମାମଲାରୁ ମିଳିଲା ସେକ୍ସ ରାକେଟ୍ ଲିଙ୍କ୍

# ରାଜଧାନୀରେ ଦେହ ବେପାର; ଜାଣିପାରୁନି ପୁଲିସ





- ▶▶ ଦୁଇ 'ରାଣୀ ମହୁମାଛି'ଙ୍କ ସହ ବନ୍ଧାହେଲେ ୪ ଅଭିଯୁକ୍ତ
- ▶▶ ୪ବର୍ଷ ହେଲା ଯୌନ କାରବାର ଚଳାଇଥିଲେ ଦୁଇ ମହିଳା
- ▶▶ ହସ୍‌ପିଟାଲ୍‌ରେ ଦୁଷ୍କର୍ମ ପୀଡ଼ିତା; ଭଡ଼ାଘରୁ ୩ ନାବାଳିକା ଉଦ୍ଧାର

■ **ଭୁବନେଶ୍ୱର, ୧୮ ।୧୦ (ସମିସ):** ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଝାଡ଼ଖଣ୍ଡ ନାବାଳିକା ଦୁଷ୍କର୍ମ ମାମଲାରୁ ରାଜଧାନୀରେ ଚାଲିଥିବା ଏକ ବଡ଼ ଧରଣର ସେକ୍ସ ରାକେଟର ସନ୍ଧାନ ମିଳିଛି । ଲକ୍ଷ୍ମୀସାଗର କଲୋନୀ ପ୍ଲଟ୍ ନଂ-ଇବି ୩୨୪ରେ ଦୁଇଜଣ ମହିଳା ଅନ୍ୟରାଜ୍ୟରୁ କିଛି ନାବାଳିକାଙ୍କୁ ରଖି ୪ ବର୍ଷ ହେଲା ଦେହ ବେପାର କରୁଥିଲେ । ଏହି ଘରେ ଚଢ଼ଉ କରି କ୍ୟାପିଟାଲ ଥାନା ପୁଲିସ ଦୁଇ 'ରାଣୀ ମହୁମାଛି' ସମେତ ୪ଜଣଙ୍କୁ ଗିରଫ କରିଛି । ଅନ୍ୟପକ୍ଷରେ ଏହି ଘରେ ରହି ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରିଛି । ଉଭୟଙ୍କର ଆଜି ଡାକ୍ତରୀ ମାଇନା କରାଯିବା ସହ ଏହି ଘରେ ଚଢ଼ଉ କରି ପୁଲିସ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳର ମଞ୍ଜୁ ସେଠି ଓ କଟକ ଜିଲ୍ଲା ବାଙ୍କି ଅଞ୍ଚଳର ମମତା ସାହୁ ଲକ୍ଷ୍ମୀସାଗର କଲୋନୀର ସଞ୍ଜୀବ କୁମାର ଦାଶ ଓରଫ ବାପିଙ୍କ ଘରକୁ ଭଡ଼ାସୂତ୍ରରେ ନେଇ ବିଭିନ୍ନ ସମୟରେ ଚାକିରି ଦେବାକୁ କହି ନେପାଳ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ନାବାଳିକାମାନଙ୍କୁ ଡାକୁଥିଲେ । ସେମାନେ ଏହି ଘରେ ▶ପୃଷ୍ଠା-୭

## ପୁଲିସ ଚାକିରି ବେପାର

# ଦିଲ୍ଲୀରେ ଲୁଚିଛି ମାଷ୍ଟରମାଇଣ୍ଡ ଶଙ୍କର

- ମୁନା ଘରୁ ସାର୍ଟିଫିକେଟ୍ ସହ ଏକାଧିକ ଦସ୍ତାବିଜ୍ ଜବତ
- ଦୀପାବଳି ପରେ ରିମାଣ୍ଡରେ ଆସିବ ମୁନା ଏବଂ ସହଯୋଗୀ
- ଜେଲ୍‌ରୁ କ୍ରାଇମବ୍ରାଞ୍ଚକୁ ସୁରାକ

■ **ଭୁବନେଶ୍ୱର/ବ୍ରହ୍ମପୁର, ୧୮ ।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ୧୨୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩୧ଜଣଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଜେରା କରିଛି । କ୍ରାଇମବ୍ରାଞ୍ଚ ଡିଏସପି ସକାଳ ସାଢେ ୮ଟା ଠାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ଜେଲ୍ ଭିତରେ ସମସ୍ତ ୩୧ଜଣଙ୍କୁ ଜେରା କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଅନ୍ୟପଟରେ ମୁନା ସହିତ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଲିଙ୍କ୍ ମିଳିଛି । ଶଙ୍କର ଦିଲ୍ଲୀରେ ଲୁଚିଥିବା କ୍ରାଇମବ୍ରାଞ୍ଚ ଟିମ୍ ସୂଚନା ପାଇଛି । ସେ ଦିଲ୍ଲୀର କେଉଁ ସ୍ଥାନରେ ରହୁଛି, ତାହା ମୁନା କହିଥିବା ଜଣାପଡିଛି । ତେଣୁ ତାଙ୍କୁ ଗିରଫ କରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଦିଲ୍ଲୀ ଯାଇ ଛାନ୍‌ଭିନ କରୁଛନ୍ତି । ଆହୁରି ମଧ୍ୟ ଏହି ରାକେଟ୍‌ର ଖୁଲାସା କରିବା ପାଇଁ ଦୀପାବଳି ପରେ କ୍ରାଇମବ୍ରାଞ୍ଚ ମୁନା ଏବଂ ଅନ୍ୟ ଦୁଇ ଜଣଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି ।

ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟା ଠାରୁ କ୍ରାଇମବ୍ରାଞ୍ଚ ଟିମ୍ ଜେଲ୍ ପରିସରରେ ▶ପୃଷ୍ଠା-୭






# ଏଥର ଦୁଇଦିନ ଦୀପାବଳି ଛୁଟି

### ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କଲେ ସରକାର

### ନୂଆପଡ଼ା ଜିଲ୍ଲାକୁ ଛାଡ଼ି ଅନ୍ୟସବୁ ଜିଲ୍ଲାରେ ହେବ ଲାଗୁ

■ **ଭୁବନେଶ୍ୱର, ୧୮ ।୧୦ (ସମିସ):** ଦୀପାବଳି ପାଇଁ ଆସନ୍ତା ସୋମବାର ଓ ମଙ୍ଗଳବାର ୨ ଦିନ ଛୁଟି ହେବ । ଏନେଇ ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ ୨୧ ତାରିଖ ମଙ୍ଗଳବାର ଦୀପାବଳି ପାଇଁ ସରକାରୀ ଛୁଟି ଧାର୍ଯ୍ୟ ହୋଇଥିଲା । ତେବେ ତିଥି ଓ ନକ୍ଷତ୍ର ଭିତ୍ତିରେ ୨୦ ତାରିଖ ସୋମବାର ଦୀପାବଳି ଓ ପୟାଶ୍ରାଦ୍ଧ ପାଳନ କରାଯାଉଥିବାରୁ ଏହି ଦିନକୁ ଆଜି ରାଜ୍ୟ ସରକାର ଅତିରିକ୍ତ ଛୁଟି ଭାବେ ଘୋଷଣା କରିଛନ୍ତି ।

ତେଣୁ ଆସନ୍ତା ୨୫ ତାରିଖ (ଶନିବାର) ଛୁଟି ଦିନ ଥିଲେ ହେଁ ଏହାକୁ ସରକାରୀ କାର୍ଯ୍ୟ ଦିବସ ରୂପେ ଘୋଷଣା କରାଯାଇଛି । ତେବେ ୨୧ ତାରିଖରେ ରାଜ୍ୟର ସମସ୍ତ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଙ୍କିଙ୍ଗ ସଂସ୍ଥା ଖୋଲା ରହିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ୨୦୨୪ ନଭେମ୍ବର ୧୨ ତାରିଖର ବିଜ୍ଞପ୍ତିରେ ଆଂଶିକ ପରିବର୍ତ୍ତନ କରାଯାଇ ଦୀପାବଳି ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଭାବେ ଘୋଷଣା କରାଗଲା । ଉକ୍ତ ଦିନ ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରିଆଲ୍ ▶ପୃଷ୍ଠା-୭









# ଦୀପାବଳି ପୂର୍ବରୁ ବିଷାକ୍ତ ହେଲା ଦିଲ୍ଲୀ ବାୟୁ



ନୂଆଦିଲ୍ଲୀ, ୧୮ ।୧୦(ଏଜେନ୍ସି): ଦୀପାବଳିର ଦୁଇଦିନ ପୂର୍ବରୁ ଦିଲ୍ଲୀରେ ପ୍ରଦୁଷଣ ବୃଦ୍ଧି ପାଇଛି । ବାୟୁ ବିଷାକ୍ତ ହୋଇଯାଇଛି । ରାଜଧାନୀର କିଛି ସ୍ଥାନରେ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ୩୫୦ ପାର କରିଛି । ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ପିସିବି) ଅନୁଯାୟୀ, ଶନିବାର ସକାଳ ୮ଟାରେ ଏକ୍ୟୁଆଇ ୩୬୭ ରେକର୍ଡ କରାଯାଇଥିଲା । ଆନନ୍ଦ ବିହାରରେ ସବୁଠାରୁ ଅଧିକ ଏକ୍ୟୁଆଇ ୩୭୦ ରେକର୍ଡ କରାଯାଇଛି । ସେହିପରି ବଜିରପୁରରେ ଏହା ୩୨୮, ଜାହାଙ୍ଗିରପୁରରେ ୩୨୪ ଓ ଅକ୍ଷରଧାମରେ ୩୬୯ ଥିଲା । ଦିଲ୍ଲୀ-ଏନ୍‌ସିଆରରେ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି-୧) ଲାଗୁ କରିଛି । ଏକ୍ୟୁଆଇ ୨୧୧ ପାର କରିଥିବା ଅଞ୍ଚଳରେ କମିଶନ ଏହାକୁ ଲାଗୁ କରିଛି । ଯେତେବେଳେ ଏକ୍ୟୁଆଇ ୨୦୦ରୁ ୩୦୦ ମଧ୍ୟରେ ରହିଥାଏ ସେତେବେଳେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି)-୧ ଲାଗୁ ହୋଇଥାଏ । ଏହା ଅନୁସାରେ ଏନ୍‌ସିଆରରେ ସବୁ ସମ୍ପର୍କିତ ଏଜେନ୍ସିକୁ ୨୭ଟି ନିରୋଧକ ଉପାୟ ଲାଗୁ କରିବାକୁ କୁହାଯାଇଛି । ଏଥିରେ ଆଣ୍ଟି ସ୍ମଗ୍ ଗନ୍‌ର ବ୍ୟବହାର, ପାଣି ଛିଞ୍ଚାଡିବା ସହ ସଡ଼କ ନିର୍ମାଣ, ମରାମତି ଯୋଜନା ଓ ରକ୍ଷାଣବେକ୍ଷଣ କାର୍ଯ୍ୟରେ ଧୂଳି ଉଡିବାକୁ ନିୟନ୍ତ୍ରଣ କରିବା ସାମିଲ ରହିଛି । କିଛି ସ୍ଥାନରେ ଏନ୍୯୫ କିମ୍ବା ଡବଲ୍ ସର୍ଜିକାଲ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି ।

**୩୫୦ ପାର କଲା ଏକ୍ୟୁଆଇ ସ୍ତର**

# ଆଫଗାନିସ୍ତାନରେ ପୁଣି ପାକ୍ ଆକ୍ରମଣ

## ୩ କ୍ରିକେଟରଙ୍କ ସମେତ ୧୭ ମୃତ



କାବୁଲ, ୧୮ ।୧୦(ଏଜେନ୍ସି): ଆଫଗାନିସ୍ତାନ ଉପରେ ପାକିସ୍ତାନ ବାୟୁସେନା ପୁଣିଥରେ ଆକ୍ରମଣ କରିଛି । ଆଫଗାନିସ୍ତାନର ପ୍ରକ୍ତିକା ରାଜ୍ୟରେ ଶୁକ୍ରବାର ହୋଇଥିବା ଏହି ଆକ୍ରମଣରେ ୩ ଜଣ କ୍ରିକେଟର ଓ ଅନ୍ୟ ୧୪ ଜଣ ନାଗରିକ ପ୍ରାଣ ହରାଇଛନ୍ତି ଓ ୧୬ ଜଣ ଆହତ ହୋଇଛନ୍ତି । ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା । ଏହି ଅସ୍ତ୍ରବିରତିକୁ ଆଗକୁ ବଢ଼ାଇବାକୁ ସହମତି ପ୍ରକାଶ ପାଇଥିଲା । କିନ୍ତୁ କିଛି ଘଣ୍ଟା ପରେ ପାକିସ୍ତାନ ଏୟାର ଷ୍ଟ୍ରାଇକ୍ କରିଥିଲା । ଅର୍ଗୁନ ଓ ବର୍ମଲ ଜିଲ୍ଲାରେ କିଛି ଘରକୁ ଲକ୍ଷ୍ୟକରି ପାକିସ୍ତାନ ଏହି ଆକ୍ରମଣ କରିଥିଲା ବୋଲି ଆଫଗାନ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି । ଏହି ଅଞ୍ଚଳ ଦୁଇଦେଶର ସୀମା ଡୁରାଣ୍ଡ ଲାଇନ୍‌ର ପାଖରେ ଅବସ୍ଥିତ । ପୂର୍ବରୁ ପାକିସ୍ତାନ ବୁଧବାର କାବୁଲରେ ଦୁଇଟି ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲା । ପାକିସ୍ତାନର ଆକ୍ରମଣରେ ଆଫଗାନିସ୍ତାନରେ ଏପର୍ଯ୍ୟନ୍ତ ୩୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୪୨୫ଜଣ ଆହତ ହୋଇଛନ୍ତି ବୋଲି ଜାତିସଂଘ ତରଫରୁ କୁହାଯାଇଛି । ସାଧାରଣ ନାଗରିକଙ୍କୁ ପାକିସ୍ତାନ ଆକ୍ରମଣ କରୁଛି ବୋଲି ଆଫଗାନିସ୍ତାନ ଅଭିଯୋଗ କରିଛି । କିନ୍ତୁ ପାକିସ୍ତାନ ଏହାକୁ ଖଣ୍ଡନ କରିଛି । କେବଳ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ ହେଉଛି ବୋଲି ପାକିସ୍ତାନ କହିଛି ।

### ଆଫଗାନ୍ ନାଗରିକ ପାକିସ୍ତାନରୁ ଫେରିଯାଆନ୍ତୁ: ଖ୍ୱାଜା ଆସିଫ୍

ଆଫଗାନିସ୍ତାନର ନିଷ୍ପତ୍ତି ଭାରତ ରାଜଧାନୀ ଦିଲ୍ଲୀରୁ ନିଆଯାଉଛି ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସେତେବେଳେ କହିଥିଲେ ।

ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ପୁଣିଥରେ ଆଫଗାନିସ୍ତାନକୁ ନେଇ କଡ଼ା ମନ୍ତବ୍ୟ ଦେଇଛନ୍ତି । ପାକିସ୍ତାନରେ ରହୁଥିବା ଆଫଗାନିସ୍ତାନ ନାଗରିକ ଯଥାଶୀଘ୍ର ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଏକ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି । ଆଫଗାନିସ୍ତାନ ସହିତ ଥିବା ପୁରୁଣା ମଧୁର ସମ୍ପର୍କର ଯୁଗ ଶେଷ ହୋଇଛି । ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଭଲ ସମ୍ପର୍କ ରହିଛି । କିନ୍ତୁ ଏବେ ଆଫଗାନିସ୍ତାନ ସହ ପାକିସ୍ତାନର କୌଣସି ଭଲ ସମ୍ପର୍କ ନାହିଁ । ଏହା ସତ୍ତ୍ୱେ ପାକିସ୍ତାନରେ କୋଟି କୋଟି ଲୋକ ଶରଣ ନେଇଛନ୍ତି । ଯଦି ଭାରତ ସହିତ ଭଲ ସମ୍ପର୍କ ରହିଛି, ତେବେ ପାକିସ୍ତାନରେ ରହୁଥିବା ଆଫଗାନ ନାଗରିକ ଭାରତକୁ ସ୍ଥାନାନ୍ତର କାହିଁକି ହେଉ ନାହାନ୍ତି ବୋଲି ସେ କହିଛନ୍ତି । ଭାରତ ଏମାନଙ୍କୁ ପାଳୁ । ପାକିସ୍ତାନ କାହିଁକି ଏମାନଙ୍କ ବୋଝ ଉଠାଇବ ବୋଲି ସେ ପ୍ରଶ୍ନ କରିଛନ୍ତି । ପାକିସ୍ତାନ ପାଖରେ ନିଜ ଲୋକଙ୍କ ପାଇଁ ଭରପୂର ସମ୍ବଳ ନାହିଁ । ଆମ ମଧ୍ୟରେ ବନ୍ଧୁତ୍ୱ ନ ଥିଲେ ମଧ୍ୟ ଆମେ ପଡୋଶୀ ଭାବେ ଦାୟିତ୍ୱ ସମ୍ପାଦନ କରିଛୁ । ଏବେ ଭାରତ ଏମାନଙ୍କର ଭରଣପୋଷଣ କରୁ ବୋଲି ସେ କହିଛନ୍ତି । ତାଲିବାନ ଶାସନକୁ ଆସିବା ପୂର୍ବରୁ ମଧ୍ୟ ଆଫଗାନିସ୍ତାନ ସହ ଆମର ଭଲ ସମ୍ପର୍କ ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ବ୍ରହ୍ମୋସ୍ ରେଞ୍ଜ୍‌ରେ ସମଗ୍ର ପାକିସ୍ତାନ: ରାଜନାଥ



ଲକ୍ଷ୍ନୌ, ୧୮ ।୧୦(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌରେ ପାକିସ୍ତାନକୁ ପୁଣି ଥରେ ଚେତାବନୀ ଦେଇଛନ୍ତି । ଅପରେସନ ସିନ୍ଦୂର ଶେଷ ହୋଇନାହିଁ ପାକିସ୍ତାନର ପ୍ରତି ଇଞ୍ଚର ସ୍ଥାନ ବ୍ରହ୍ମୋସ କ୍ଷେପଣାସ୍ତ୍ର ରେଞ୍ଜ ପରିସରରେ ରହିଛି । 'ଅପରେସନ ସିନ୍ଦୂର'ରେ ଯାହା ହୋଇଥିଲା ତାହା ମାତ୍ର ଟ୍ରେଲର ଥିଲା । ଭାରତ ପାକିସ୍ତାନକୁ ଯଦି ଜନ୍ମ ଦେଇପାରେ, ତେବେ ... ଆଗକୁ କିଛି କହିବାର ଆବଶ୍ୟକତା ନାହିଁ । ଆପଣ ଏହାକୁ ବୁଝି ପାରୁଥିବେ ବୋଲି ସେ କହିଛନ୍ତି । ରାଜନାଥ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌସ୍ଥିତ ବ୍ରହ୍ମୋସ ଏରୋସ୍ପେଶ୍ ୟୁନିଟ୍‌ରେ ଧନତେରାଶ ଦିନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ପର୍ଯ୍ୟାୟର ବ୍ରହ୍ମୋସ ମିସାଇଲକୁ ସବୁଜ ପତାକା ଦେଖାଇ ଦେଶକୁ ସମର୍ପିତ କରିଥିଲେ । ଏଥିସହ ଦୁଇ ନେତା ବ୍ରହ୍ମୋସ ଏରୋସ୍ପେଶ ୟୁନିଟ୍‌ରେ ଥିବା ବୁଷ୍ଟର ଓ ୱାରହେଡ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ । ଦୁଇଜଣ ସୁଖୋଇ ଲଢୁଆ ବିମାନରେ ବ୍ରହ୍ମୋସ ମିସାଇଲର ଆଭାସୀ ଆକ୍ରମଣକୁ ଦେଖିଥିଲେ । ଅନ୍ୟପଟେ ଯେକୌଣସି ସମୟରେ 'ଅପରେସନ ସିନ୍ଦୂର: ୨,୦' ଆରମ୍ଭ ହୋଇପାରେ ବୋଲି ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ।

# ଆତଙ୍କ ଖେଳାଉଛି ଭାରତ: ମୁନୀର

ଇସଲାମାବାଦ୍, ୧୮ ।୧୦(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀର ପୁଣିଥରେ ଭାରତ ବିରୋଧରେ ଉତ୍ତେଜକ ମନ୍ତବ୍ୟ ଦେଇଛନ୍ତି । ଭାରତ ପାକିସ୍ତାନରେ ଆତଙ୍କ ଖେଳାଉଛି ବୋଲି ସେ କହିଛନ୍ତି । ଆକାରରେ ବଡ଼ ହୋଇଥିବାରୁ ସୁରକ୍ଷିତ ଅଛି ବୋଲି ଭାରତ ଭାବୁଛି, କିନ୍ତୁ ଏହା ଭ୍ରମ । ପାକିସ୍ତାନ ପାଖରେ ଏଭଳି ଅସ୍ତ୍ର ଅଛି ଯାହାଦ୍ୱାରା ଭାରତର ଯେକୌଣସି ସ୍ଥାନରେ ଆକ୍ରମଣ କରିହେବ । ସେନା ଏକାଡେମୀ ପାସିଂ ପରେଡ୍‌ରେ ଯୋଗ ଦେବା ଅବସରରେ ମୁନୀର ଏହି କଥା କହିଛନ୍ତି । ଭାରତ ଓ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଛି । ତେଣୁ ଏଭଳି ସ୍ଥିତିରେ ଯୁଦ୍ଧର କୌଣସି ସ୍ଥାନ ନାହିଁ । ଯଦି ଦୁଇଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ ପାକିସ୍ତାନ ଆଶାଠାରୁ ଅଧିକ ଆକ୍ରମଣ କରିବ ବୋଲି ସେ ଭାରତକୁ ସତର୍କ କରାଇ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ମୁନୀରଙ୍କ ଏହି ଭିଡିଓ ଭାଇରାଲ ହୋଇଛି । ପାକିସ୍ତାନର ଏକ ଇଞ୍ଚ ବି ଶତ୍ରୁଦେଶକୁ ଦିଆଯିବ ନାହିଁ । ପାକିସ୍ତାନ ନିଜର ସୀମାକୁ ରକ୍ଷା କରିବାରେ ସମର୍ଥ । ଏଥିସହ ଜମ୍ମୁ-କଶ୍ମୀରରେ ଚାଲିଥିବା ଆତଙ୍କବାଦ ଓ ଅତ୍ୟାଚାରକୁ ମୁନୀର ନିନ୍ଦା କରିଥିଲେ ।

# ଆର୍ଥିକ ସକ୍ଷମଙ୍କୁ ମିଳିବନି ଭରଣପୋଷଣ: ହାଇକୋର୍ଟ

ନୂଆଦିଲ୍ଲୀ, ୧୮।୧୦ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଶନିବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଆର୍ଥିକ ଭାବେ ଆତ୍ମନିର୍ଭର ତଥା ସକ୍ଷମ ଏବଂ ସ୍ୱାଧୀନ ଜୀବନସାଥିଙ୍କୁ ଭରଣପୋଷଣ ଦିଆଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ସ୍ଥାୟୀ ଭରଣପୋଷଣ ସାମାଜିକ ନ୍ୟାୟର ଏକ ମାଧ୍ୟମ । ସକ୍ଷମ ଲୋକଙ୍କୁ ଧନୀ ବନାଇବାକୁ କିମ୍ବା ଆର୍ଥିକ ସମାନତାର ଏହା ମାଧ୍ୟମ ନୁହେଁ । ଜଷ୍ଟିସ ଅନିଲ କ୍ଷେତ୍ରପାଳ ଏବଂ ଜଷ୍ଟିସ ହରିଶ ବୈଧ୍ୟନାଥନ ଶଙ୍କଙ୍କ ଡିଭିଜନ ବେଞ୍ଚ କହିଥିଲେ ଯେ ଭରଣପୋଷଣ ବାବଦକୁ ଅର୍ଥ ମାଗୁଥିବା ସାଥିଙ୍କୁ ଆର୍ଥିକ ସହାୟତାର ଆବଶ୍ୟକତା ଥିବା ଦର୍ଶାଇବାକୁ ପଡ଼ିବ । ଏହି ମାମଲାରେ ପତ୍ନୀ ରେଲୱେ ଗ୍ରୁପର ଜଣେ ଅଧିକାରୀ । ସେ ବି ପର୍ଯ୍ୟାପ୍ତ ଆୟ କରୁଛନ୍ତି । ଭରଣପୋଷଣ ମାଗିଥିବା ଜଣେ ମହିଳାଙ୍କ ଦାବିକୁ ଖାରଜ କରି ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ । ସ୍ୱାମୀ ଉତ୍ପୀଡ଼ନ ଦେଉଥିବା ଦର୍ଶାଇ ଛାଡ଼ପତ୍ର ଦାବି କରିଥିଲେ । ସେ ୧୨ କୋଟି ଟଙ୍କା, ମୁମ୍ବାଇରେ ଏକ ଫ୍ଲାଟ ଏବଂ ବିଏମ୍‌ଡବ୍ଲ୍ୟୁ କାର ମାଗିଥିଲେ ।

### 'ଏହା ନ୍ୟାୟର ଏକ ମାଧ୍ୟମ; ଧନୀ ହେବାର ନୁହେଁ'

ତେବେ ପରିବାର କୋର୍ଟ ଭରଣପୋଷଣ ଦେବାକୁ କହିଥିଲେ । ମାତ୍ର ସ୍ୱାମୀ ଏହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ । ହାଇକୋର୍ଟ ଏହି ମାମଲାରେ କହିଥିଲେ ଯେ ଆବେଦନକାରୀ ଆର୍ଥିକ ଭାବେ ଆତ୍ମନିର୍ଭର ଥିଲେ ହିନ୍ଦୁ ବିବାହ ଆଇନ ଅନୁଯାୟୀ ନ୍ୟାୟିକ ବିବେକକୁ ବ୍ୟବହାର କରାଯାଇପାରିବ ନାହିଁ । ସୂଚନା ଅନୁଯାୟୀ ମହିଳା ରେଲୱେ କର୍ମଚାରୀ ଥିବାବେଳେ ତାଙ୍କ ପତି ଜଣେ ଓକିଲ । ଉଭୟେ ୨୦୧୦ ଜାନୁଆରୀରେ ବିବାହ କରି ୧୪ ମାସ ପରେ ଅଲଗା ହୋଇଯାଇଥିଲେ । ମାନସିକ କ୍ରୁରତା, ଶାରୀରିକ ନିର୍ଯାତନା, ଅପମାନଜନକ ଭାଷା ବ୍ୟବହାର କରୁଥିବା ମହିଳା ଅଭିଯୋଗ କରିଥିଲେ । ପରିବାର କୋର୍ଟ ମହିଳାଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ଥିଲେ । ତେବେ ହାଇକୋର୍ଟ ଭିନ୍ନ ରାୟ ଦେଇ କହିଥିଲେ ଯେ ମହିଳା ନିଜ ଶାଶୁଶଶୁରଙ୍କ ପ୍ରତି ଅପମାନଜନକ ଭାଷା ପ୍ରୟୋଗ କରିଛନ୍ତି । ଏହା ମଧ୍ୟ ମାନସିକ ଉତ୍ପୀଡ଼ନ ସହ ସମାନ । ଶେଷରେ ସ୍ଥାୟୀ ଭରଣପୋଷଣ ଭତ୍ତା ଦେବାକୁ କୋର୍ଟ ମନା କରିଦେଇଥିଲେ ।

# ଦୁର୍ନୀତି ପାଇଁ ୯ ଚୀନ୍ ସେନା ଅଧିକାରୀ ବରଖାସ୍ତ

ବେଜିଂ, ୧୮ ।୧୦(ଏଜେନ୍ସି): ଦୁର୍ନୀତି ଅଭିଯୋଗରେ ଚୀନ୍‌ରେ ଦୁଇଜଣ ଆଗଧାଡ଼ିର ଅଫିସରଙ୍କ ସମେତ ମୋଟ ୯ଜଣ ସେନା ଅଧିକାରୀଙ୍କୁ ବରଖାସ୍ତ କରାଯାଇଛି । ଏମାନଙ୍କ ମଧ୍ୟରେ ଜେନେରାଲ ହେ ୱେଇଡଙ୍ଗ ଓ ନୌସେନା ଆଡମିରାଲ ମିଆଓ ସାମିଲ ଅଛନ୍ତି । ଦୁର୍ନୀତି ଅଭିଯୋଗରେ ଏମାନଙ୍କୁ ସେନା, କମ୍ୟୁନିଷ୍ଟ ପାର୍ଟିରୁ ବିଦା କରାଯାଇଛି । ୨୦୨୩ରେ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ଦୁର୍ନୀତି ନିବାରଣ ଅଭିଯାନ ଆରମ୍ଭ ହେବା ପରେ ଏହା ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି । ୱେଇଡଙ୍ଗ ଚୀନର ସେଣ୍ଟ୍ରାଲ ମିଲିଟାରୀ କମିଶନ (ସିଏମ୍‌ସି) ଭାଇସ ଚେୟାରମ୍ୟାନ ଦାୟିତ୍ୱରେ ଥିଲେ । ଚୀନ ପିପୁଲ୍ସ ଲିବେରସନ ଆର୍ମିର ଏହା ଦ୍ୱିତୀୟ ସମ୍ମାନଜନକ ତଥା ମର୍ଯ୍ୟାଦାସମ୍ପର୍ଣ୍ଣ ପଦ ବିବେଚିତ ହେଉଛି । ସେହିପରି ମିଆଓ ଜଣେ ନୌସେନା ଆଡମିରାଲ ଓ ସେନାର ପୂର୍ବତନ ରାଜନୈତିକ ବ୍ୟକ୍ତିତ୍ୱ ।

# 'ଇଣ୍ଡିଆ' ମେଣ୍ଟରେ ଫାଟ: ୧୦ ଆସନରେ ମୁହାଁମୁହିଁ, ଏକାକୀ ଲଢ଼ିବ ଜେଏମ୍ଏମ୍

ପାଟନା, ୧୮।୧୦ (ଏଜେନ୍ସି): ବିହାର ନିର୍ବାଚନ ପାଇଁ 'ଇଣ୍ଡିଆ' ମେଣ୍ଟର କଳି ଛିଡ଼ିପାରୁ ନାହିଁ । ଏପରି ସମୟରେ ଏହି ବିରୋଧୀଙ୍କ ମହାମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି । ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ମେଣ୍ଟରୁ ସମ୍ପର୍କ ଛିନ୍ନ କରିଛି । ବିହାରରେ ଏକାକୀ ନିର୍ବାଚନ ଲଢ଼ିବାକୁ ଜେଏମଏମ ପକ୍ଷରୁ ଶନିବାର ଘୋଷଣା କରାଯାଇଛି । ଦଳ ୬ଟି ଆସନରେ ପ୍ରାର୍ଥୀ ଦେବ ବୋଲି କୁହାଯାଇଛି । ଜେଏମଏମ ସାଧାରଣ ସମ୍ପାଦକ ସୁପ୍ରିୟା ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଦଳ ନିଜ କ୍ଷମତା ବଳରେ ବିହାରରେ ଲଢିବାକୁ ନିଷ୍ପତ୍ତି ନେଇଛି । ଚକାଇ, ଧମଦାହବା, କଟୋରିଆ, ମନିହାରୀ, ଜମୁଇ ଏବଂ ପିରପେନ୍ତୋରେ ନିଜ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିବ । ଏଥିପାଇଁ ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରାଯାଇଛି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହାର ନେତୃତ୍ୱ ନେବେ । ଜେଏମଏମର ଜଣେ ବରିଷ୍ଠ ନେତା କହିଛନ୍ତି ଯେ ମହାମେଣ୍ଟକୁ ଲଢ଼ିବା ପାଇଁ ସିଟ୍ ଦେବାକୁ କୁହାଯାଇଥିଲା । କିନ୍ତୁ ଇଣ୍ଡିଆ ମେଣ୍ଟ ଜେଏମଏମକୁ ଆସନ ଦେବାକୁ ମନା କରିଦେଇଥିଲା । ତେଣୁ ଦଳ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲା ।

ପୂର୍ବରୁ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ ଟଣାଓଟରା ଜାରି ରହିଛି । ଏବେ କଂଗ୍ରେସ କଳି ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି । ଟିକଟ ପାଇ ନ ଥିବା ଗୋଷ୍ଠୀ ଶନିବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ଶୀଘ୍ର ମହାମେଣ୍ଟ ଭାଙ୍ଗିଯିବ ବୋଲି କହିଛନ୍ତି । ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ ଏବଂ ପ୍ରଭାରୀ କୃଷ୍ଣା ଅଲାବରୁ ଟିକଟ ବିକ୍ରି କରୁଥିବା ଅସନ୍ତୁଷ୍ଟ ନେତାମାନେ ଅଭିଯୋଗ କରୁଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଖଗଡ଼ିଆ ବିଧାୟକ ଛତ୍ରପତି ଯାଦବ, ବରବିଘାରୁ ଗଜାନନ୍ଦ ସାହି, ଯୁବ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନାଗେନ୍ଦ୍ର ପାଶ୍ୱାନ, ବାଙ୍କା ଜିଲ୍ଲାଧ୍ୟକ୍ଷ କଞ୍ଚନା କୁମାରୀ ସିଂହଙ୍କ ସମେତ ଅନ୍ୟ ନେତା ଉପସ୍ଥିତ ଥିଲେ । କଂଗ୍ରେସ ନେତା ବଣ୍ଟି ଚୌଧୁରୀ କହିଥିଲେ ଯେ ମେଣ୍ଟ ଖୁବଶୀଘ୍ର ଭାଙ୍ଗିଯିବ । ପ୍ରଭାରୀଙ୍କ ପାଇଁ ଏପରି ହୋଇଛି । ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିନାହାନ୍ତି । ଏମାନେ 'ଭୋଟ ଚୋର, ଗଦି ଛାଡ଼' ସ୍ଲୋଗାନ ଦେଇଥିଲେ, କିନ୍ତୁ ଆମେ 'ଟିକଟ ଚୋର, ପଦ ଛାଡ଼' କଥା କହୁଛୁ ।

ତେବେ ୧୦ ଆସନରେ ଉଭୟ ଦଳ ମୁହାଁମୁହିଁ ହୋଇଛନ୍ତି । ପ୍ରଥମ ପର୍ଯ୍ୟାୟର ୧୨୧ ସିଟ୍ ପାଇଁ ମହାମେଣ୍ଟର ୧୨୫ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଆରଜେଡି ୭୨, କଂଗ୍ରେସ ୨୪, ବାମଦଳ ୨୧, ଭିଆଇପି ୬ ଏବଂ ଆଇଆଇପି ୨ ସିଟରେ ନାମାଙ୍କନ ଦାଖଲ କରିଛି । ବୈଶାଳୀ, ଲାଲଗଞ୍ଜ, ବାରିସଲିଗଞ୍ଜ, କହଲଗାଁଓରେ ଆରଜେଡି ଓ କଂଗ୍ରେସ, ତାରାପୁର, ଗୌରା ବୌରମରେ ଆରଜେଡି ଓ ଭିଆଇପି, ବଛୱାଡ଼ା, ରାଜାପକଡ, ରୋସଡା, ବିହାର ସରିଫରେ ସିପିଆଇ ଓ କଂଗ୍ରେସ ଅଲଗା ଅଲଗା ପ୍ରାର୍ଥୀ ଦେଇଛନ୍ତି ।

### ଏନ୍‌ଡିଏ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ

ବିହାରର କ୍ଷମତାସୀନ ଏନ୍‌ଡିଏ ମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି । ନିର୍ବାଚନୀ ଲଢ଼େଇ ପୂର୍ବରୁ ଏନ୍‌ଡି ହିଟ୍‌ୱିକେଟ ହୋଇଯାଇଛି । ଏନ୍‌ଡିଏ ଗୋଟିଏ ଆସନ ହରାଇ ଦେଇଛି । ଏନ୍‌ଡିଏ ମେଣ୍ଟର ସଦସ୍ୟ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ)କୁ ଛପରା ଜିଲ୍ଲା ମଢୌରା ଆସନ ମିଳିଥିଲା । ଏହି ଆସନରୁ ଏଲଜେପିଆର ଅଭିନେତ୍ରୀ ସୀମା ସିଂହଙ୍କୁ ପ୍ରାର୍ଥୀ କରିଥିଲା । କିନ୍ତୁ ସୀମାଙ୍କ ପାର୍ଥିପତ୍ର ନାକଚ ହୋଇଯାଇଛି । ଫଳରେ ରାଜନୀତିର ମୈଦାନରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସୀମା ହିଟ୍-ୱିକେଟ ହୋଇଯାଇଛନ୍ତି । ପ୍ରାର୍ଥିପତ୍ରର ଯାଞ୍ଚ ସମୟରେ ସୀମା ଦେଇଥିବା ପ୍ରମାଣପତ୍ରରେ ତ୍ରୁଟି ଥିବା ଜଣାପଡ଼ିଥିଲା ।

# କୋର୍ଟରୁ ଡେଇଁ ମହିଳା ଷ୍ଟେନୋଙ୍କ ଆତ୍ମହତ୍ୟା

କାନପୁର, ୧୮।୧୦ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁର କୋର୍ଟର ଷଷ୍ଠ ମହଲାରୁ ଡେଇଁ ଜଣେ ମହିଳା ଷ୍ଟେନୋ ଆତ୍ମହତ୍ୟା କରିଛନ୍ତି । ମହିଳା ପଡ଼ିବା ପରେ କୋର୍ଟରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା । ଗୁରୁତର ଅବସ୍ଥାରେ ପୁଲିସ କର୍ମଚାରୀ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇ ଥିଲେ । କୌଣସି ଏକ ମାମଲାକୁ ନେଇ ମହିଳା ଦୀର୍ଘ ଦିନ ହେଲା ଚିନ୍ତିତ ଥିଲେ ବୋଲି କୁହାଯାଉଛି । ତେବେ କୋର୍ଟ କର୍ମଚାରୀ ଉତ୍ପୀଡ଼ନ ଦେଇଥିବା ପୀଡ଼ିତାଙ୍କ ଜେନେ ଅଭିଯୋଗ କରିଛନ୍ତି । ସେ କହିଥିଲେ ଯେ ୪ ମାରସ ହେଲା ନାତୁଣୀ ଏଠାରେ ଚାକିରି କରିଥିଲା । ସେ ନିଜ ମାଆଙ୍କୁ ଫୋନ କରି ସବୁ କଥା କହିଥିଲା । ନାତୁଣୀ ଆତ୍ମହତ୍ୟା କରିନାହିଁ । ଷଷ୍ଠ ମହଲାରୁ ପକାଇ ତାକୁ ହତ୍ୟା କରାଯାଇଛି । ଏହି ମାମଲାର ଯାଞ୍ଚ ହେବା ଉଚିତ । ପ୍ରଥମେ ଆମକୁ ଦୁର୍ଘଟଣା ହୋଇଥିବା ସୂଚନା ଦିଆଯାଇଥିଲା । ଏହି ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିବା କୋତୱାଲି ପୁଲିସ ଏବଂ ଫରେନସିକ ଟିମ୍ ମାମଲାର ତଦନ୍ତ କରୁଛି । ସୂଚନା ଅନୁଯାୟୀ ଘାଟମପୁରର କୋଟରା ମକରନ୍ଦପୁର ବାସିନ୍ଦା ନେହା (୩୦) ସିଭିଜ ଜଜ୍ ସିନିୟର ଡିଭିଜନ କୋର୍ଟରେ ଷ୍ଟେନୋ ଭାବେ କାର୍ଯ୍ୟ କରୁଥିଲେ । ସେ ଶନିବାର ଦ୍ୱିପହରେ ଏଭଳି ଚରମ ପଦକ୍ଷେପ ନେଇଥିଲେ । ପୁଲିସ କମିଶନର ରଘୁବୀର ଲାଲ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

# ଚାନ୍ଦଶୈଳୀ ଘାଟୀରୁ ଖସିଲା ଗାଡ଼ି; ୮ ଶ୍ରଦ୍ଧାଳୁ ମୃତ

ମୁମ୍ବାଇ, ୧୮ ।୧୦(ଏଜେନ୍ସି): ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲାର ଚାନ୍ଦଶୈଳୀ ଘାଟୀରେ ଶନିବାର ଏକ ଗାଡ଼ି ଖାଇକୁ ଖସିପଡ଼ିଥିଲା । ଏଥିରେ ୮ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଅଛନ୍ତି ବୋଲି କୁହାଯାଉଛି । ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି । ଅଷ୍ଟମ୍ବା ଋଷି ତୀର୍ଥସ୍ଥଳ ଭ୍ରମଣ କରି ଶ୍ରଦ୍ଧାଳୁମାନେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଶାହାଦା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା । ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତରମାନେ ତୁରନ୍ତ ଚିକିତ୍ସା ଆରମ୍ଭ କରିଛନ୍ତି । ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ପୂର୍ବରୁ ମଧ୍ୟ ଚାନ୍ଦଶୈଳୀ ଘାଟୀ ରାସ୍ତାରେ ବୁଲାଣି ଓ ଗଡ଼ାଣି ଥିବା କାରଣରୁ ଏକାଧିକ ବାର ଦୁର୍ଘଟଣା ଘଟିଛି । ଗାଡ଼ିରେ ବସିଥିବା ସବୁ ଲୋକ ନନ୍ଦୁରବାର ଜିଲ୍ଲାର ନିବାସୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ତେବେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳିନାହିଁ ।

# ଢାକା ବିମାନ ବନ୍ଦରରେ ନିଆଁ; ସବୁ ଉଡ଼ାଣ ବାତିଲ୍



ଢ଼ାକା, ୧୮ ।୧୦(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାର ହଜରତ ଶାହାଜଲାଲ ଅନ୍ତର୍ଜାତୀୟ ବିମାନ ବନ୍ଦରର କାର୍ଗୋ ଅଞ୍ଚଳରେ ଶନିବାର ଅପରାହ୍ଣ ୩ଟାରେ ନିଆଁ ଲାଗିଛି । ନିଆଁ ଦ୍ରୁତଗତିରେ ବ୍ୟାପୀ ଯାଇଥିଲା । ଫଳରେ ବିମାନ ବନ୍ଦର କର୍ତ୍ତୃପକ୍ଷ ସବୁ ବିମାନର ଉଡ଼ାଣକୁ ବାତିଲ କରିଥିଲେ । ଦିଲ୍ଲୀରୁ ଢ଼ାକା ଯାଉଥିବା ବିମାନର ରୁଟ୍ ପରିବର୍ତ୍ତନ କରାଯାଇଛି ଓ ଏହାକୁ କୋଲକାତା ପଠାଯାଇଛି । ଅପରାହ୍ଣ ୨.୩୦ରେ ୮ ନଂ ଗେଟ୍ ନିକଟରେ ଥିବା କାର୍ଗୋ ଭିଲେଜରେ ନିଆଁ ଲାଗିଥିଲା ବୋଲି ଫାୟାର ସର୍ଭିସ ତରଫରୁ କୁହାଯାଇଛି । ଏପର୍ଯ୍ୟନ୍ତ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । କିନ୍ତୁ ବହୁ ପରିମାଣର ଜିନିଷ କ୍ଷତିଗ୍ରସ୍ତ ହୋଇଛି । ନିଆଁ ଲାଗିବା ପରେ ପ୍ରବଳମାତ୍ରାରେ କଳା ଧୂଆଁ ବାହାରିଥିଲା ଓ ଆଖପାଖରେ ବାୟୁ ପ୍ରଦୂଷିତ ହୋଇଥିଲା । ଫଳରେ ଲୋକେ ନିଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ବିମାନ ବନ୍ଦର ସବୁ ବିମାନ ସୁରକ୍ଷିତ ରହିଛି ବୋଲି କୁହାଯାଇଛି ।

# ଗରିବ ରଥ ଟ୍ରେନ୍‌ରେ ଲାଗିଲା ନିଆଁ



ଲୁଧିଆନା, ୧୮ ।୧୦ (ଏଜେନ୍ସି): ପଞ୍ଜାବ ଲୁଧିଆନାରୁ ବିହାରର ସହରସା ଯାଉଥିବା ଗରିବ ରଥ ଟ୍ରେନ୍‌ରେ ଶନିବାର ସକାଳେ ନିଆଁ ଲାଗିଛି । ପଞ୍ଜାବର ସରହିନ୍ଦ ଷ୍ଟେସନ ନିକଟରେ ଏହି ଘଟଣା ଘଟିଛି । ଟ୍ରେନ୍‌ର ୧୯ ନଂ ଏସି ବଗିରେ ସର୍ଟ ସର୍କିଟ କାରଣରୁ ନିଆଁ ଲାଗିଛି ବୋଲି କୁହାଯାଇଛି । ଏହି ଟ୍ରେନ୍‌ରେ ଲୁଧିଆନାର କେତେଜଣ ବଡ଼ ବ୍ୟବସାୟୀ ଯାତ୍ରା କରୁଥିଲେ । ୧୯ ନଂ ବଗିରେ ନିଆଁ ଲାଗିବା ମାତ୍ରେ ଯାତ୍ରୀ ଚେନ୍ ଟାଣି ଟ୍ରେନ୍‌କୁ ରୋକିବାକୁ ସକ୍ଷମ ହୋଇଥିଲେ । ଟ୍ରେନ୍ ରହିବା ପରେ ଯାତ୍ରୀମାନେ ତଳକୁ ଓହ୍ଲାଇ ନିଜ ଜିନିଷ ଛାଡି ସେଠାରୁ ଦୌଡ଼ିବାକୁ ଆରମ୍ଭ କରିଥିଲେ । ତରବରର ଏହି ପ୍ରକ୍ରିୟାରେ କେତେଜଣ ଯାତ୍ରୀ ଆହତ ମଧ୍ୟ ହୋଇଥିଲେ । ଜଣେ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି । କେତେକ ଯାତ୍ରୀ ନିଜ ପିଲାଙ୍କ ଯାତ୍ରା କରୁଥିଲେ । ସେପଟେ ସୂଚନା ମିଳିବା ମାତ୍ରେ ହିଁ ଦମକଳ ଦଳ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏକ ଘଣ୍ଟା ମଧ୍ୟରେ ନିଆଁକୁ କାବୁ କରାଯାଇଥିଲା । ୧୯ ନଂ ବଗି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା । ୧୮ ନଂ ବଗି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଜଳିଯାଇଥିବା ବଗିକୁ ହଟାଇବା ପରେ ଟ୍ରେନ୍ ପୁଣି ଚାଲିଥିଲା ।

# ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୧୮।୧୦(ସମିସ): ରାଜଧାନୀ ଭୁବନେଶ୍ୱରର ଅଶୋକ ନଗର ଅଞ୍ଚଳରେ ଶୁକ୍ରବାର ଜଣେ ୧୭ ବର୍ଷୀୟ ଝିଅକୁ ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶଙ୍ଖ



- ୧୬ ମାସରେ ୩୭,୦୦୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା
- ରାଜଧାନୀର ଛାତି ଉପରେ ଗଣଦୁଷ୍କର୍ମ କରି ଫିଙ୍ଗି ଦିଆଯାଉଛି
- ପଶ୍ଚିମବଙ୍ଗ ଦୁଷ୍କର୍ମ ମାମଲାରେ ତତ୍ପରତା; ରାଜ୍ୟ ମାମଲାରେ ନିରବତା

ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହିଳା ଜନତା ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ବରିଷ୍ଠ ସାଧାରଣ ସମ୍ପାଦକ ସୁମିତ୍ରା ଜେନା ଏବଂ ସାଧାରଣ ସମ୍ପାଦକ ରଞ୍ଜିତା ସାହୁ ଗତ ୧୬ ମାସର ବିଜେପି ଶାସନରେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ସୁଲତା ଦେଓ କହିଛନ୍ତି ଯେ ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଜଣେ ୧୭ ବର୍ଷର ଝିଅକୁ ଗଣଦୁଷ୍କର୍ମ କରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗି ଦିଆଯାଉଛି; କିନ୍ତୁ ପୁଲିସ ପ୍ରଶାସନ ଜାଣି ପାରୁନି। ରାଜଧାନୀର ଛାତି ଉପରେ ଯଦି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହଁନ୍ତି, ତା'ହେଲେ ଅନ୍ୟ ଜାଗାରେ କିଭଳି ସୁରକ୍ଷା ପ୍ରଦାନ କରି ପାରିବେ। ରାଜ୍ୟରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି। ରାଜ୍ୟରେ ଗତ ୧୬ ମାସରେ ୩୭,୭୫୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଯାହା ଭିତରେ, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ରହିଛି। ବିରୋଧୀ ଦଳମାନଙ୍କ ପକ୍ଷରୁ ଏଥିନେଇ ବିଧାନସଭାରେ ଓ ବାହାରେ ସ୍ୱର ଉତ୍ତୋଳନ କରାଯାଇ ଆସୁଥିଲେ ମଧ୍ୟ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି।

ସୁମିତ୍ରା ଜେନା କହିଥିଲେ ଯେ ଅଶୋକ ନଗର ଗଣଦୁଷ୍କର୍ମ ଘଟଣାରେ ପୁଲିସ ସ୍ପଷ୍ଟୀକରଣ ଦେଇ ଏହା ଏକ ସେକ୍ସ ରାକେଟ ମାମଲା ବୋଲି କହୁଛି। କିନ୍ତୁ ଯଦି ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ସେକ୍ସ ରାକେଟ ଚାଲୁଛି, ତା'ହେଲେ ପୁଲିସ ଏଠାରେ କରୁଛି କଣ? ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି; କିନ୍ତୁ ସରକାରଙ୍କର ଏଥିପ୍ରତି ନିଘା ନାହିଁ।

ରଞ୍ଜିତା ସାହୁ କହିଥିଲେ ଯେ ପଶ୍ଚିମବଙ୍ଗରେ ଓଡ଼ିଆ ଝିଅର ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାର ତତ୍ପରତା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ପୀଡ଼ିତା ସହିତ କଥା ହୋଇ ତାଙ୍କ ବାର୍ତ୍ତାଳାପର ଭିଡିଓ ଗଣମାଧ୍ୟମରେ ଛାଡ଼ିଲେ। ରାଜ୍ୟ ମହିଳା କମିସନ ସେଠାକୁ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟିଲେ। କିନ୍ତୁ ରାଜ୍ୟରେ ପ୍ରତିଦିନ କେହି ନା କେହି ମହିଳା ଦୁଷ୍କର୍ମର ଶୀକାର ହେଉଛନ୍ତି। ନା ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ କଥା ହେଉଛନ୍ତି ନା ରାଜ୍ୟ ମହିଳା କମିସନ ସେମାନଙ୍କ ନିକଟକୁ ଯାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣାରେ ସରକାର ରାଜନୀତି କରିବାକୁ ପଛାଉ ନାହାନ୍ତି। ପଶ୍ଚିମବଙ୍ଗରେ ଦୁଷ୍କର୍ମ ମାମଲାରେ ରାଜ୍ୟ ସରକାର ତତ୍ପରତା ଦେଖାଉଥିବା ବେଳେ ରାଜ୍ୟରେ ହେଉଥିବା ମାମଲା ଗୁଡିକରେ ନିରବତା ଅବଲମ୍ବନ କରୁଛନ୍ତି। ଏହା ରାଜ୍ୟ ସରକାରଙ୍କ ହୀନ ରାଜନୀତି ବୋଲି ଶ୍ରୀମତୀ ସାହୁ କହିଥିଲେ।

# ସାଇବର ଅପରାଧ ରୋକିବା ପାଇଁ ସଚେତନତା ସବୁଠୁ ଶକ୍ତିଶାଳୀ ଅସ୍ତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧୦(ସମିସ): ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ହେଉଛି ସବୁଠାରୁ ବଡ଼ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ହଜାର ହଜାର ଅଭିଯୋଗକାରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି। ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ

- ସାଇବର ସୁରକ୍ଷା ପାଇଁ ସୃଷ୍ଟି ହେବ ୧୧୨୭ ପୁଲିସ ପଦ
- ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ

ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ପୁଲିସ ଷ୍ଟେସନ କାର୍ଯ୍ୟକ୍ଷମ ହେବ। ଏଥିସହ ପୂର୍ବରୁ ଥିବା ୧୪ଟି ସାଇବର ପୁଲିସ ଷ୍ଟେସନର ଆଧୁନୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ର ପାଇଁ ୧୧୨୭ଟି ନୂତନ ପୁଲିସ ପଦ ସୃଷ୍ଟି କରାଯିବା ସହ ୧୭୦ଜଣ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ ଏବଂ ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ରାଜ୍ୟ ସ୍ତରୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶ୍ର ୫୫ ପ୍ରତିଶତ ଲୋକ ଆଜି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଆଜି ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧର ଶୀକାର ହେବାକୁ ପଡୁଛି। ଏହି ଅପରାଧକୁ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି ଏବଂ ଏଥିପାଇଁ ଆମ ସରକାର ସାଇବର ପୁଲିସଙ୍କୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି। କିନ୍ତୁ ଅଧିକାଂଶ ସାଇବର ଠକାମୀର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ପଡିବ, ସଚେତନ ହେବାକୁ ପଡିବ। ଜନସାଧାରଣଙ୍କୁ ସଚେତନ କରିବା




ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନ କରାଯିବ। ସେଥିପାଇଁ ଏହି ଅଭିଯାନରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୬ଟି ସଚେତନତା ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥଗୁଡିକ ନୂଆପଡା ଜିଲ୍ଲାକୁ ଛାଡି ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଏକ ମାସ ଧରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ଓ ଛାତ୍ରଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଗୁପୁର ୪ ଭାଇଙ୍କୁ ହତ୍ୟା ମାମଲା

# ଦୁଇ ଜଣଙ୍କୁ ଆଜୀବନ

ଆନନ୍ଦପୁର, ୧୮।୧୦(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମୁଗୁପୁର ଗ୍ରାମର ବହୁଚର୍ଚ୍ଚିତ ଚାରି ଭାଇଙ୍କୁ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସମହାପାତ୍ର ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଦ୍ୱୟ ହେଲେ, ଦାମୋଦର ଓଝା(୪୯) ଓ ଧନେଶ୍ୱର ଓଝା(୫୨)। ସେହିପରି ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ଏହି ମାମଲାରେ ଅନ୍ୟ ଚାରି ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାଯାଇଛି।

ଗତ ୨୦୦୨ ମସିହାରେ ଏହି ବର୍ବରୋଚିତ ହତ୍ୟାକାଣ୍ଡ ଘଟିଥିଲା। ମୁଗୁପୁରର ୪ ଭାଇଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ସମ୍ପର୍କରେ ସାନଭାଇ ମାଧବାନନ୍ଦ ଦଳେଇ ଆନନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଆନନ୍ଦପୁରର ଅତିରିକ୍ତ ସରକାରୀ ଆଇନଜୀବୀ ସୌମିତ୍ରୀ କୁମାର ରାଉତ ଓ ସ୍ୱତନ୍ତ୍ର ସରକାରୀ ଓକିଲ ବାଇଧର ସେଠୀ ମାମଲା ପରିଚାଳନା କରୁଥିଲେ।

■ ଦ୍ୱାରାଶୁଣି ଘାଟିରେ ପୁଣି ଅଘଟଣ

# କାର୍ ଉପରେ ଓଲଟି ପଡ଼ିଲା ବସ୍

ବାରିପଦା, ୧୮।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ୪୯ନଂ ଜାତୀୟ ରାଜପଥର ବାଙ୍ଗିରିପୋଷି ନିକଟ ଦ୍ୱାରାଶୁଣି ଘାଟିରେ ଶୁକ୍ରବାର ଅପରାହ୍ଣରେ ଏକ ଚଳନ୍ତା କାର୍ ଉପରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଏଥିରେ କାର୍ ଚାଳକଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅଗ୍ନିଶମବାହିନୀ ସହାୟତାରେ ବାଙ୍ଗିରିପୋଷି ପୁଲିସ ଆହତମାନଙ୍କୁ ପ୍ରଥମେ ବାଙ୍ଗିରିପୋଷି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ପରେ ସେଠାରୁ ୨ ଗୁରୁତରଙ୍କୁ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାର୍‌କୁ ଜବତ କରିଛି। ସୂଚନାନୁଯାୟୀ, ଦ୍ୱାରାଶୁଣି ଘାଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ କିଛି ଦିନ ହେବ ଟ୍ରାଫିକ ଜାମ ଲାଗି ରହିଛି। ଶନିବାର ଅପରାହ୍ଣରେ ଶ୍ରୀ ଗଣେଶ ନାମକ ଯାତ୍ରୀବାହୀ ବସ୍ ଡିଗିରୁ ବାରିପଦା ଅଭିମୁଖେ ଆସୁଥିଲା। ଘାଟି ରାସ୍ତାରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ମାଡ଼ିଯାଇ ପାହାଡ଼ ସହ ଧକ୍କା ହୋଇ ଚଳନ୍ତା କାର୍ ଉପରେ ଓଲଟି ପଡ଼ିଥିଲା। କାର୍ ଭିତରେ ଚାଳକ ଦେବବ୍ରତ ମହାପାତ୍ର ଓ ମୁକେଶ ବିଶ୍ୱାଳ ଥିଲେ। ଦୁହେଁ ଏକ ଔଷଧ କମ୍ପାନୀର ପ୍ରତିନିଧି। ରାଇରଙ୍ଗପୁରରୁ କାମ ସାରି ସେମାନେ ବାଲେଶ୍ୱର ଫେରୁଥିବା ବେଳେ ଏହି ଅଘଟଣ ଘଟିଥଲା।

# ଜଳପ୍ରପାତରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ମୃତ

ବାରିପଦା,୧୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦଦେଶ ଖୁଣ୍ଟା ଥାନା ଭୋଳଗଡ଼ିଆ ପଞ୍ଚାୟତ ଅଧୀନରେ ଥିବା ଟୁଙ୍କି ଜଳପ୍ରପାତରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ, ମୁର୍ଗାବାଡିର ଅମିତ କୁମାର ପାତ୍ରଙ୍କ ପୁଅ ସୌମିତ(୧୮)। ସେ ବାରିପଦାର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଦ୍ୱିତୀୟବର୍ଷ ଛାତ୍ର।

ଶନିବାର ସୌମିତ ତାଙ୍କ ସାଙ୍ଗ ଭଞ୍ଜପୁର ଅଞ୍ଚଳର ସଚ୍ଚିଦାନନ୍ଦ କର ସ୍କୁଟିରେ ଟୁଙ୍କି ଜଳପ୍ରପାତ ବୁଲି ଯାଇଥିଲେ। ପହଁରା ଜାଣିନଥିବା ସୌମିତ ମଧ୍ୟାହ୍ନରେ ରିଲ୍ କରିବା ବେଳେ ଜଳପ୍ରପାତ କୁଣ୍ଡରେ ବୁଡି ଯାଇଥିଲେ। ୧୦ ଫୁଟ୍ ଗଭୀରରୁ ଖୁଣ୍ଟା ଦମକଳ ବାହିନୀ ସୌମିତଙ୍କୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଜଳପ୍ରପାତ ଓ ଝରଣାରେ ପ୍ରତିବର୍ଷ ଏକାଧିକ ଯୁବକଙ୍କ ଏପରି ମୃତ୍ୟୁ ଘଟୁଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ସତର୍କ ସୂଚନା ବା ସଚେତନତା ବାର୍ତ୍ତା, ଗାଇଡଲାଇନ୍ ଅବଲମ୍ବନ ଜରୁରୀ ହୋଇପଡ଼ିଛି।

# ମାଓନେତା ସବ୍ୟସାଚୀ ଆଉଏକ ମାମଲାରେ ନିର୍ଦ୍ଦୋଷରେ ଖଲାସ

ଗୁଣପୁର, ୧୮।୧୦ (ସମିସ): ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ଥାନା ଅନ୍ତର୍ଗତ ଡିମିରିଗୁଡ଼ା ଅଞ୍ଚଳରୁ ବିଭିନ୍ନ ଲୋକଙ୍କ ଜମିରୁ ଧାନ ଜୋରଜବରଦସ୍ତ କାଟି ନେବା ମାମଲାରେ ମାଓ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶନିବାର ଏହି ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ୨୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଥିଲେ। ୨୦୦୧ ମସିହା ନଭେମ୍ବର ୧୧ରେ ଗୁଡ଼ାରୀ ଥାନା ଅଧୀନ ଡିମିରିଗୁଡ଼ା ଅଞ୍ଚଳର ୩ଜଣ ବ୍ୟକ୍ତିଙ୍କ ଧାନ ଜମିରୁ ଗ୍ରାମବାସୀ ଓ ମାଓବାଦୀ ଜୋରଜବରଦସ୍ତ ଧାନ ନେବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ମାଓନେତା ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇ ଗୁଡ଼ାରୀ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ମାଓନେତା ସବ୍ୟସାଚୀ ପଣ୍ଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ କହିଛନ୍ତି।

# କାର୍ତ୍ତିକ ପରେ ରତ୍ନ ଅଳଙ୍କାର ଗଣତିମଣତି

## କାର୍ତ୍ତିକ ସରିବାର ୧୫ ଦିନ ପରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ

ପୁରୀ, ୧୮।୧୦ (ସମିସ): ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି କାର୍ତ୍ତିକ ମାସ ପରେ କରାଯିବ। ରତ୍ନଭଣ୍ଡାରର ମରାମତି ଶେଷ ହୋଇ ଅଳଙ୍କାର ମୂଳ ରତ୍ନଭଣ୍ଡାରକୁ ଫେରିଛି। ଏବେ କାର୍ତ୍ତିକ ମାସ ଯୋଗୁଁ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ସହ ଭକ୍ତଙ୍କ ଭିଡ଼ ରହିଛି। ତେଣୁ କାର୍ତ୍ତିକ ପରେ ଗଣତିମଣତି କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ସୂଚନା ଦେଇଛନ୍ତି। ଶନିବାର ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏପରି କହିଛନ୍ତି। ସେହିପରି ଧାଡ଼ି ଦର୍ଶନ ସଂପର୍କରେ ସେ କହିଛନ୍ତି ଯେ କାର୍ତ୍ତିକ ମାସ ଶେଷ ହେବାର ପନ୍ଦର ଦିନ ପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପ୍ରଥମେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ଏବେ କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ତେଣୁ କାର୍ତ୍ତିକ ମାସ ପରେ ଏହା ଆରମ୍ଭ ହେବ।

ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତିକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡୁଛି। ରତ୍ନଭଣ୍ଡାର ମରାମତି ପାଇଁ ବାହାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା। ସେତେବେଳେ ବି ଗଣତିମଣତି କରାଯାଇ ପାରିଥାଆନ୍ତା। ହେଲେ ତାହା କରାଗଲା ନାହିଁ। ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରତ୍ନ ଅଳଙ୍କାର ରହିବା ପରେ ଉଭୟ ଭିତର ଓ ବାହାର ଭଣ୍ଡାର ଘର ମରାମତି ହୋଇଥିଲା। ମରାମତି ଶେଷ ହେବା ପରେ ପୁନଶ୍ଚ ଅସ୍ଥାୟୀ ଭଣ୍ଡାରଘରୁ ରତ୍ନ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ସେତେବେଳେ ମଧ୍ୟ ଗଣତିମଣତି କରାଯାଇ ଏହାକୁ ସୁରକ୍ଷିତ ଭାବେ ରଖାଯାଇ ପାରିଥାଆନ୍ତା। ହେଲେ ତାହା ମଧ୍ୟ କରାଗଲା ନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କୁ ବିରୋଧୀ, ଏପରିକି ଶ୍ରଦ୍ଧାଳୁମାନେ ମଧ୍ୟ ପ୍ରଶ୍ନ କରୁଛନ୍ତି। ଏପରିସ୍ଥଳେ ମନ୍ତ୍ରୀଙ୍କ ଆଜିର ଘୋଷଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ସେହିପରି ମନ୍ତ୍ରୀଙ୍କ ଧାଡ଼ି ଦର୍ଶନ ବ୍ୟବସ୍ଥା ସଂପର୍କରେ ଘୋଷଣା ନୂଆ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କାରଣ ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ତାରିଖ ପରେ ତାରିଖ ଦିଆଯାଇଛି। ଆଇନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ବିଭିନ୍ନ ତାରିଖକୁ ନେଇ ଗଣମାଧ୍ୟମ ସମ୍ମୁଖରେ ମତ ରଖିଛନ୍ତି। ହେଲେ, ଏ ପର୍ଯ୍ୟନ୍ତ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଅନ୍ଧାରରେ ଅଛନ୍ତି ଭକ୍ତ ଓ ସେବାୟତ। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯାଉଥିବା କହୁଥିବା ବେଳେ ବାସ୍ତବରେ ଏହା କେତେଦୂର ଫଳପ୍ରଦ ହେବ, ତାହା ସମୟ କହିବ।







● ଆଡ୍‌ଭୋକେଟ୍ କମିଟିର ଅନୁଧ୍ୟାନ

## ବଡ଼ ମେଡିକାଲ୍ ଅବ୍ୟବସ୍ଥା ନେଇ ଅସନ୍ତୋଷ

କଟକ,୧୮ ।୧୦(ସମିସ): ବିଭିନ୍ନ ସମୟରେ ଅଦାଲତଙ୍କ ଆଦେଶ ଅନୁପାଳନର ଅନୁଧ୍ୟାନ କରିବା ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଡଭୋକେଟ କମିଟି ଏସସିବି ମେଡିକାଲ କଲେଜ ଓ ହସପିଟାଲ ବୁଲି ଯାଞ୍ଚ କରୁଛନ୍ତି । ହାଇକୋର୍ଟ ଆଡଭୋକେଟ କମିଟି ମେଡିକାଲର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସସିବି ରେଡିଓଲୋଜି ବିଭାଗରେ ଦୁଇଟି ସିଟିସ୍କାନ ମେସିନ ସଠିକ ଭାବେ କାର୍ଯ୍ୟ କରୁଛି କି ନାହିଁ ଓ ଏହା ନିକଟରେ ସିସିଟିଭି ଓ ସୂଚନାଫଳକ ଲଗାଯିବା କାର୍ଯ୍ୟର ଯାଞ୍ଚ କରିଥିଲେ କମିଟି । ସ୍ତ୍ରୀ ଓ ପ୍ରସୂତି ବିଭାଗ, ହେମାଟୋଲୋଜି, ରେଡିଓଲୋଜି ଓ କାର୍ଡିଓଲୋଜି ବିଭାଗ ବୁଲିବା ସହ ଆହାର କେନ୍ଦ୍ରରେ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟ ଯାଞ୍ଚ କରିଥିଲେ କମିଟି ସଦସ୍ୟ । ନିଓନାଟାଲ କେୟାର ବିଭାଗରେ ପର୍ଯ୍ୟାପ୍ତ ଜାଗା ନଥିବା ଓ ମାନସମ୍ବଳ ଅଭାବ ଥିବା କମିଟି ଜାଣିବାକୁ ପାଇଥିଲା । ସେହିଭଳି ପୁରୁଣା ମେଡିସିନ ୱାର୍ଡରେ ରୋଗୀମାନେ ବାରଣ୍ଡାରେ ଚିକିତ୍ସିତ ହେଉଥିବା କମିଟି ଦେଖିବାକୁ ପାଇଛି । ଅନ୍ୟପଟରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସେଣ୍ଟ୍ରାଲ କିଚେନ ଓ ନନଟ୍ରମା ବିଭାଗରେ ସମସ୍ତ ସୁବିଧା କରାଯାଇଥିବା ନେଇ କମିଟି ସନ୍ତୋଷ ପ୍ରକାଶ କରିଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ମନୋଜ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ପରିଦର୍ଶନ କରିଥିବା କମିଟିରେ ଅଭିଜିତ ପଟ୍ଟନାୟକ, ସରୋଜ ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ । ମେଡିକାଲ ଅଧୀକ୍ଷକ, ମେଡିକାଲ କଲେଜ ଅଧ୍ୟକ୍ଷ ତିନ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଶିଶୁ ଭବନରେ ଆଡଭୋକେଟ୍ କମିଟିର ସଦସ୍ୟମାନେ ପହଞ୍ଚିଥିଲେ । ଡ୍ରେନ୍ ସଫେଇ ହୋଇ ନ ଥିବାରୁ ସେଠାକାର ପରିବେଶ ଯାଞ୍ଚ କରିଥିଲେ । ସିଏମ୍‌ସି ଓ ଆରଆଣ୍ଡବି ମଧ୍ୟରେ ଟଣାଓଟରା ଯୋଗୁଁ ତାହା ମରାମତି ହୋଇପାରୁ ନ ଥିବା ସୂଚନା ସଂଗ୍ରହ କରିଥିବା ବେଳେ ଏହାକୁ ନେଇ ହାଇକୋର୍ଟରେ ରିପୋର୍ଟ ଦାଖଲ ହେବ । ଆମିକସକ୍ୟୁରୀ (କୋର୍ଟମିତ୍ର) ବିଜୟ କୁମାର ଦାଶ, ହାଇକୋର୍ଟ ବାର ଆସୋସିଏସନ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ପ୍ରମୁଖ ଅନୁଧ୍ୟାନ କରିଥିଲେ । କମିଟିଙ୍କ ସହ ମେୟର ସୁବାସ ସିଂହ, ଶିଶୁ ଭବନ ଅଧୀକ୍ଷକଙ୍କ ସମେତ ସିଏମସିର ଡେପୁଟି କମିସନର (ପରିମଳ)ଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବିଲ୍ଡର୍ସ ଅଫିସକୁ ପଥର ମାଡ଼

କଟକ,୧୮ ।୧୦(ସମିସ): ଅନ୍ଦରପୁର ଅଞ୍ଚଳରେ ଥିବା ଜଣେ ବିଲ୍ଡର୍ସଙ୍କ କାର୍ଯ୍ୟାଳୟକୁ ପଥର ମାଡ଼ ହୋଇଛି । ବିଳମ୍ବିତ ରାତିରେ ଏଭଳି କାଣ୍ଡ ନେଇ ସଂସ୍ଥାର ମାଲିକାଣୀ ଦୀପ୍ତିମୟୀ ଭୋଳ ମଧୁପାଟଣା ଥାନାରେ ଏତଲା ଦେଇଛନ୍ତି । ଅନ୍ଦରପୁର ଅଞ୍ଚଳର ନବକିଶୋର ଭୋଳ ଠିକାଦାରୀ କାର୍ଯ୍ୟ କରନ୍ତି । ଅନ୍ଦରପୁର କେନାଲ ରୋଡରେ ତାଙ୍କର ଶାନ୍ତି ବିଲ୍ଡର୍ସ ନାମରେ ଅଫିସ ମଧ୍ୟ ରହିଛି । ଗତ ଶୁକ୍ରବାର ରାତିରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଅନୁପସ୍ଥିତିରେ ଅଫିସ ସଟରକୁ ପଥର ମାଡ କରିଥିଲେ । ମଧୁପାଟଣା ଥାନା ପୁଲିସ ଏନେଇ ସିସିଟିଭିରେ ରେକର୍ଡ ଯାଞ୍ଚ କରିଛି । ମାଲିକାଣୀଙ୍କ କହିବାନୁସାରେ, ସ୍ୱାମୀ ନବକିଶୋରଙ୍କୁ ନିକଟରେ ଅନ୍ଦରପୁର ଗ୍ରାମର ନୂତନ ଅଧିକାରୀ ଭାବେ ଚୟନ କରାଯାଇଛି । ଏଥିରେ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ପରୋକ୍ଷରେ ଧମକଚମକ ଦିଆଯାଇଥିଲା । ଅଫିସକୁ ପଥର ମାଡ ପଛରେ ଉକ୍ତ ପ୍ରତିପକ୍ଷ ଗୋଷ୍ଠୀର ସଂପୃକ୍ତି ଥାଇପାରେ । ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଦ୍ୱୟଙ୍କୁ ଠାବ କରିବାକୁ ପ୍ରୟାସ ଚଳାଇଛି ।

## ସହକାରୀ ଯନ୍ତ୍ରୀଙ୍କୁ ହତ୍ୟା ଧମକ

କଟକ,୧୮ ।୧୦(ସମିସ): ମଧୁପାଟଣା ଥାନା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟାଳୟରେ କିଛି ଦୁର୍ବୃତ୍ତ ଜୋର ଜବରଦସ୍ତ ପଶି ସରକାରୀ କାର୍ଯ୍ୟରେ ବାଧାଦେବା ସହିତ କର୍ମଚାରୀଙ୍କୁ ତାଲାପକାଇ ଅଟକ ରଖିବା ଏବଂ ଜୀବନରେ ମାରି ଦେବାକୁ ହତ୍ୟା ଧମକ ଦେବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଭଳି ସଂଗୀନ ଅଭିଯୋଗ ମଧୁପାଟଣା ଥାନାରେ କରାଯାଇଛି । ଗତ ୧୬ ତାରିଖ ମଧ୍ୟାହ୍ନରେ କିଛି ଦୁର୍ବୃତ୍ତ ହଠାତ୍ ଖପୁରିଆସ୍ଥିତ ପୂର୍ତ୍ତବିଭାଗ-୨ ସହକାରୀ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କ କାର୍ଯ୍ୟାଳୟରେ ପଶି ଯନ୍ତ୍ରୀଙ୍କୁ ଖୋଜିଥିଲେ । ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଅନ୍ୟ କର୍ମଚାରୀଙ୍କୁ ତାଲାପକାଇ ଅଟକ ରଖି ଯନ୍ତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟାଧମକ ମଧ୍ୟ ଦେଇଥିଲେ । ଯାହାର ସ୍ପଷ୍ଟ ପ୍ରମାଣ କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭିରେ କଏଦ୍ ହୋଇଛି ।

କମିସନରେଟ୍ ପୁଲିସ ପକ୍ଷରୁ ଭସାଣି ରୁଟ୍ ଯାଞ୍ଚ

# ସମ୍ବେଦନଶୀଳ ରାସ୍ତାରେ ରୁଫ୍ ଟପ୍ ସିକ୍ୟୁରିଟି

କଟକ,୧୮ ।୧୦(ସମିସ):

■ 'ସାଇଲେଣ୍ଟ୍ ଜୋନ୍'ରେ ରହିବେ ଅଧିକ ଫୋର୍ସ
■ ଜଗିବେ ରାପିଡ୍ ଆକ୍ସନ୍ ଫୋର୍ସ, ସିଆର୍‌ପିଏଫ୍ ଓ ବିଏସ୍‌ଏଫ୍
■ ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ୍ ପୁଲିସ ଫୋର୍ସ

ଗତ ଦୁର୍ଗାପୂଜା ଭସାଣିରେ ଗଣ୍ଡଗୋଳ ଏବଂ କର୍ଫ୍ୟୁ ପରେ କାଳୀପୂଜା ଭସାଣିକୁ କେଉଁଭଳି ଶୃଙ୍ଖଳାର ସହିତ ଶେଷ କରାଯିବ, ତାହାକୁ ନେଇ ଚାଲିଛି କସରତ । ସମ୍ଭାବ୍ୟ ବିଶୃଙ୍ଖଳା ହେଉଥିବା ଅଞ୍ଚଳରେ ପ୍ରଶାସନିକସ୍ତରରେ ଏବେ ସଦ୍‌ଭାବନା ସଭା କରାଯାଉଛି । କେତେକ ସ୍ଥାନକୁ ହାଇକୋର୍ଟ "ସାଇଲେଣ୍ଟ ଜୋନ' ଘୋଷଣା କରିଛନ୍ତି । ତନ୍ମଧ୍ୟରେ ମେଢ଼ ଆସୁଥିବା ରୁଟ୍‌ରେ ଚାନ୍ଦିନୀଚୌକ୍, ହାଇକୋର୍ଟ ଛକ, ହାୱଡା ମୋଟର୍ସ ଛକ ଓ ସିଟି ହସ୍ପିଟାଲ୍ ଆଖପାଖଅଞ୍ଚଳ ରହିଛି । ଏହି ସବୁ ସ୍ଥାନରେ ୧୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳରେ ସାଉଣ୍ଡ ସଂପୂର୍ଣ୍ଣ ବନ୍ଦ ରହିବ । ଉକ୍ତ ଅଞ୍ଚଳ ପାଇଁ ପୁଲିସ ଭସାଣି ପୂର୍ବରୁ ମାର୍କିଂ କରିବ ବୋଲି ସୂଚନା ମିଳିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଦରଘାବଜାର ଥାନା ଅଞ୍ଚଳକୁ ସାଇଲେଣ୍ଟ୍ ଜୋନ୍ ଘୋଷଣା କରାଯାଇଛି । ଆଜି କମିଶନରେଟ୍ ପୁଲିସ ପକ୍ଷରୁ ଏ ସମସ୍ତ ଅଞ୍ଚଳ ମୁଖ୍ୟତଃ ଝୋଲାସାହି, ସେମୀନାରୀ ଛକ ଓ ହାତୀପୋଖରୀ ରୁଟ୍‌କୁ ଯାଞ୍ଚ କରାଯାଇ ମାର୍କିଂ କରାଯାଇଛି । ଭସାଣି ରୁଟ୍‌ରେ ରହିଥିବା ସମ୍ବେଦନଶୀଳ ଅଞ୍ଚଳରେ 'ରୁଫ୍ ଟପ୍ ସିକ୍ୟୁରିଟି' ବ୍ୟବସ୍ଥା କରାଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି ।

ଗତ ଦୁର୍ଗପୂଜା ଭସାଣି ଗଣ୍ଡଗୋଳରେ ଯେହେତୁ ଛାତ ଉପରୁ ପ୍ରଥମେ ଢ଼େଲା, ପଥର ଓ କାଚ ବୋତଲ ମାଡ ହୋଇଥିଲା, ତେଣୁ ଏଥର ସମ୍ବେଦନଶୀଳ ଅଞ୍ଚଳର ଛାତ ଉପରେ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯିବ । ଯେମିତି ଅନ୍ଧାରରେ ରହୁଥିବା ଛାତ ଉପରେ କେହି ଶୋଭାଯାତ୍ରା ଉପରକୁ ଆକ୍ରମଣ କରି ପାରିବେ ନାହିଁ, ସେଥି ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ବୋଲି ଏଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି । ଏଥର କାଳୀପୂଜା ଭସାଣ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସହରରେ ୭୦ପ୍ଲାଟୁନ ଫୋର୍ସ ମୁତୟନ କରାଯିବ । ଗୋଟିଏ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ସହିତ ଗୋଟିଏ ପ୍ଲାଟୁନ୍ ମହିଳା ସୁରକ୍ଷାକର୍ମୀ ଏବଂ ୨କମ୍ପାନୀ ସିଆରପିଏଫ୍, ବିଏସଏଫ୍ ଯବାନ ସାମିଲ ହେବାର ଯୋଜନା କରାଯାଇଛି । ରିଜର୍ଭ ଅଫିସ କର୍ମଚାରୀଙ୍କ ସମେତ କଟକ ୟୁପିଡ଼ିର ସମସ୍ତ ଥାନା ପୁଲିସ, ସପ୍ତମ ବାଟାଲିୟନ ସିପାହୀ, ସ୍ପେଶିଆଲ୍ ଟାକ୍ଟିକାଲ ୟୁନିଟ୍ ସହିତ ୮୦୦ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହବେ । ଏଥିରେ ଓଏସଏପି, ଏସଓଜି, କୁଇକ ଆକ୍ସନ ଫୋର୍ସ ସାମିଲ ହେବେ । ସେହିପରି ୪୦ ଜଣ ଡିଏସପି, ୫୫ ଜଣ ଇନ୍ସପେକ୍ଟର, ୩୦୦ ଜଣ ଏସଆଇ ଓ ଏଏସଆଇ ର୍‍ୟାଙ୍କର ଅଫିସରଙ୍କ ସମେତ ୮୪ ହାବିଲଦାର, ୬୦୦ କନେଷ୍ଟବଳ, ୭୦୦ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିବେ । ପୂଜା ମଣ୍ଡପ ଓ ସହରର ମୁଖ୍ୟ ଛକରେ ଟ୍ରାଫିକ ପରିଚାଳନାରେ ସହଯୋଗ କରିବା ପାଇଁ ୭୦୦ ପୁଲିସ ଭଲ୍ୟୁଣ୍ଟିଅର(ସ୍ୱେଚ୍ଛାସେବୀ)ଙ୍କୁ ମଧ୍ୟ ନିୟୋଜିତ କରାଯିବ । ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବିଭିନ୍ନ ଥାନାକୁ ୬ଟି ଜୋନରେ ଭାଗ କରାଯାଇ ୬ ଜଣ ଏଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି । ଡିସିପି ଶ୍ରୀ ଦ୍ୟାନଦେଓ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ । ସେହିପରି ୨୦ଟି ଅତିରିକ୍ତ ପିସିଆର, ୩ଟି ସ୍ପେସା।ଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ପାଟ୍ରୋଲିଂ କରିବ । ଏହାସହ କ୍ୟୁଆରଟି, କ୍ୟୁଏଟି, ବମସ୍କ୍ୱାଡ ଓ ସ୍ପେସାଲ ସ୍କ୍ୱାଡ ଟିମ ମଧ୍ୟ ୨୪ ଘଣ୍ଟା ସଜାଗ ରଖାଯିବ । ଗଣ୍ଡଗୋଳକାରୀଙ୍କ ଉପରେ ନଜର ରଖିବାକୁ ସିଟିସି-୬୦ ସ୍କ୍ୱାର୍ଡ ଗଠନ କରାଯିବ । ଏସବୁ ବ୍ୟବସ୍ଥା କରାଯାଇ କାଳୀପୂଜା ଏବଂ ଭସାଣି ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ନିଆଯିବ ବୋଲି ଜଣାପଡ଼ିଛି ।

## ରାତି ୯ ପରେ ବାଣଫୁଟା ବନ୍ଦ

କଟକ,୧୮ ।୧୦(ସମିସ): ଦୀପାବଳି ରାତି ୯ଟା ପରେ ବାଣ ଫୁଟାଇଲେ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଡିସିପି ଖିଲାରୀ ଋଷିକେଶ ଦ୍ୟାନେଦଓ ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି । ଏଥର ରାତି ୧୦ଟା ନୁହେଁ, ରାତି ୯ଟା ଡେଡଲାଇନ୍ ରହିଛି । ଏମିତିକି ଗ୍ରୀନ୍ କ୍ରାକର ବ୍ୟତୀତ ଉଚ୍ଚ ଶବ୍ଦକାରୀ ବାଣ ଫୁଟାଇଲେ ପୁଲିସ ଗିରଫ କରିବ । ଦୀପାବଳି ବାହାନାରେ ମଦ୍ୟପାନ କରି ରାସ୍ତାରେ ବୁଲିଲେ ଗାଡି ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯିବ । ସମସ୍ତ ଥାନା ଅଞ୍ଚଳରେ ପାଟ୍ରୋଲିଂ ଟିମ୍ ପ୍ରସ୍ତୁତ ରଖିବା ପାଇଁ ଡିସିପିଙ୍କ ନିର୍ଦ୍ଦେଶ ରହିଛି । ଦୀପାବଳି ନେଇ କଟକବାସିଙ୍କ ପାଇଁ କମିଶନରେଟ ପୁଲିସ ଏନେଇ ସଚେତନତା ବାର୍ତ୍ତା ଜାରି କରିଛି ।

## ଅଧିକ ଦର ସତ୍ତ୍ୱେ ଜମିଲା ଧନତେରସ୍ ଭିଡ଼



କଟକ,୧୮ ।୧୦(ସମିସ): ଆଲୋକର ପର୍ବ ଦୀପାବଳି ପୂର୍ବରୁ ଧନତେରାସ ପାଳନ କରାଯାଉଥିବା ବେଳେ ଏଥିପାଇଁ ବେଶ୍ ଚଳଚଞ୍ଚଳ ହୋଇପଡିଥିଲା ରୌପ୍ୟନଗରୀ କଟକ । ବିଗତ ବର୍ଷ ତୁଳନାରେ ଏଥର ସୁନା ରୂପା ଦର ଅହେତୁକ ବୃଦ୍ଧି ଘଟିଥିଲେ ସୁଦ୍ଧା ଧନତେରାସ ଅବସରରେ ସୁନା ରୁପା ଅଳଙ୍କାର କିଣିନେବାକୁ ମନ ବଳାଇଥିଲେ କେତେକ ଗ୍ରାହକ । କଟକରେ ଗତ ବର୍ଷ ଧନତେରାସରେ ୨୨କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୭୫ହଜାର୪୫୦ଟଙ୍କା ଥିଲା ବେଳେ ୨୪କ୍ୟାରେଟ ସୁନା ଦାମ ଥିଲା ୭୯ହଜାର୨୨୦ଟଙ୍କା । ସେହିଭଳି ରୁପା ଦର କିଲୋ ପ୍ରତି ୧ଲକ୍ଷ୮ ହଜାର ଟଙ୍କା ରହିଥିଲା । ଯେଉଁଠି ଚଳିତ ବର୍ଷ ଧନତେରାସରେ ୨୨କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୧ଲକ୍ଷ ୧୯ହଜାର୯୫୦ଟଙ୍କା ଥିଲା ବେଳେ ୨୪କ୍ୟାରେଟ ସୁନା ଦାମ ଥିଲା ୧ଲକ୍ଷ୩୦ହଜାର୮୬୦ ଟଙ୍କା । ସେହିପରି ରୁପା କେଜି ପ୍ରତି ମୂଲ୍ୟ ୧ଲକ୍ଷ୯୦ହଜାର ଟଙ୍କା ରହିଥିଲା । ବର୍ଷକ ମଧ୍ୟରେ ଅହେତୁକ ଦର ବୃଦ୍ଧି ପାଇଁ ବେପାର ମାନ୍ଦା ରହିଆସୁଥିବା ବେଳେ ଧନତେରାସରେ ସାମାନ୍ୟ ଜମିଥିଲା । ବର୍ଷକ ମଧ୍ୟରେ ୨୨କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୪୪ହଜାର୫୦୦ଟଙ୍କା ବଢିଥିଲା ବେଳେ ରୂପା କିଲୋ ପ୍ରତି ୮୨ହଜାର ଟଙ୍କା ବଢିଯାଇଛି । ଧନତେରାସ ଉପଲକ୍ଷେ ସୁନା ଗହଣା ଦୋକାନଗୁଡିକ ପକ୍ଷରୁ କେଉଁଠି ଗଢା ମଜୁରୀ ଉପରେ ରିଆତି ଦିଆଯାଇଛି ତ ଆଉ କେଉଁଠି ଏହାକୁ ସଂପୂର୍ଣ୍ଣ ଛାଡ କରାଯାଇଥିଲା । ସେହିପରି ଅନେକ ସ୍ଥାନରେ ଲକି ଡ୍ର ବ୍ୟବସ୍ଥାରେ ଗାଡି, ସୁନା ମୁଦ୍ରା ଆଦି ଜିତିବାର ଅଫର ମଧ୍ୟ ଦିଆଯାଇଥିଲା । କଟକରେ ପ୍ରାୟ ୩୦୦ରୁ ଅଧିକ ଜୁଏଲାରି ଶୋ'ରୁମ ଓ ସୁନାଗହଣା ଦୋକାନ ରହିଛି । ଏସବୁ ପ୍ରତିଷ୍ଠାନରେ ଧନତେରାସ ଅବସରରେ କୋଟି କୋଟି ଟଙ୍କାର ସୁନା ଗହଣା ବ୍ୟବସାୟ ହୋଇଛି ।

## ଓର୍‌ମାସ୍‌ର ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ



କଟକ,୧୮ ।୧୦(ସମିସ): ଦୀପାବଳି ଅବସରରେ ଗ୍ରାମୀଣ ଶିଳ୍ପୀମାନଙ୍କର ଆର୍ଥିକ ଉନ୍ନତି ଓ ଜୀବିକା ଉପାର୍ଜନକୁ ସମର୍ଥନ କରିବା ପାଇଁ ଏକ ବିଶେଷ ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ପରିଷଦ କ୍ୟାମ୍ପସ୍, କଟକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ରାଉତ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭବାନି ଶଙ୍କର ଭୂୟାଁ, ଅଭିରାମ ଦାସଙ୍କ ସମେତ ୟୁକୋବ୍ୟାଙ୍କର ଚିଫ୍ ମ୍ୟାନେଜର, କର୍ମକର୍ତ୍ତାଗଣ, ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଷ୍ଟଲରେ ନିଶ୍ଚିନ୍ତକୋଇଲି ଅଞ୍ଚଳର "ସୁରଭି ପ୍ରଡ୍ୟୁସର ଗ୍ରୁପ୍ ଓ ଡମପଡ଼ା ଅଞ୍ଚଳର "ଓମ୍ ସାଇ ପିଜି' ଦ୍ୱାରା ତିଆରି ବିଭିନ୍ନ ଦୀପାବଳି ସାମଗ୍ରୀ ପ୍ରଦର୍ଶନ କରାଯାଇଛି । ସୁରଭି ପିଜି ପକ୍ଷରୁ ସବିତା ସାମଲ (ଅଧକ୍ଷା) ଓ ସ୍ୱଗତିକା ନାୟକ (ସଚିବ) ଉପସ୍ଥିତ ଥିଲେ । ସେମାନଙ୍କ ଦ୍ୱାରା ଗୋବର ଦ୍ୱାରା ତିଆରି ଦୀପ, ବିଭିନ୍ନ ମୂର୍ତ୍ତି, ଶୁଭ-ଲାଭ ହ୍ୟାଙ୍ଗିଂ, ଅଗରବତୀ ପ୍ରଦର୍ଶିତ ହେଉଛି । ଓମ୍ ସାଇ ପିଜିର ସଚିବ ଶକୁନ୍ତଳା ମୁଦୁଲିଙ୍କ ନେତୃତ୍ୱରେ ମାଟିର ଦୀପ, ଅଗରବତୀ ଷ୍ଟାଣ୍ଡ, ମୂର୍ତ୍ତି, ଡିଜାଇନର୍ ଦୀପ, କଳସ ଇତ୍ୟାଦି ଉପଲବ୍ଧ ରହିଛି । ଏହି ବିଶେଷ ଷ୍ଟଲ୍‌ଟି ୨୦ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡ଼ିଛି ।

## ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କଟକ,୧୮ ।୧୦(ସମିସ): କଟକ ମୋଟର କର୍ମଚାରୀ ୟୁନିଅନ ପକ୍ଷରୁ ସଙ୍ଗର ପୂର୍ବତନ ସହ ସଂପାଦକ ତଥା ମୁହାଁଣ ସାହିତ୍ୟ ସଂସଦ ମୁମ୍ବାଇ ଉପଦେଷ୍ଟା ସାମ୍ବାଦିକ ଚକ୍ରବର୍ତ୍ତୀ ଓତାଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସଂଘ ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସଂପାଦକ ଶିଶିର ଲେଙ୍କା, ସହସଂପାଦକ ଗଗନ ପରିଡ଼ା, ସହସମ୍ପାଦକ ହିରାଲାଲ ପଣ୍ଡା, କୋଷାଧ୍ୟକ୍ଷ ବିଭୂତି ଭୂଷଣ ରାଉତ,ଶ୍ରମିକନେତା ଆଇନଜିବୀ ଲଳିତମୋହନ ନନ୍ଦ, ଶ୍ରୀକାନ୍ତ ଛାଟୋଇ, ରିଙ୍କୁ ବାରିକ, ରଘୁନାଥ ବାରିକ, ଗଙ୍ଗାଧର ରାଉତ, ସୁବାସଚନ୍ଦ୍ର ସାହୁ, ବିଜୟ କୁମାର ପଣ୍ଡା, କ୍ଷେତ୍ରମଣି ଦାସ ସବିତା ସାହୁଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଦୁଇ ଆନ୍ତଃରାଜ୍ୟ ଲୁଟେରା ଗିରଫ

କଟକ,୧୮ ।୧୦(ସମିସ): କଟକ ରେଳ ଷ୍ଟେସନରୁ ୨ ଜଣ ଆନ୍ତଃରାଜ୍ୟ ଟ୍ରେନ ଲୁଟେରାଙ୍କୁ ଆରପିଏଫ ଗିରଫ କରିଛି । ଅଭିଯୁକ୍ତଦ୍ୱୟ ହେଲେ ମହାରାଷ୍ଟ୍ର ଗୋନ୍ଦିଆ ଜିଲ୍ଲାର ପିନି ଗେଣ୍ଡାଲାଲ ବିସନି(୩୬) ଓ ନାଗପୁର ଜିଲ୍ଲାର ମନ୍ଦା ସୁମନ ସିଂହ ପୁରୱାଲେ(୫୫) । ଦୁଇ ଜଣଙ୍କ ପାଖରୁ ୯୦ ହଜାର ଟଙ୍କା ଓ ଦୁଇଟି ଚୋରା ମୋବାଇଲ ଜବତ ହୋଇଛି । ଆରପିଏଫ୍ ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ହାୱଡା-ଚେନ୍ନାଇ ମେଲ ଟ୍ରେନ ଆସି ଲାଗିଥିଲା । ଟ୍ରେନ ପହଞ୍ଚିବା କ୍ଷଣି ସେଥିରୁ ଉପରୋକ୍ତ ଦୁଇ ଜଣ ଓହ୍ଲାଇ ଦ୍ରୁତଗତିରେ ଷ୍ଟେସନ ବାହାରକୁ ଯାଉଥିଲେ । ଏହା ପାଟ୍ରୋଲିଂ କରୁଥିବା ଆରପିଏଫ କର୍ମଚାରୀଙ୍କ ନଜରରେ ପଡିଥିଲା । ଠିକ ସେତିକିବେଳେ ଉକ୍ତ ପ୍ଲାଟଫର୍ମରେ ଜଣେ ଯାତ୍ରୀ ଚୋର ଚୋର କହି ଚିତ୍କାର କରିଥିଲେ । ସନ୍ଦେହ ହେବାରୁ ତଲାସି ନିଆଯିବାରୁ ମହିଳାଙ୍କ ପାଖରୁ ୨ଟି ଦାମୀ ମୋବାଇଲ ମିଳିଥିଲା । ସେହିପରି ଯୁବକ ପାଖରୁ ୯୦ ହଜାର ଟଙ୍କା ମିଳିଥିଲା । ନିଜର ବୋଲି ଦାବି କରୁଥିବା ଉକ୍ତ ୨ ମୋବାଇଲର ଲକ୍‌କୁ ସେମାନେ ଖୋଲିପାରି ନଥିଲେ । ସେଗୁଡିକୁ ସେମାନେ ରେଳଯାତ୍ରୀଙ୍କଠାରୁ ଚୋରାଇଥିବା ଜଣାପଡିଥିଲା । ପୁରୀ-ଖଡଗପୁର ଚଳାଚଳ କରୁଥିବା ଏକ ଟ୍ରେନ ଭିତରୁ ମୋବାଇଲ ଓ ଟଙ୍କା ଲୁଟ କରିଥିବା ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଥିଲେ । ଅଭିଯୁକ୍ତଦ୍ୱୟଙ୍କୁ କଟକ ଜିଆରପି ଜିମା ଦିଆଯିବା ପରେ ଏକ ମାମଲା ରୁଜୁ କରି ଶନିବାର କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି ।

ଦୀପାବଳୀ ପାଇଁ ସହର ଚଳଚଞ୍ଚଳ

# ପରମ୍ପରା ବଞ୍ଚାଇବାକୁ କାଉଁରିଆ କାଠି ବ୍ୟବସାୟ

କଟକ,୧୮ ।୧୦(ସମିସ):



ଓଡ଼ିଆଙ୍କ ପରମ୍ପରା ଅନୁସାରେ, ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦେଇସାରି ସମସ୍ତେ କାଉଁରିଆ କାଠି ଜାଳନ୍ତି ଏବଂ କାଉଁରିଆ କାଠି ଜାଳି ବଡ଼ବଡୁଆ ହୋ..ଅନ୍ଧାରରେ ଆସ ଆଲୁଅରେ ଯା', ପୁରୁଷୋତ୍ତମରେ ମହାପ୍ରସାଦ ଖାଇ, ବାଇଶି ପାବଚ୍ଛେ ଗଡ଼ଗଡାଉ ଥା' ବୋଲି ଓଡିଆମାନେ ଗାଇ ଥାଆନ୍ତି । ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରନ୍ତି । ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି । ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି । ଏହି ଦୀପାବଳି ଦିନ ସମସ୍ତଙ୍କ ଘରେ କାଉଁରିଆ କାଠି ଆବଶ୍ୟକ ପଡ଼ିଥାଏ । କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ଏହି ପରମ୍ପରା ରହି ଆସିଛି । ତେବେ ଆସନ୍ତା ସୋମାବାର ଦୀପାବଳି ପଡୁଥିବାରୁ କଟକ ସହରରେ କାଉଁରିଆ ବ୍ୟବସାୟ ଜୋରଦାର୍ ଚାଲିଛି । ସହରବାସୀ ବଡବଡୁଆଙ୍କୁ ଡାକିବାକୁ ଏହି କାଉଁରିଆ କାଠି କିଣି ନେଉଛନ୍ତି । ସହରର ମର୍କତନଗର, ବକ୍ସିବଜାର, କଲେଜଛକ ଏବଂ ମଧୁପାଟଣା ଅଞ୍ଚଳରେ କାଉଁରିଆ କାଠି ବିକ୍ରୟର ଆସର ଜମିଛି । ଏବେ ଏହି କାଉଁରିଆ କାଠି ବ୍ୟବସାୟୀରେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ । କେବଳ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ମଧୁପାଟଣା ଅଞ୍ଚଳରେ କାଉଁରିଆ କାଠି ବିକ୍ରୟ କରୁଥିବା ସାଲେପୁର ଅଞ୍ଚଳର ବ୍ୟବସାୟୀ କୃଷ୍ଣଚନ୍ଦ୍ର ବେହେରା କହିଛନ୍ତି ।

ଯଦିଓ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କଟକ ସହରକୁ କାଉଁରିଆ ଆସି ବିକ୍ରୟ ହେଉଛି କିନ୍ତୁ ମାହାଙ୍ଗା ଅଞ୍ଚଳରୁ ସର୍ବାଧିକ ୧୦ଟି ପିକ୍‌ଅପ୍ ଭ୍ୟାନ୍‌ରେ କାଉଁରିଆ ଆସିଛି । ଗତ ୭ଦିନ ହେବ କାଉଁରିଆ ବ୍ୟବସାୟୀମାନେ ସହରବାସୀଙ୍କୁ ଏହାକୁ ବିକ୍ରୟ କରୁଛନ୍ତି । ଶ୍ରୀ ବେହେରାଙ୍କ ସୂଚନା ଅନୁସାରେ, ମାହାଙ୍ଗା ଅଞ୍ଚଳର ୨ଟି ପଞ୍ଚାୟତବାସୀ କାଉଁରିଆ କାଠି ବ୍ୟବସାୟ ନିମନ୍ତେ ନଳିତା ଗଛ ଚାଷ କରନ୍ତି । ପଣା ସଂକ୍ରାନ୍ତିରେ ଏହି ନଳିତା ମଞ୍ଜି ପୋତି ଥାଆନ୍ତି । ପ୍ରାୟ ୩ମାସ ପରେ ଏହି ଗଛକୁ ଓପଡା ଯାଇ ପାଣିରେ ପକାଯାଏ । ଏହାପରେ ନଳିତା ଗଛରୁ ଝୋଟ ବାହାରି ଯିବା ପରେ ସେ ଗଛକୁ କାଉଁରିଆ ଭାବେ ବ୍ୟବହାର କରାଯାଇଥାଏ । ଏବେକାର ମୂଳ ମଜୁରୀ ଓ ବଜାର ଦର

### ପରିଶ୍ରମ ତୁଳନାରେ ଲାଭ କମ୍

### ଆସିଛି ୧୦ଟି ଫିକ୍‌ଅପ୍ ଭ୍ୟାନ୍ ବୋଝେଇ କାଉଁରିଆ

ତୁଳନାରେ ଏହି ନଳିତା ଚାଷରେ ଲାଭ ହେଉ ନାହିଁ । କେବଳ ପରମ୍ପରା ଓ କୌଳିକ ବୃତ୍ତିକୁ ବଞ୍ଚାଇବାକୁ ମାହାଙ୍ଗର ୨୦୦ପରିବାର ଏହି କାଉଁରିଆ ଚାଷ କରୁଥିବା ସେ କହିଛନ୍ତି । ଅନ୍ୟପଟେ କଟକ ସହରରେ ଦୀପାବଳି ସମୟରେ ଏହି କାଉଁରିଆ ବ୍ୟବସାୟ ଜୋରଦାର୍ ହୋଇଥାଏ । କିନ୍ତୁ ବିଗତ କିଛି ବର୍ଷ ଏହି ବ୍ୟବସାୟ ବେଶ୍ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳୁଛି । କାଉଁରିଆ ବିଡା ପିଛା ୧୦ ଓ ୨୦ ଟଙ୍କା ଏବଂ ମୋଟା ବିଡା ୪୦ରୁ ୫୦ଟଙ୍କାରେ ବିକ୍ରି ହେଉଛି । କ୍ରମଶଃ ଝୋଟର ଚାହିଦା କମିଯିବାରୁ ଏବେ କଟକ ଜିଲ୍ଲାରେ ନଳିତାଚାଷର ଚାହିଦା ଧିରେ ଧିରେ କମିବାରେ ଲାଗିଛି । ଏଣୁ ଦୀପାବଳି ଲାଗି କାଉଁରିଆ କାଠି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅଞ୍ଚଳରେ ଦୁର୍ଲଭ ହୋଇପଡିଛି । ବେପାରୀମାନେ ଜିଲ୍ଲା ବାହାର ଅଞ୍ଚଳରୁ ଆଣି ଏଠାରେ କାଉଁରିଆ କାଠି ବିକ୍ରି କରୁଛନ୍ତି । ଏଥର ୪ରୁ ୫ଟି କାଠିକୁ ନେଇ ପ୍ରସ୍ତୁତ ହେଉଥିବା ବିଡ଼ାର ମୂଲ୍ୟ ୨୦ ଟଙ୍କା ରହିଛି । କାଉଁରିଆ କାଠି ହେଉଛି ପବିତ୍ରତାର ପ୍ରତୀକ । ପାରମ୍ପରିକ ନଳିତାଚାଷ ବୁଡିଯିବାରୁ ଏହା ପରମ୍ପରାକୁ ପ୍ରଭାବିତ କରୁଛି । ଏଣୁ ନଳିତାଚାଷର ବିକାଶ କରାଯିବା ଜରୁରୀ ହୋଇ ପଡ଼ିଛି । ଆଗରୁ ଚାଷୀ ଜମିରେ ଚାଷ କରୁଥିବା ନଳିତାକୁ କାଟି ଏହାକୁ ଶୁଖାଇ ପଙ୍କରେ ପୋତି ଦେଉଥିଲେ । ୮ରୁ ୧୦ ଦିନ ପରେ ପୋତାଯାଇଥିବା ନଳିତା ବିଡ଼ାକୁ ଆଣି ଝୋଟ ଅମଳ କରାଯାଉଥିଲା । ଝୋଟରୁ ବାଣି କାଟି ଲଙ୍ଗଳ ଦଉଡି, ଶିକା ଆଦି ପ୍ରସ୍ତୁତ କରାଯାଉଥିଲା । ମଶିଣା, ଖଇଁଚି ବୁଣାଯାଉଥିଲା । ଝୋଟ ଅମଳ ପରେ ଯେଉଁ ଖାଡ଼ି ରହୁଥିଲା ତାହା କାଉଁରିଆ କାଠି କୁହାଯାଏ । ଜିଲ୍ଲାରେ ନଳିତା ଚାଷ ନ ହେବାରୁ ଏବେ ଏହାର ଅଭାବ ଦେଖାଦେଇଛି ।




### ୨୧ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ

# ଘାରିଲା 'ଅକ୍ଟୋବର ବାତ୍ୟା' ଛନକା

ଭୁବନେଶ୍ୱର, ୧୮।୧୦ (ସମିସ): ସାଧାରଣତଃ ଅକ୍ଟୋବର ମାସରେ ବାତ୍ୟା ଭୟ ଓଡ଼ିଶାବାସୀଙ୍କୁ ଛାନିଆ କରୁଥିବା ବେଳେ ଆସନ୍ତା ୨୧ ତାରିଖରେ ଏକ ଲଘୁଚାପ ରାଜ୍ୟବାସୀଙ୍କ ମନରେ ଛନକା ସୃଷ୍ଟି କରିଛି। ଏହି ଲଘୁଚାପ ୨୩ ତାରିଖରେ ଅବପାତର ରୂପ ନେବା ସହ ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ପ୍ରାୟତଃ ସମ୍ଭାବନା ନାହିଁ। ଏନେଇ ଏକ ଘରୋଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭାରତୀୟ ପାଣିପାଗ ବିଜ୍ଞାନ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ବାତ୍ୟା ନେଇ ଆମେ କୌଣସି ଚେତାବନୀ ଜାରି କରିନାହୁଁ। ସେହିପରି ଓଡ଼ିଶା ପାଇଁ ମଧ୍ୟ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୨୧ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରି ଅକ୍ଟୋବର ୨୩ ତାରିଖ ସକାଳ ସୁଦ୍ଧା ଏକ ଅବପାତରେ ପରିଣତ



**୨୩ରେ ଅବପାତ ହୋଇ ତାମିଲନାଡୁ ଓ ଆନ୍ଧ୍ର ଉପକୂଳମୁହାଁ**

**ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ**

**ଆଜି ରାଜ୍ୟର କିଛି ଜିଲ୍ଲାରେ ହାଲୁକା ବର୍ଷା ହେବା ସମ୍ଭାବନା**

ହେବାର ସମ୍ଭାବନା ରହିଛି। ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ହେବାକୁ ଥିବା ଏହି ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବ। ତାପରେ ଏହା ତାମିଲନାଡୁ, ପୁଡୁଚେରୀ ଏବଂ ନିକଟସ୍ଥ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଆଡକୁ ଆଗେଇବ। ଏହାର ପ୍ରଭାବରେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗରେ ଘଣ୍ଟା ପିଛା ପବନର ଗତି ୩୦ରୁ ୪୦ କିମି ପବନ ବହିପାରେ। ୨୨ରେ ଏହା କ୍ରମଶଃ ବଢ଼ି ଘଣ୍ଟାପିଛା ୪୦ରୁ ୫୦ ଓ ୨୩ରେ ୪୫ରୁ ୫୫କିମି ପବନ ବହିବାର ଆଶା କରାଯାଉଛି।

ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କତା ଜାରି କରାଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ଦକ୍ଷିଣ ବଙ୍ଗୋପସାଗର, ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରରେ ଅଛନ୍ତି, ସେମାନେ ଅକ୍ଟୋବର ୨୧ ତାରିଖ ସୁଦ୍ଧା ଉପକୂଳକୁ ଫେରି ଆସିବାକୁ କୁହାଯାଇଛି। ଏହା ସହିତ ମତ୍ସ୍ୟଜୀବୀମାନେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗର ଓ ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୧୯ ତାରିଖ ଅର୍ଥାତ୍ ରବିବାର ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ୩୦ରୁ ୪୦ କିମି ବେଗର ପବନ ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୦ ଓ ୨୧ ତାରିଖରେ ମଧ୍ୟ କେତେକ ଜିଲ୍ଲାରେ ବର୍ଷା ଆକଳନ କରାଯାଇଛି।



ଭୁବନେଶ୍ୱରରେ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାର ସମସ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ଭୁବନେଶ୍ୱର ଡିସିପିଙ୍କୁ ବିଜେଡି ମହିଳା ପ୍ରତିନିଧିମଣ୍ଡଳୀ ସ୍ମାରକପତ୍ର ଦେଉଛନ୍ତି

# ୧୦ ରାଜ୍ୟରୁ ହଜାର କୋଟି ଠକିଛି ହେଜେକ୍ସ ଫଣ୍ଡ

ଭୁବନେଶ୍ୱର, ୧୮।୧୦ (ସମିସ): ରାଜଧାନୀ ନୂଆଦିଲ୍ଲୀ ସମେତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ତାମିଲନାଡୁ ଭଳି ୧୦ ରାଜ୍ୟର ୩ଲକ୍ଷରୁ ଊର୍ଦ୍ଧ୍ୱ ଜମାକାରୀଙ୍କଠାରୁ ପାଖାପାଖି ୧୦୦୦ କୋଟି ଟଙ୍କା ଠକି ନେଇଥିବା ସଂସ୍ଥା 'ହେଜେକ୍ସ ଫଣ୍ଡ ଏଲ୍ଏଲ୍‌ପି'ର ଓଡ଼ିଶା ମୁଖ୍ୟକୁ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କଟକରୁ ଗିରଫ କରିଛି। ସେ ହେଲା, କଟକ ୪୨ ମଉଜାରେ ରହୁଥିବା ପ୍ରତାପ କୁମାର ରାଉତ। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଇଓଡବ୍ଲ୍ୟୁ ତାକୁ କଟକ ଓପିଆଇଡି କୋର୍ଟ ଚାଲାଣ କରିଛି। ଠକାମିର ଶିକାର ହୋଇଥିବା ବିଜୟ କୁମାର ପାଣିଗ୍ରାହୀଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା।

ରାତାରାତି ଟଙ୍କା ଦୁଇଗୁଣ ହୋଇଯିବା ଲୋଭରେ ବିଜୟ ୯୨ଲକ୍ଷ ୬୦ ହଜାର ୪୮୦ଟଙ୍କା ନିବେଶ କରିଥିଲେ। ଏହି ସଂସ୍ଥା ଅଂଶୀଦାର ରହିଥିଲେ ଦିନେଶ କୁମାର ଜୈନ ଏବଂ କୁଲଦୀପସିଂହ ପନଓ୍ୱାର। ଅଭିଯୋଗକାରୀ ବିଜୟ ଏହି ସଂସ୍ଥା ସମ୍ପର୍କରେ ଓଡ଼ିଶା ମୁଖ୍ୟ ପ୍ରତାପ କୁମାରଙ୍କଠାରୁ ଜାଣିବାକୁ ପାଇଥିଲେ। ସେ ତାଙ୍କୁ ମାସକୁ ୧୧ରୁ ୧୮ ପ୍ରତିଶତ ସୁଧ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଜେକ୍ସ ଫଣ୍ଡ ଏଲ୍ଏଲ୍‌ପିରେ ଟଙ୍କା ବିନିଯୋଗ କରିବାକୁ ପ୍ରବର୍ତ୍ତାଇଥିଲେ। ପ୍ରତାପ ତାଙ୍କୁ ବିଭିନ୍ନ ପ୍ରକାର ମିଛ କହି ଟଙ୍କା ବିନିଯୋଗ କରିବାକୁ କହିଥିଲେ। ପ୍ରତାପ କଥାରେ ବିଶ୍ୱାସ କରି ବିଜୟ ସେ ଦେଇଥିବା ଆକାଉଣ୍ଟରେ ପ୍ରଥମ ଟଙ୍କା ଜମା କରିଥିଲେ। କିନ୍ତୁ କିଛି ଦିନ ପରେ କମ୍ପାନୀ କାମ କରିବା ବନ୍ଦ କରିଦେଲା ଏବଂ ତାଙ୍କର



**■ କଟକରୁ ଓଡ଼ିଶା ମୁଖ୍ୟ ଗିରଫ**
**■ ମାସକୁ ୧୧ରୁ ୧୮ ପ୍ରତିଶତ ସୁଧ ଦେବାକୁ ପ୍ରତିଶ୍ରୁତି ଦେଇଥିଲା**

ଜମା ରାଶି ବନ୍ଦ କରିଦିଆଗଲା। ଏନେଇ ବିଜୟ ଓଡ଼ିଶା ମୁଖ୍ୟ ପ୍ରତାପ ସହ ଯୋଗାଯୋଗ କରି ଟଙ୍କା ଫେରସ୍ତ କରିବାକୁ କହିଥିଲେ। କିନ୍ତୁ ସେ ତାଙ୍କୁ ବିଭିନ୍ନ ପ୍ରକାର ମିଛ ବାହାନା ଦେଖାଇଥିଲେ। ସେ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରିବା ପାଇଁ ଏକାଧିକ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିଥିଲେ। ପ୍ରତାପ ନଗଦ ଆକାରରେ ଏବଂ ହାୱାଲା ଏଜେଣ୍ଟମାନଙ୍କ ମାଧ୍ୟମରେ ମଧ୍ୟ ବିପୁଳ ପରିମାଣରେ ଜମା ସଂଗ୍ରହ କରିଥିଲେ। ହେଜେକ୍ସ ପାଣ୍ଠିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତାପ କଟକ ଏବଂ ଭୁବନେଶ୍ୱରରେ ଅନେକ ପ୍ରମୋସନାଲ୍ ବୈଠକ ମଧ୍ୟ କରିଥିଲେ। ଇଓଡବ୍ଲ୍ୟୁ ତଦନ୍ତରୁ ଜାଣିବାକୁ ପାଇଛି ଯେ କମ୍ପାନୀଟି ୨୦୨୩ ମସିହାରେ ଗୋଆରେ ପଞ୍ଜିକୃତ ହୋଇଥିଲା। ଏହି ସଂସ୍ଥା ଜମାକାରୀଙ୍କୁ ଲୋଭ ଦେଖାଇ ୧୦୦୦ କୋଟି ଟଙ୍କା ୧୦ଟି ରାଜ୍ୟରୁ ଠକିଛି। ଏହି ସଂସ୍ଥାର ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଇଓଡବ୍ଲ୍ୟୁ ତନାଘନା ଜାରି ରଖିଛି।

### ଦୁଇଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ ଉଦ୍‌ଘାଟିତ

# ଏଣିକି ଅନ୍‌ଲାଇନ୍‌ରେ ମିଳିବ ଜମି ଡିମାର୍କେସନ୍ ସେବା

ଭୁବନେଶ୍ୱର,୧୮।୧୦(ସମିସ): ଜମି ରେଜିଷ୍ଟ୍ରେସନ ପାଇଁ ସ୍ଲଟ୍ ବୁକିଂଠାରୁ ଆରମ୍ଭ କରି ଡିମାର୍କେସେନ ପର୍ଯ୍ୟନ୍ତ ଆଉ ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ। ଯେଉଁଦିନ ଜମି ଡିମାର୍କେଶନ ହେବ, ସେହିଦିନ ଆବେଦନକାରୀଙ୍କୁ ଉପସ୍ଥିତ ରହିବାକୁ ପଡ଼ିବ। ଏଥିପାଇଁ ପ୍ରଥମେ ରାଜସ୍ୱ ବିଭାଗର ଅନ୍‌ଲାଇନ ୱେବସାଇଟକୁ ଯିବାକୁ ପଡିବ। ସେଥିରେ ମୋବାଇଲ ନମ୍ବର ପଞ୍ଜୀକରଣ କରି ଜମି ଡିମାର୍କେସେନ ପାଇଁ ଆବେଦନ କରିବାକୁ ହେବ। ପରେ ଆବଶ୍ୟକ ଜମିଜମା କାଗଜପତ୍ର ସହ ଫି' ଦେବାକୁ ପଡ଼ିବ। ଆବେଦନ ଦାଖଲ କରିବା ପରେ ତହସିଲଦାର ଆବେଦନ ଯାଞ୍ଚ କରିବେ ଏବଂ ଆବେଦନକାରୀଙ୍କ ମୋବାଇଲ ନମ୍ବରକୁ ଏସ୍ଏମ୍ଏସ୍‌ରେ ତାରିଖ ଆସିଯିବ। ସେହିଦିନ ତହସିଲ ଅଧିକାରୀ ଏବଂ ଅମିନ ଆସି ଜମିର ଡିମାର୍କେସେନ କରିବେ।

ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି) ଠାରେ ଆୟୋଜିତ ଦୁଇ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀକୁ ଉଦ୍‌ଘାଟନ

**■ ରାଜସ୍ୱ ଆଇନରେ ସଂଶୋଧନ ଏବଂ ସଂସ୍କାର ଆଣାଯିବା ଜରୁରୀ: ସୁରେଶ ପୂଜାରୀ**
**■ ସରକାରୀ ସମ୍ପତ୍ତିକୁ ଜବରଦଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ**

କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇ ପଡିଛି। ରାଜସ୍ୱ ସେବା ସଠିକ୍ ଭାବରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଶ୍ରୀ ପୂଜାରୀ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ଆଧୁନିକ ବୈଷୟିକ ଜ୍ଞାନର ଉପଯୋଗ କରି ରାଜସ୍ୱ ସେବାକୁ ଆହୁରି କ୍ରିୟାଶୀଳ କରାଯାଇପାରିବ। ସରକାରୀ ସମ୍ପତ୍ତିକୁ ଜବରଦଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ ହୋଇଥିବା ବେଳେ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ହୋଇଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜସ୍ୱ ପର୍ଷଦର ସଦସ୍ୟ ଦେଓରଞ୍ଜନ କୁମାର ସିଂହ ଆଇନର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ରାଜସ୍ୱ ଆୟୁକ୍ତଙ୍କ ସଚିବ ନିହାର ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିଉସନ ସାର୍‌ଙ୍କୁ ୨ ରାଉଣ୍ଡ ଗୁଳି

ବାରିପଦା,୧୮।୧୨(ସମିସ): ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଟିଉସନ ସାର୍ ଗୁରୁତର। ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଶାକୁଆ ଗ୍ରାମର ପୁରୁଣା ଇଟାଭାଟି ରାସ୍ତା ନିକଟରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ରାତି ପ୍ରାୟ ୧୦ଟାରେ ଦୁର୍ବୃତ୍ତମାନେ

**■ ପେଟରେ ବାଜିଛି ଗୁଳି**
**■ ପିଏମ୍ଆର୍‌ରେ ଭର୍ତ୍ତି**



ତାଙ୍କୁ ୨ରାଉଣ୍ଡ ଗୁଳି କରି ଫେରାର୍ ହୋଇଯାଇଛନ୍ତି। ଆହତଜଣଙ୍କ ହେଲେ, ବଡ଼ସାହି ଥାନା ଶିଆଳିଘାଟି ପଞ୍ଚାୟତ ମାଙ୍କଡ଼ାପାଳ ଗ୍ରାମର ସଞ୍ଜୟ ନାଏକ(୩୨)। ଗୁରୁତର ଅବସ୍ଥାରେ ତାଙ୍କୁ ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପେଟରେ ୨ଟି ଗୁଳି ବାଜିଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଛି। ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ଖବର ପାଇ ବଡ଼ସାହି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଗୁଳିକାଣ୍ଡର କାରଣ ଜଣାପଡ଼ିନାହିଁ। ଆହତ ସଞ୍ଜୟ ଜଣେ ଗାଉଁଲି ଟିଉସନ୍ ମାଷ୍ଟର୍। ତାଙ୍କର କାହା ସହିତ ସେଭଳି ଶତ୍ରୁତା ଥିବା ଗ୍ରାମବାସୀ ବିଶ୍ୱାସ କରିପାରୁନାହାନ୍ତି।

## ଦୁର୍ଘଟଣାରେ ୩ ମୃତ


ମାଲକାନଗିରି/କୋରୁକୋଣ୍ଡା, ୧୮।୧୦ (ସମିସ): ମାଲକାନଗିରି ସଦର ଥାନା ଅନ୍ତର୍ଗତ ଏମ୍‌ଭି-୧୧ ନିକଟସ୍ଥ ମାଲକାନଗିରି ବାଲିମେଳା ମୁଖ୍ୟ ରାସ୍ତାରେ ଆଜି ଦୁର୍ଘଟଣା ୩ଜଣଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ରାମ କୁମାର (୩୫), ଯମୁନା ସରକାର (୫୦) ଏବଂ ମୋହନ ମାଝୀ (୨୫)। ଆଜି ସକାଳ ପ୍ରାୟ ୯ଟା ବେଳେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନାଧିକାରୀ ହିମାଂଶୁ ଶେଖର ବାରିକ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ବରୀ,୧୮।୧୦(ସମିସ): ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ଗୋଳକୁଣ୍ଡଠାରେ ଚାଲିଥିବା ମେଗା ଜଳ ପ୍ରକଳ୍ପରେ ଅଘଟଣ ଘଟି ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଶ୍ରମିକ ଜଣଙ୍କ ଘର ସିଲିଗୁଡ଼ି ଠାରେ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି। ତାଙ୍କର ନାମ ଆର୍ଶଦ ଆଲାମ୍ (୩୦)। ବେଆଇନ୍ ଭାବେ ହୁକ ପକାଇ ନିଆ ଯାଇଥବା ବିଦ୍ୟୁତ ସଂସ୍ପର୍ଶରେ ଆସି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଲୁହା ରଡ଼ କାଟିବା ବେଳେ ଏହି ଅଘଟଣ ଘଟିଛି। ଆହତ ଅବସ୍ଥାରେ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।





# ପ୍ରାଣ ପ୍ରତିଷ୍ଠା



ବିଚିତ୍ର ବିଶ୍ୱାଳ

ନୂଆ କରି ତିଆରି ହୋଇଥିବା ଏକ ଭବ୍ୟ ମନ୍ଦିରର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ଯାଉଥିଲେ ମନ୍ତ୍ରୀ ମହୋଦୟ ଓ ମୁଖ୍ୟ ପୁରୋହିତ। ପାଞ୍ଜି ଦେଖି ଓ ଗ୍ରହ ନକ୍ଷତ୍ରଙ୍କ ଚଳନକୁ ଆକଳନ କରି ବିଗ୍ରହରେ ପ୍ରାଣ ପ୍ରତିଷ୍ଠାର ସମୟ ନିର୍ଘଣ୍ଟ ହୋଇଥିଲା। ଆଉ ଅଳ୍ପ ସମୟ ଥିବାରୁ ଦ୍ରୁତ ଗତିରେ ଚାଲୁଥିଲା ମନ୍ତ୍ରୀଙ୍କ ଗାଡ଼ି।

ରାସ୍ତାରେ ଜଣେ ମା' ବିକଳ ହୋଇ ସାହାଯ୍ୟ ଭିକ୍ଷା କରୁଥିଲେ। ତାଙ୍କ ଛୋଟ ପୁଅଟି ଦୁର୍ଘଟଣାର ଶିକାର ହୋଇ ରାସ୍ତା କଡ଼ରେ ପଡ଼ିଥିଲା। ବହୁତ ରକ୍ତ ବୋହିଯାଇଥିଲା। ତାକୁ ତୁରନ୍ତ ଡାକ୍ତରଖାନା ନେବା ଦରକାର ଥିଲା। ତାହେଲେ ହୁଏତ ଛୋଟ ପିଲାଟିର ପ୍ରାଣ ବଞ୍ଚିଯାଇ ପାରେ। ମା' ଜଣକ ନିଜେ ଆହତ ହୋଇ ମଧ ହାତ ହଲେଇ ଚିତ୍କାର କରି ତା' ପୁଅର ପ୍ରାଣ ବଞ୍ଚାଇବା ପାଇଁ ଆକୁଳ ନିବେଦନ କରୁଥିଲେ।

ମନ୍ତ୍ରୀଙ୍କ ଗାଡ଼ି ଡ୍ରାଇଭର ଯନ୍ତ୍ରବତ୍ ଗାଡ଼ି ଅଟକାଇ ଦେଲା ମା' ଜଣକ ପାଖରେ। ମା'ର ଆଖିରେ ଆଶା ଜାଗି ଉଠିଲା। କିଛି ଚିନ୍ତା ନକରି ଡ୍ରାଇଭର ଜଣକ ଗାଡ଼ିରୁ ଓହ୍ଲେଇ ଗଲା। ପୁଅର ପ୍ରାଣ ବଞ୍ଚିଯିବ ବୋଲି ମା'ର ଆଶା ସଂଚାର ହେଲା।

ହଠାତ୍ ଗାଡ଼ି ଭିତରୁ ଏକା ସାଙ୍ଗରେ ଚିଲ୍ଲେଇ ଉଠିଲେ ମନ୍ତ୍ରୀ ଓ ପୁରୋହିତ। ଆରେ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ସମୟ ଗଡ଼ି ଯାଉଛି। ଡେରି ହେଲେ ବିଘ୍ନ ହୋଇଯିବ। ଗାଡ଼ି ରଖି ସିଆଡ଼େ କୁଆଡ଼େ ଯାଉଛୁ? ଶୀଘ୍ର ଆସି ଷ୍ଟିଅରିଂ ଧର।

ମାଲିକଙ୍କ ଚିତ୍କାର ଶୁଣି ଡ୍ରାଇଭରର ପାଦ ଯୋଡ଼ିକ ଅଟକି ଗଲା। ମା' ଜଣକ କାନ୍ଦି କାନ୍ଦି କହୁଥିଲେ, "ମୋ ପୁଅକୁ ଟିକେ ଶୀଘ୍ର ଡାକ୍ତରଖାନାକୁ ନେଇ ତା' ପ୍ରାଣ ବଞ୍ଚେଇ ଦିଅନ୍ତୁ ଆଜ୍ଞା... ।"

ମା'ଟିର ବିକଳ ଚିତ୍କାର ମନ୍ତ୍ରୀ ଓ ପୁରୋହିତଙ୍କ ପ୍ରାଣକୁ ଭେଦି ପାରିଲା ନାହିଁ। ଗାଡ଼ି ଭିତରୁ ଡ୍ରାଇଭର ଉଦ୍ଦେଶ୍ୟରେ ମନ୍ତ୍ରୀ ଗର୍ଜନ କଲେ, ଏଇ ଶୀଘ୍ର ଆସି ଗାଡ଼ି ଚଲା। ପ୍ରାଣ ପ୍ରତିଷ୍ଠା ସମୟ ଗଡ଼ିଯାଉଛି। ହଜାର ହଜାର ଲୋକ ସେପଟେ ଅପେକ୍ଷା କରିଛନ୍ତି। ଶୀଘ୍ର ଆସ୍। ମନ୍ତ୍ରୀଙ୍କ ତାଗିଦରେ ବିଚରା ଡ୍ରାଇଭର ପଛକୁ ଫେରି ଗାଡ଼ି ଭିତରକୁ ଆସିଲା। ମା' ଜଣକ ଛାତିରେ ହାତ ବାଡ଼େଇ ବାଡ଼େଇ ତା' ପୁଅର ପ୍ରାଣ ରକ୍ଷା ପାଇଁ ବିକଳ ମିନତି କରୁଥିଲା। କିନ୍ତୁ ମନ୍ତ୍ରୀ ଓ ପୁରୋହିତ ମନ୍ଦିର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ଶୀଘ୍ର ଶୀଘ୍ର ଚାଲିଗଲେ।

ନୀରବରେ ଡ୍ରାଇଭର ଗାଡ଼ି ଚଳାଉଥିଲା। ତା' ମନ ଭିତରେ ଗୋଟିଏ କଥା ବାରମ୍ବାର ବାଡ଼େଇ ହେଉଥିଲା, ଗୋଟେ ଜୀବନ୍ତ ପିଲାର ପ୍ରାଣ ରକ୍ଷାକୁ ପଛ କରି ଏମାନେ କେଉଁ ପଥର ଦେହରେ ପ୍ରାଣ ପ୍ରତିଷ୍ଠା କରିବାକୁ ଯାଉଛନ୍ତି!

ବିଗ୍ରହ ଦେହରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ସାରି ଫେରିଲେ ମନ୍ତ୍ରୀ। ଡ୍ରାଇଭର ଆଖିରେ କିନ୍ତୁ ନାଚି ଉଠୁଥିଲା ପ୍ରାଣ ରକ୍ଷା ପାଇଁ ସଂଘର୍ଷ କରୁଥିବା ଛୋଟ ପିଲାଟିର ରକ୍ତାକ୍ତ ଶରୀର ଓ ଶୁଖିଲା ମୁହଁ। ■

ଭିରଙ୍ଗ, ତିରଣ
ଜଗତସିଂହପୁର- ୭୫୪୧୩୮
ମୋ: ୯୪୩୮୪୬୮୪୭୪

# ପକ୍ଷହୀନ ଜଟାୟୁ ମୁଁ



କୁନଲତା ତ୍ରିପାଠୀ

ବୟୋବୃଦ୍ଧ ଜଟାୟୁ ମୁଁ
ସମୟ ସରସୀର ପ୍ରଭାବିତ ସ୍ରୋତେ ପକ୍ଷହୀନ
ଭାସି ଭାସି ଅଙ୍କା ବଙ୍କା ସର୍ପିଳ ପଥେ
ଝଡ଼ ଝଞ୍ଜା ସହି ସହି ଅରଣ୍ୟ ବାସରେ
ଅନେକ ଅନୁଭୂତିରେ ଜୀବନକୁ ପରଖିଛି ମୁଁ
କେତେ ବ୍ୟଥା ବେଦନାର ସ୍ୱର ଆଙ୍କି ହୋଇ
ସମୟ ପୃଷ୍ଠାରେ ଅଲିଭା ସ୍ୱାକ୍ଷରେ,,
କେତେ ଅବା ଧୋଇ ହୋଇ
ହିସାବ କି ଦେଇ ମୁଁ ପାରିବି?
ନିରେଖି ପାରିନି ତାହା ଆବଶ୍ୟକ ଅନାବଶ୍ୟକ ଭେଦେ
ମାତ୍ର ଇତିହାସ ମୂକସାକ୍ଷୀ ହୋଇ ରୂପରେଖ ଦେଇଥାଏ ତା'ର,
ଜାଣିଛି ମୁଁ ତାହା
ମୃତ୍ୟୁକୁ ଆପଣେଇ ପାରିନି ମୁଁ
ଭୀଷଣ ଏ ଚନ୍ଦ୍ରହାସ ଖଡ୍‌ଗର ଆଘାତେ,
ବଞ୍ଚିଛି ମୁଁ ବଞ୍ଚିଥିବି କର୍ମକ୍ଲାନ୍ତ ଜୀବନେ ମୋ ଅପାରଗ ହୋଇ,
ରାବଣର ବିଦ୍ରୂପ ହସରେ ଯଦିଓ ପ୍ରତାରିତ ମୁଁ - ମାତ୍ର ପ୍ରଚୋଦିତ
ଅପେକ୍ଷମାଣ ମୁଁ ସମ୍ବେଦନାର ସମ୍ମୋହନ ମନ୍ତ୍ରେ,
ହୁଏତ ଏ ହୋଇପାରେ ମୋର ଅନ୍ତିମ ପ୍ରତୀକ୍ଷା,
ମାତ୍ର ନୁହେଁ ଶେଷ ସ୍ୱର
ଅଥଚ ମୋ ଜୀବନର ସର୍ବମୂଲ୍ୟ ଶେଷ ଆଶା ଭରସାର
ଭୂମିକାଟିଏ ନିଭାଇବା ପାଇଁ।
ରାବଣର ଅଟ୍ଟହାସ୍ୟ,
ବିଚଳିତ କରିପାରିନି ମୋତେ
ମାରି ମରିବାର ପଣ ମୋ' ଭିତରେ
ଶୂନ୍ୟତାରେ ପୂର୍ଣ୍ଣତାର ଉପଲବ୍ଧି ଦେଇ।

ଅନ୍ତ ହେବ ଦୁରାଚାର
ଅବସାନ ଘଟିବ ଭ୍ରଷ୍ଟର
ଧର୍ମ ସଂସ୍ଥାପନ ପାଇଁ ଯୁଗେ ଯୁଗେ
ଅନ୍ତିମ ଅଭିଳାଷ ନେଇ
ଯୁଗେ ଯୁଗେ ଜନମେ ଜନମେ
ପକ୍ଷହୀନ ଜଟାୟୁ ମୁଁ ଏବେ ବି ବଞ୍ଚିଛି
ପ୍ରତୀକ୍ଷାର ଘଟିନାହିଁ ଅନ୍ତ। ■

କଟକ
ମୋ: ୮୩୩୯୦୫୧୧୭୩



# ରେ ଜୀବନ!



ପବିତ୍ର ମୋହନ ଦାଶ

ତୁ ନିମନ୍ତ୍ରଣ ଦେଇଯାଉ
ଆକାଶରେ ପହଁରିବା ପାଇଁ
ମୋର ଡେଣା ଗଜୁରେ ନାହିଁ,
ତୁ ପ୍ରେରଣା ଦେଉ
ନଦୀ ସହ ସ୍ୱର ସାଧନା ପାଇଁ
ଗଳାରେ କର୍କଟ ମୋର
କଣ୍ଠ ଫିଟେ ନାହିଁ,
ତୁ ଆଦେଶ ଦେଉ
ତୋଫାନ ସହ ମାତି ଉଠିବା ପାଇଁ
ରକ୍ତରେ ମୋ ନିଶା ମିଶେ ନାହିଁ,
ତୁ ଉତ୍ସାହିତ କରୁ
ସମୁଦ୍ର ସହ ନାଚିବା ପାଇଁ
ପକ୍ଷାଘାତ ଗ୍ରସ୍ତ ମୋର ଗୋଡ଼
ପାଦ ଚଳେ ନାହିଁ,
ରେ ଜୀବନ!
ତୁ କହୁ ଅଜ୍ଞାତ ସହିତ
ଘର ଛାଡ଼ି ଚାଲି ଯିବା ପାଇଁ
ମୁଁ ନାଚାର ଖୋଲେନା କବାଟ
କେଜାଣି କିମ୍ପାଇଁ? ■

ଇଂରାଜୀ ବିଭାଗ
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ
ବାଲିପୁଟ, ପୁରୀ - ୭୫୨୦୪୫

# ସୁରେନ୍ଦ୍ରଙ୍କ ଗଳ୍ପରେ ବୌଦ୍ଧ ଚେତନା



ଡକ୍ଟର ବାସନ୍ତୀ ମହାନ୍ତି

କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଗଭୀର ଜୀବନ ଜିଜ୍ଞାସା ଓ ତା'ର ଉପଲବ୍ଧି ହେଲା - "ଜୀବନ ପବିତ୍ର ଓ ଅନାବିଳ। ଜ୍ୟୋତ୍ସ୍ନାର ପ୍ରତିଫଳନ ଏଇ ଶିଶିର ବିନ୍ଦୁରେ ଯେତିକି ଲୋଭନୀୟ ନର୍ଦ୍ଦମାରେ ସୁଦ୍ଧା ସେତିକି ରମଣୀୟ। ପୁଣ୍ୟ ମଧ୍ୟରେ ଜୀବନ ଯେପରି ଶୁଭ୍ର, ସୁନ୍ଦର, ପାପ ମଧ୍ୟରେ ଜୀବନ ମଧ୍ୟ ସେହିପରି ସ୍ୱଚ୍ଛ ଓ ରମଣୀୟ। ଦେହର ଜାନ୍ତବ କ୍ଷୁଧା ମଧ୍ୟରେ ମଧ୍ୟ ଜୀବନର ପୁଣ୍ୟମୟ ଉପଲବ୍ଧି ଅଛି।" ଜୀବନର ଏ ଗୂଢ଼ ତତ୍ତ୍ୱକୁ ନିଷ୍କପଟ ଭାବରେ ସେ ତାଙ୍କ ବହୁ ସୃଷ୍ଟିରେ ଉପସ୍ଥାପନା କରିଛନ୍ତି। ଏହି ଚିନ୍ତାଧାରାକୁ ସମ୍ବଳିତ କରି ସୁରେନ୍ଦ୍ରଙ୍କର ବୌଦ୍ଧ ଯୁଗର ଗଳ୍ପଗୁଡ଼ିକ ସମୃଦ୍ଧ। ଏ ପ୍ରକାର ଗଳ୍ପଗୁଡ଼ିକ ସଂଖ୍ୟା ସର୍ବମୋଟ ଛଅଟି। ସେଗୁଡ଼ିକ ହେଉଛି – 'ସାରୀପୁତ୍ତ', 'ଅମ୍ବାପଲ୍ଲୀ', 'ମଧୁମତ୍ତାର ରାତ୍ରୀ', 'ପିତା ଓ ପୁତ୍ର', 'ମହାନିର୍ବାଣ' ଓ 'ଉଦ୍ରରାମପୁତ୍ର'।

ଉଦ୍ରରାମପୁତ୍ର ମହାଯୋଗୀ ବୌଦ୍ଧ ସନ୍ନ୍ୟାସୀ କଳିଙ୍ଗର ଅଧିବାସୀ ଥିଲେ। ତାଙ୍କ ସମ୍ପର୍କରେ "ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରେ (ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ) ମହାନଦୀ (M.O.-HO-River) ତଟବର୍ତ୍ତୀ ମହାକାନ୍ତାରରେ ମହାଯୋଗୀ ଉଦ୍ର ରାମପୁତ୍ରଙ୍କ ବିବରଣୀ ବର୍ଣ୍ଣିତ ଅଛି।" ବୌଦ୍ଧଯୁଗର ଗୋଟିଏ ସତ୍ୟ ଆଧାରିତ ଚରିତ୍ରକୁ ନେଇ 'ଉଦ୍ର ରାମପୁତ୍ର' ଗଳ୍ପଟିର ପରିକଳ୍ପନା ହୋଇଛି। ଗଳ୍ପଟିର ବିଷୟବସ୍ତୁ କିନ୍ତୁ ରାମାୟଣ ଯୁଗର ରାଜା ଦଶରଥଙ୍କ ରାଜ୍ୟରେ ଅନାବୃଷ୍ଟିର ନିରାକରଣ ପାଇଁ ଆଜନ୍ମ ବ୍ରହ୍ମଚାରୀ ଋଷ୍ୟଶୃଙ୍ଗଙ୍କ ପଦସ୍ପର୍ଶ ଅଯୋଧ୍ୟା ରାଜ୍ୟରେ କରାଇବା ଓ ରାଜକନ୍ୟା ଶାନ୍ତାଙ୍କୁ ଅର୍ପଣ କରିବା ଉପାଖ୍ୟାନ ସହ ସାମଞ୍ଜସ୍ୟ ରଖେ। ଏ ଗଳ୍ପରେ କଥାବସ୍ତୁ ପ୍ରଧାନ ନୁହେଁ; କିନ୍ତୁ ଜଣେ ସଂସ୍କାରକ ସାଧନା-ନିଷ୍ଠ, ଜିତେନ୍ଦ୍ରୀୟ ନିର୍ବାଣ କାମୀ ବୌଦ୍ଧଭିକ୍ଷୁ ବିଶ୍ୱକଲ୍ୟାଣ ପାଇଁ ତାର ସକଳ ତପଃଫଳ ଉତ୍ସର୍ଗ କରିଦେଇ ପରିଶେଷରେ କିପରି ଜୀବନର ଚିରନ୍ତନ ମଧୁର ଅନୁଭବ ଜାନ୍ତବ କାମନା ନିକଟରେ ଆତ୍ମସମର୍ପଣ କରିଛି ସେହି ଭାବ ସମ୍ପଦ ଉପରେ ପ୍ରାଧାନ୍ୟ ଦିଆଯାଇଛି। ଜୀବନର ଏକ ଚିରନ୍ତନ ସତ୍ୟ ହିଁ ଗଳ୍ପଟିରେ ମାର୍ମିକ ଭାବରେ ବର୍ଣ୍ଣିତ ହୋଇଛି।

ସୁରେନ୍ଦ୍ର ମହାନ୍ତିଙ୍କ 'ସାରୀପୁତ୍ତ' ଜୀବନକୁ ବନ୍ଦନା କରୁଥିବା ଅନ୍ୟ ଏକ ସାର୍ଥକ ବୌଦ୍ଧ ଗଳ୍ପ। ଗୌତମ ବୁଦ୍ଧ ଯନ୍ତ୍ରଣା କ୍ଲିଷ୍ଟ ଜୀବନର ଅସାରତା ଓ ନିର୍ବାଣ ତତ୍ତ୍ୱରେ ପ୍ରଭାବିତ ହୋଇ ସାରୀପୁତ୍ତ ଗୃହତ୍ୟାଗୀ ହୋଇ ସଂଘଭୁକ୍ତ ହୋଇଛି। ମା' ରୂପଶ୍ରୀର କୋମଳ ମାତୃ ହୃଦୟ ପୁତ୍ର ବିଚ୍ଛେଦରେ ଖଣ୍ଡବିଖଣ୍ଡିତ ହୋଇପଡ଼ିଛି। ଦିନ ଦିନ ଧରି ସେ ପୁତ୍ରର ଘର ବାହୁଡ଼ାକୁ ପ୍ରତୀକ୍ଷା କରି ଯନ୍ତ୍ରଣା ଜର୍ଜରିତ ମୁହୂର୍ତ୍ତମାନଙ୍କୁ ଅତିବାହିତ କରୁଛି। ପୁତ୍ର, ପୁତ୍ରବଧୂ, କଳତ୍ରମାନଙ୍କୁ ନେଇ ଏକ ଭରପୂର ସାଂସାରିକ ଜୀବନରେ କାଳ୍ପନିକ ମୋହରେ ସେ ମୋହଗ୍ରସ୍ତ ହୋଇ ପଡ଼ିଛି। ରିଷ୍ଟ ଖଣ୍ଡନ ପାଇଁ ବ୍ରାହ୍ମଣ ଦେବତାଙ୍କୁ ପୂଜା ଆରାଧନା ଅର୍ଘ୍ୟ ଦେଇଛି। ଅବଶେଷରେ ସାରୀପୁତ୍ତ ଫେରିଛି କିନ୍ତୁ ପୁତ୍ର ରୂପରେ ନୁହେଁ ଭିକ୍ଷୁ ରୂପରେ। ଗୌତମୀ ପ୍ରଜାପତିଙ୍କ ସହକର୍ମିଣୀ ପାଇଁ ସେ ମାତା ରୂପଶ୍ରୀଙ୍କୁ ଭିକ୍ଷା ରୂପରେ ଚାହିଁଛନ୍ତି। ସାରୀପୁତ୍ତଙ୍କର ଏ ଭିକ୍ଷାରେ ରୂପଶ୍ରୀର ମାତୃ ହୃଦୟ ଆର୍ତ୍ତନାଦ କରି ଉଠୁଛି। ସେ ନିର୍ବାଣ ନୁହେଁ ଜୀବନ ଚାହାନ୍ତି ବୋଲି ନିଷ୍ଠୁର ଭାବରେ ବହୁବାଞ୍ଛିତ ପୁତ୍ରକୁ ରିକ୍ତ ହସ୍ତରେ ଫେରେଇ ଦେଇଛନ୍ତି। ଜୀବନର ଏ ମହାର୍ଘ ଜୟଗାନ ଭିତରେ ବୁଦ୍ଧଙ୍କର ସକଳ ଧର୍ମୋପଦେଶ, ନିର୍ବାଣୋନ୍ମୁଖୀ କାମନା ଓ ଜୀବନକୁ ଯନ୍ତ୍ରଣାମୁକ୍ତ କରିବାର ପ୍ରଚେଷ୍ଟା ମ୍ଳାନ ହେଲା ଭଳି ଅନୁଭୂତ ହୁଏ, କାରଣ ଜୀବନ ଥିଲେ ଯନ୍ତ୍ରଣା ଅଛି, କାମନା ଅଛି ପୁଣି ଆନନ୍ଦବୋଧ ଅଛି।

'ଅମ୍ବାପଲ୍ଲୀ' ଗଳ୍ପ ତତ୍କାଳୀନ ସାମାଜିକ ବିଧି ବ୍ୟବସ୍ଥା ନିକଟରେ ସମର୍ପିତା ଅସହାୟ ନାରୀତ୍ୱର ଆହତ ଆତ୍ମଲିପି। ବୌଦ୍ଧ ଧର୍ମଦର୍ଶନର ପୃଷ୍ଠପୀଠିକାରେ ଗଳ୍ପଟି ଅବସ୍ଥା ବାଧ ନାରୀତ୍ୱର ହାହାକାର ଗଳ୍ପର ଭାବସମ୍ପଦ। ରୂପଶ୍ରୀ ଭଳି ଗଣତନ୍ତ୍ରର ବର୍ବର ସାମୂହିକ ନିଷ୍ପତ୍ତି ତାର ନାରୀତ୍ୱକୁ ଅବମାନନା କରିଛି। ସେ ଗଣ ଭୋଗ୍ୟା ହୋଇଛି। ବୈଶାଳୀର ସ୍ୱାର୍ଥ ପାଇଁ ସେ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ସ୍ୱପ୍ନ ଓ ସମ୍ଭାବନାକୁ ବିସର୍ଜନ ଦେଇଛି। 'ଥେରୀ ଗାଥା'ରେ ଅମ୍ବାପଲ୍ଲୀର ସ୍ୱରଚିତ ଗୋଟିଏ ଆତ୍ମକାହାଣୀ ମୂଳକ କବିତାରେ ଏହିପରି ଗୋଟିଏ ଗଣିକାର ବ୍ୟର୍ଥ ନାରୀତ୍ୱର ଅଶ୍ରୁଳ ଚିତ୍ର ବର୍ଣ୍ଣିତ ହୋଇଛି। ଅମ୍ବାପଲ୍ଲୀ ଥିଲା ବିଦୂଷୀ। ଜୀବନର ବ୍ୟର୍ଥତା ଓ ହା'ହତାଶକୁ ତିଳତିଳ ଉପଲବ୍ଧି କରି ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ବିଭୂତି ସତ୍ତ୍ୱେ ସେ ଜୀବନ ବିଦ୍ୱେଷୀ ହୋଇପଡ଼ିଛି। ତା'ର ବଞ୍ଚିତ ମାତୃତ୍ୱର ଆହତ ସ୍ୱାକ୍ଷର 'ଜୀବକ' ଯାହାକୁ ଦିନେ ସେ ଆହତ ଅଭିମାନରେ ପରିତ୍ୟାଗ କରିଦେଇଥିଲା, ତାକୁ ଅତି ନିକଟରେ ପାଇ ସୁଦ୍ଧା ମାତୃତ୍ୱର ଉତ୍ତାପ ପ୍ରଶମିତ କରିପାରୁ ନାହିଁ। ଦେହ ସର୍ବସ୍ୱ ହେବା ପାଇଁ ତତ୍କାଳୀନ ସମାଜ ତାକୁ ଅନୁବନ୍ଧିତ କରିଥିଲେ ସୁଦ୍ଧା ଆତ୍ମାର ତୀବ୍ର ଆହ୍ୱାନ ତାକୁ ଉନ୍ମନା କରିଛି। ଏକ ପକ୍ଷରେ ତା' ଶରୀରକୁ ବନ୍ଦନା କରୁଥିବା ବିମ୍ବିସାର ଓ ଅନ୍ୟ ପକ୍ଷରେ ଶରୀରର କାମନା ବାସନାକୁ ତୁଚ୍ଛ କରି ଆତ୍ମାର ଊର୍ଦ୍ଧ୍ୱଗତି ପାଇଁ ସନ୍ଦେଶ ପ୍ରଦାନ କରୁଥିବା ଗୌତମବୁଦ୍ଧ, ଭୁବନ ମୋହିନୀ ବେଶରେ ସଜ୍ଜିତା ଆମ୍ରପାଲ୍ଲୀ ଜୀବନର ବହୁବାଞ୍ଛିତ ନିଷ୍ପତ୍ତିକୁ ଗ୍ରହଣ କରିନେଇଛି।

'ମଧୁମତ୍ତାର ରାତ୍ରୀ' କିନ୍ତୁ ନାରୀ ପ୍ରତି ଚିରାଚରିତ ବିଚାର ଧାରାର ଏକ ନୀରବ ବିଦ୍ରୋହ। ଏ ଜନ୍ମରେ ନହେଲେ ସୁଦ୍ଧା ନାରୀ ପ୍ରତି ସାମାଜିକ ବିଧି ବ୍ୟବସ୍ଥାକୁ ମୌନ ପ୍ରତିବାଦ କରି ପରଜନ୍ମରେ ନାରୀତ୍ୱର ମହନୀୟ ଆବେଦନକୁ ଗଣଭୋଗ୍ୟା ନାରୀଟିଏ ଅନୁଭବ କରିବା ପାଇଁ ବ୍ୟାକୁଳ ହୋଇପଡ଼ିଛି। ସେଥିପାଇଁ ସେ ନିର୍ବାଣ ତତ୍ତ୍ୱର ମହିମା ପ୍ରଚାର କରୁଥିବା ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ବାରମ୍ବାର ପରଜନ୍ମ ସମ୍ପର୍କରେ ଉତ୍ପୀଡ଼କ ପ୍ରଶ୍ନ ପ୍ରଚାରି ଅସ୍ଥିର କରିଦେଇଛି। ତପୋକ୍ଲିଷ୍ଟ ସଂଯମପିଣ୍ଡିତ ଏ ବୌଦ୍ଧ ଭିକ୍ଷୁମାନଙ୍କ ସାଧନାକୁ ନିଜର ମଧୁମତ୍ତ ଆକର୍ଷଣରେ ମୋହଗ୍ରସ୍ତ କରି ସେହି ବିଦ୍ରୋହ ବ୍ୟଞ୍ଜକ ପ୍ରଶ୍ନ କରିଛି। 'ଅନ୍ୟର ପାଦତଳେ କେବଳ ଅସହାୟ ଭାବରେ ନିବେଦିତ ହେବା ହିଁ କ'ଣ କୁସୁମର ଭବିତବ୍ୟ'? ଏ ଗଭୀର ଜିଜ୍ଞାସା ଅନ୍ତରାଳରେ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟରେ ଆଜୀବନ ପ୍ରତିପାଳିତା ଓ ନାରୀତ୍ୱକୁ ଅନ୍ୟର ପାଦତଳେ ନିବେଦିତ କରୁଥିବା ନାରୀଟିଏ 'ହୁଏତ କାମନା କରୁଥିଲା ଏକ ନାମହୀନ ଜନପଦର ଅଖ୍ୟାତ ଅଜ୍ଞାତ କୋଣରେ କେଉଁ ଏକ ସାମାନ୍ୟ ଗୃହସ୍ଥଳୀର ପରିଚ୍ଛନ୍ନ, ଶୁଭ୍ର ଅଙ୍ଗନ।'

'ପିତା ଓ ପୁତ୍ର' ଗଳ୍ପ ସୁରେନ୍ଦ୍ର ମହାନ୍ତିଙ୍କ ଏକ ବହୁ ଚର୍ଚ୍ଚିତ ଗଳ୍ପ। ରୁଚିପୂର୍ଣ୍ଣ ସମ୍ଭ୍ରାନ୍ତ ଭାଷା ଶୈଳୀ ଓ ବିଷୟବସ୍ତୁର ନାଟକୀୟ ଉପସ୍ଥାପନାରେ ଉକ୍ତ ଗଳ୍ପଟି ତାଙ୍କ ସୃଷ୍ଟି ଅନ୍ୟ ସମସ୍ତ ଗଳ୍ପଠାରୁ ଅଗ୍ରଗଣ୍ୟ ମନେହୁଏ। ଗଳ୍ପଟିର କଥାବସ୍ତୁ ଅପେକ୍ଷା ଆଙ୍ଗିକ ଶୈଳୀ ବେଶ୍ ଆକର୍ଷଣୀୟ। ତାଙ୍କର ଅନ୍ୟାନ୍ୟ ବୌଦ୍ଧଯୁଗୀୟ ଗଳ୍ପ ଭଳି ଏଥିରେ ବୌଦ୍ଧ ଧର୍ମ ଦର୍ଶନର ବ୍ୟାଖ୍ୟା ନାହିଁ। ମଗଧର ରାଜା ଅଜାତଶତ୍ରୁଙ୍କର ପୁତ୍ର ଉଦାୟୀ ଓ ତାଙ୍କର ପରବର୍ତ୍ତୀ ତିନିଜଣ ବଂଶଧର ପିତୃହନ୍ତା ଥିଲେ। ପ୍ରଜାମାନେ ଏଥିରେ ଉତ୍ତେଜିତ ହୋଇ କାଶୀରାଜା ଶିଶୁନାଗଙ୍କୁ ମଗଧର ସିଂହାସନରେ ଅଭିଷିକ୍ତ କରିଥିଲେ। ଇତିହାସର ଏହି ସତ୍ୟକୁ ଆଧାର କରି ପିତା ଓ ପୁତ୍ର ଗଳ୍ପ ପରିକଳ୍ପିତ ହୋଇଛି। ସ୍ରଷ୍ଟା ଯେତେ ନିଷ୍ଠୁର ନିର୍ମମ ନିଷ୍କରୁଣ ହେଲେ ସୁଦ୍ଧା ନିଜ ସୃଷ୍ଟି ନିକଟରେ ସେ ସର୍ବଦା ଅସହାୟ, କ୍ଷମାସ୍ନିଗ୍ଧ ଓ କରୁଣାମୟ। କିନ୍ତୁ ପିତୃତ୍ୱର ଅନୁଭବ ନହେବା ପର୍ଯ୍ୟନ୍ତ ସ୍ରଷ୍ଟାର ଏ ଅମୃତମୟ ଉପଲବ୍ଧି ଆସେ ନାହିଁ। ଉକ୍ତ ଗଳ୍ପରେ ଏହି ସତ୍ୟ ଉପସ୍ଥାପିତ ହୋଇଛି।

'ମହାନିର୍ବାଣ' ଗଳ୍ପ ନାୟକ ବୌଦ୍ଧଭିକ୍ଷୁ ନୀଳୋତ୍ପଳ ଶତ ସାଧନା ଓ ସଂଯମ ଭିତରେ ଯେଉଁ ଅନିର୍ବଚନୀୟ, ଅଦ୍ୱୟ ଶୂନ୍ୟତାର ଅନୁଭବ ପାଇ ନଥିଲେ ମଧୁବ୍ରତାର ପେଲବ କରତଳ ସ୍ପର୍ଶ କରି ତାହା ପାଇଛନ୍ତି ବୋଲି ସ୍ୱୀକାର କରନ୍ତି। ଦେହର କ୍ଷୁଧାରେ ଆତ୍ମାର ଅଭୀପ୍ସା ମଳିନ ହୋଇପଡ଼ିଛି। ଏ ମହାସୁଖର ଅନୁଭବ ଭିତରେ ସେ ନିର୍ବାଣର ମହାଶୂନ୍ୟତା ଉପଲବ୍ଧି କରିଛନ୍ତି। ପ୍ରବୃତ୍ତି ଓ ନିବୃତ୍ତିର ସଂଘର୍ଷ ଭିତରେ ପ୍ରବୃତ୍ତି ଜୟଲାଭ କରିଛି। ନିର୍ବାଣ ଅପେକ୍ଷା ଜୀବନ ହୋଇ ଉଠିଛି ଅଧିକ କାମ୍ୟ। ବୌଦ୍ଧ ଦର୍ଶନ ତତ୍ତ୍ୱରେ ଏସବୁ କିନ୍ତୁ ସ୍ଖଳନ। ସେଥିପାଇଁ ବ୍ରହ୍ମଦଣ୍ଡ ଭୋଗିବାକୁ ପଡ଼େ। ଜୀବନର କ୍ଷଣଭଙ୍ଗୁରତା ଉପଲବ୍ଧି ପାଇଁ ଘୋର ଶ୍ମଶାନରେ ଅଶୁଭ ଭାବନା ଅଭ୍ୟାସ କରିବାକୁ ହୁଏ। ନୀଳୋତ୍ପଳ ସେହି ଅଶୁଭ ଭାବନା ଅଭ୍ୟାସରେ ସମ୍ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହୋଇସାରିବା ପରେ ସୁଦ୍ଧା ମଧୁବ୍ରତାର ଶବପିଣ୍ଡ ତାଙ୍କର ସକଳ ଶୀଳ ସଂଯମକୁ ଚୂର୍ଣ୍ଣୀଭୂତ କରିଦେଇଛି। ମଧୁବ୍ରତାର ଉଲଗ୍ନ ଶବ ପିଣ୍ଡକୁ ଆଲିଙ୍ଗନ କରି ସେ ଅଗଣିତ କ୍ଷୁଧିତ ଚୁମ୍ବନରେ ଆଚ୍ଛନ୍ନ କରିଦେଇଛନ୍ତି। ନିର୍ବାଣର ମହାସୁଖକୁ ଅସ୍ୱୀକାର କରି ଜୀବନର କ୍ଷଣଭଙ୍ଗୁରତା ଭିତରେ ସେ ଅମୃତର ସନ୍ଧାନ କରିଛନ୍ତି।


ସୁରେନ୍ଦ୍ରଙ୍କ ବୌଦ୍ଧଯୁଗୀୟ ଗଳ୍ପଗୁଡ଼ିକରେ ତାଙ୍କର ଗଭୀର ଅଧ୍ୟବସାୟ ଓ ଅଧ୍ୟୟନର ଚିତ୍ର ସୁସ୍ପଷ୍ଟ। ଏ ଗଳ୍ପଗୁଡ଼ିକରେ "ଜୀବନ ସଂଭୋଗର ନହବତରେ ପୁଷ୍କଳ ହେବ କି ତ୍ୟାଗ, ସଂଯମ ଓ କୃଚ୍ଛ୍ର ସାଧନାର ନିରବିଚ୍ଛିନ୍ନ ଯନ୍ତ୍ରଣା ଜର୍ଜରିତ ହୋଇ ନିର୍ବାଣ ନିମନ୍ତେ ବୁଦ୍ଧସଂଘ ଓ ଧର୍ମ ଆଶ୍ରା କରିବ।" ଏ ଉତ୍ପୀଡ଼କ ଜିଜ୍ଞାସାରେ ବ୍ୟକ୍ତି ଅସ୍ଥିର ହୋଇ ପଡ଼ିଛି। ଏ ଜୀବନ ଜିଜ୍ଞାସା ଓ ଜୀବନର ଅନ୍ୱେଷଣ ଭିତରେ ମନେହୁଏ ଜୀବନ ସଂଭୋଗୀ ସୁରେନ୍ଦ୍ର ମହାନ୍ତି ଜୀବନର ହିଁ ବନ୍ଦନା କରିଛନ୍ତି। ତାଙ୍କ ଚରିତ୍ରଗୁଡ଼ିକ ସାଧନା ପିଣ୍ଡିତ ଜୀବନ ଭିତରେ ଯେତିକି ମର୍ଯ୍ୟାଦାବନ୍ତ ଓ ଗୁରୁଗମ୍ଭୀର ତା'ଠାରୁ ଅଧିକ ରମଣୀୟ ହୋଇଛନ୍ତି। ସ୍ଖଳନ ଓ ପାପାଚାର ମଧ୍ୟରେ ଜୀବନ ହିଁ ତାଙ୍କର ପରମକାମ୍ୟ, ନିର୍ବାଣ ନୁହେଁ। ଏ ସତ୍ୟ ସ୍ପଷ୍ଟ ଓ ନିର୍ଭୀକ ଭାବରେ ବହୁ ଚରିତ୍ରଙ୍କ ମୁହଁରେ ସେ ଉଦ୍‌ଘୋଷଣା କରିଛନ୍ତି। ■

ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍- ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬
ମୋ: ୯୪୩୭୦୩୩୦୭୪

# ପୂଜା ପତ୍ରିକା ପରିଚୟ

## ସୁଚିତ୍ରା

### ସଂପାଦକ : କନ୍ଦର୍ପ ବେହେରା



ଡଇଁଚା, ରେଢ଼ାଖୋଲ
ଜି: ସମ୍ବଲପୁର-୭୬୮୧୦୬
ମୂଲ୍ୟ:୫୦ ଟଙ୍କା

ସୃଜନର ସ୍ପନ୍ଦନ 'ସୁଚିତ୍ରା'ର ଶାରଦୀୟ ସଂଖ୍ୟା ୨୦୨୫ ଆମର ହସ୍ତଗତ ହୋଇଛି। କନ୍ଦର୍ପ ବେହେରାଙ୍କ ସଂପାଦନାରେ ପ୍ରକାଶିତ 'ସୁଚିତ୍ରା'ର ଚଳିତ ସଂଖ୍ୟାଟି କେତେ ଜଣ ବରିଷ୍ଠ, ଯୁବ ଲେଖକଙ୍କ କବିତା, ଗପ, ପ୍ରବନ୍ଧ, ଶିଶୁ ସାହିତ୍ୟ, ସାକ୍ଷାତକାରରେ ସମୃଦ୍ଧ ହୋଇଛି। କବିତା ବିଭାଗରେ କ୍ଷମାନିଧି ଭୋଇଙ୍କ 'ତୁମେ', ରମାକାନ୍ତ ଜେନାଙ୍କ 'ଶବ୍ଦ ସହ ସାମ୍ନାସାମ୍ନି', ଦେବାଶିଷ ଚକ୍ରବର୍ତ୍ତୀଙ୍କ 'ନାକ୍‌ଟିଦେଉଳ', ଐଶ୍ୱର୍ଯ୍ୟା ମିଶ୍ରଙ୍କ 'ଶୂନ୍ୟା', ବିକାଶୀ ପ୍ରିୟଦର୍ଶିନୀ ରାଉତଙ୍କ 'ତୋ ଅମୃତ ପରଶରେ', ଇପ୍‌ସିତା ପ୍ରିୟଦର୍ଶନୀ ପରିଡ଼ାଙ୍କ 'ମୃତ୍ୟୁ ପରର ଆତ୍ମା', ସନ୍ତୋଷିନୀ ଦାଶ (ଗିରି)ଙ୍କ 'ଜୀବନ', ସନ୍ତୋଷ କୁମାର ରଥଙ୍କ 'ସେଲ୍‌ଫି ବ୍ୟାଧି', ଡକ୍ଟର ଅନୀଲ କୁମାର ସାହୁଙ୍କ 'ପ୍ରୀତିପର୍ଣ୍ଣା' ଆଦି କବିତାରେ ସାମାଜିକ ବାସ୍ତବତା, ମଣିଷ ଜୀବନ ନାନା ଦ୍ୱନ୍ଦ୍ୱ, ସଂଘର୍ଷ, ନାରୀ ମନର ଅକୁହା ବେଦନା ପ୍ରତିଫଳିତ ହୋଇଛି। ସେହିପରି ବିପିନ ମହାନନ୍ଦଙ୍କ 'ସେଇ ଝିଅଟିର ଦୁଇ ନୀଳ ଆଖି', ଗାୟତ୍ରୀ ସିଂହଙ୍କ 'ଡୋରି', ସ୍ରୋତସ୍ୱିନୀ ପରିଡ଼ାଙ୍କ 'ଆଖିର କଥା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ତେବେ ପ୍ରବନ୍ଧ, ପ୍ରଥମ ବହିର ସ୍ମୃତି, ଧର୍ମ, ସାକ୍ଷାତକାର, କଥାବାର୍ତ୍ତା, ପର୍ଯ୍ୟଟନ, ପିଲାଙ୍କ ପୃଷ୍ଠା, ସମ୍ବଲପୁରୀ କବିତା ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି। 'ସୁଚିତ୍ରା'ର ଶାରଦୀୟ ବିଶେଷାଙ୍କର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଆଗାମୀ ଶତାବ୍ଦୀ

### ସଂପାଦକ : ସେକ୍ ମସୁଦ୍ ଅଲି



ଏମ୍-୬୮, ମଧୁସୂଦନ ନଗର
ୟୁନିଟ୍-୪, ଭୁବନେଶ୍ୱର- ୯
ମୂଲ୍ୟ:୫୦ ଟଙ୍କା

ସାହିତ୍ୟ ପତ୍ରିକା 'ଆଗାମୀ ଶତାବ୍ଦୀ'ର ଶାରଦୀୟ ବିଶେଷାଙ୍କ -୨୦୨୫ ସେକ୍ ମସୁଦ୍ ଅଲିଙ୍କ ସଂପାଦନାରେ ପ୍ରକାଶ ପାଇଛି। ଏହି ସଂଖ୍ୟାର ପ୍ରବନ୍ଧ ବିଭାଗରେ ଡକ୍ଟର ସତ୍ୟ ନାରାୟଣ ମିଶ୍ରଙ୍କ 'ଦୁର୍ଗତିନାଶିନୀ ଦୁର୍ଗତି', ଗୌରହରି ଦାସଙ୍କ 'ସୁରେନ୍ଦ୍ର ମହାନ୍ତିଙ୍କ ସ୍ପର୍ଶରେ ଶିଳା ଶାଳଗ୍ରାମ ପାଲଟୁଥିଲା', ଦାଶ ବେନହୁରଙ୍କ 'ଈଶ୍ୱର ତତ୍ତ୍ୱ', ଡକ୍ଟର ବିଜୟାନନ୍ଦ ସିଂହଙ୍କ 'ପୁଣ୍ୟତୋୟା ବିରୂପା-ଚିତ୍ରୋତ୍ପଳା ଭୂମିରେ ସ୍ୱାଧୀନତା ସଂଗ୍ରାମ', ଡକ୍ଟର ଶିଶିର ବେହେରାଙ୍କ 'ସଖୀତତ୍ତ୍ୱ ଓ ସନ୍ଥ ହାଡ଼ିବନ୍ଧୁ ଦାସ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ଚିନ୍ତନଶୀଳ ହୋଇଛି। ସେହିପରି ସଦାଶିବ ଦାଶଙ୍କ 'ଏଇତ ଜୀବନ', ପ୍ରୀତିଧାରା ସାମଲଙ୍କ 'ମାଟିର ସଂସାର', ତୁହିନାଂଶୁ ରଥଙ୍କ 'ମୁଁ ସମୟ ପାଲଟି ଯାଏ', ସୁଶାନ୍ତ କୁମାର ନାୟକଙ୍କ 'ବର୍ଷା ଭିଜା କୋହ', ବିରଜା ରାଉତରାୟଙ୍କ 'ମେଘବର୍ଣ୍ଣା ଅଶ୍ରୁ' ଆଦି କବିତାଗୁଡ଼ିକରେ ମଣିଷ ଜୀବନର ଯନ୍ତ୍ରଣା, ସାଂପ୍ରତିକ ସମୟର ଚିତ୍ର ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି। ଗଳ୍ପ ବିଭାଗରେ ପଞ୍ଚାନନ କାନୁନ୍‌ଗୋଙ୍କ 'ଭଉଁରୀ', ସେକ୍ ମତଲୁବ ଅଲିଙ୍କ 'ଅନନ୍ତ ଅଭିସାର', ମାନସୀ ଦାସଙ୍କ 'ପୁତ୍ର କଳତ୍ର ଧନ ପାଇ', ସୁସ୍ମିତା ରଥଙ୍କ 'ଜୁଆର' ଆଦି ଗଳ୍ପ ହୃଦୟସ୍ପର୍ଶୀ ହୋଇଛି। 'ଆଗାମୀ ଶତାବ୍ଦୀ' ଏହି ସଂଖ୍ୟାର ପ୍ରତିଟି ଲେଖା ବେଶ୍ ଭାବଗର୍ଭକ ଓ ଆକର୍ଷଣୀୟ ହୋଇଛି। ■

## ସୁଗନ୍ଧ

### ସଂପାଦକ : ଦୀପ୍ତି ଖଣ୍ଡୁଆଳ



ସିହା, ଏରସମା
ଜଗତସିଂହପୁର-୭୫୪୧୩୯
ମୂଲ୍ୟ:୧୦୦ ଟଙ୍କା

ଦୀପ୍ତି ଖଣ୍ଡୁଆଳଙ୍କ ସଂପାଦନାରେ ପ୍ରକାଶିତ 'ସୃଜନର ସୁଗନ୍ଧ'ର ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା ପାର୍ବଣ – ୨୦୨୫ ପ୍ରକାଶ ପାଇଛି। ଏହି ସଂଖ୍ୟାରେ 'ସ୍ମରଣୀୟ ଗଳ୍ପ'ରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର', ଅନ୍ନପୂର୍ଣ୍ଣା ମହାରଣାଙ୍କ 'ଦସ୍ୟୁ ହୃଦୟର ଦେବତା' ଦୁଇଟି ହୃଦୟସ୍ପର୍ଶୀ ଗପ ପ୍ରକାଶିତ ହୋଇଛି। 'କବିତା ବିଭାଗ'ରେ ସୀତାକାନ୍ତ ମହାପାତ୍ର, ବନଜ ଦେବୀ, ପ୍ରବାସିନୀ ମହାକୁଡ଼, ପୀତାମ୍ବର ତରାଇ, ସ୍ୱପ୍ନା ମିଶ୍ର, ପିନାକୀ ମିଶ୍ର ପ୍ରମୁଖଙ୍କ କବିତାଗୁଡ଼ିକର ଆତ୍ମିକ ଓ ଆଙ୍ଗିକ ଉଭୟ ବିଭବ ମନଛୁଆଁ ହୋଇଛି। ସେହିପରି ଆର୍ଯ୍ୟ ଯଜ୍ଞଦତ୍ତ, ସତ୍ୟ ମିଶ୍ର, ଗୌରହରି ଦାସ, ଅରବିନ୍ଦ ରାୟ, ଅଜୟ ସ୍ୱାଇଁ, କୃପାସାଗର ସାହୁ ପ୍ରମୁଖଙ୍କ ଗପଗୁଡ଼ିକରେ ସାଂପ୍ରତିକ ସମୟର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି। ପ୍ରବନ୍ଧ ବିଭାଗରେ ଡକ୍ଟର ସର୍ବେଶ୍ୱର ସେଣଙ୍କ 'ଚିହ୍ନା ମାଟି: ଅଚିହ୍ନା ମଣିଷ', ଦାଶରଥି ଜେନାଙ୍କ 'ବ୍ରହ୍ମ ଓ ବିଶର ମହାନ୍ତି', ଡ.ସାରଦା ପ୍ରସାଦ କରଙ୍କ 'ଜୀବନ ଜିଇଁବାର ବିକଳ୍ପ କଳା ହସଟିଏ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି। ସେଭଳି କାଶୀନାଥ ନନ୍ଦୀ ଓ ଗାୟତ୍ରୀ ଦାସଙ୍କ ମିନି ଗପ ଦୁଇଟି ମାର୍ମିକ ହୋଇଛି। ବଙ୍ଗାଳୀ ନନ୍ଦଙ୍କ ଦ୍ୱାରା ଅନୂଦିତ ହଦାତ୍ ହସନ୍ ମଣ୍ଟୋଙ୍କ 'ମିଷ୍ଟର୍ ଆଣ୍ଡ ମିସେସ୍'କୁ ଅନୁବାଦ ଗଳ୍ପ ଆକର୍ଷଣୀୟ ହୋଇଛି। 'ସୁଗନ୍ଧ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

**ସାରଳା ସାହିତ୍ୟ ସଂସଦ ପକ୍ଷରୁ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ**

# ନବ ଓଡ଼ିଶା ନିର୍ମାଣରେ ଡ. ମହତାବଙ୍କ ଅବଦାନ ଅବିସ୍ମରଣୀୟ: ରାଜ୍ୟପାଳ



କଟକ,୧୮ ।୧୦(ସମିସ): ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି । ଏହି ଉତ୍ସବକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରି କହିଲେ ଯେ ନବ ଓଡ଼ିଶା ନିର୍ମାଣରେ ଡ. ମହତାବଙ୍କ ଅବଦାନ ଅବିସ୍ମରଣୀୟ। ସେ ଦେଶର ମୁକ୍ତି ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମହତାବ ଜଣେ ବିଚକ୍ଷଣ ରାଜନୀତିଜ୍ଞ ଥିଲେ ବୋଲି ସେ କହିଥିଲେ।


ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ, ଅନ୍ୟତମ ସମ୍ମାନିତ ଅତିଥି, ବିଶିଷ୍ଟ ଐତିହାସିକ ପ୍ରଫେସର ଖାରବେଳ ମହାନ୍ତି ମୁଖ୍ୟବକ୍ତା ଭାବେ ଓ କବି ପ୍ରସନ୍ନ ଜେନା ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ, ବିଶିଷ୍ଟ ଲେଖକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବିଶିଷ୍ଟ ସାମ୍ବାଦିକ ବାମାପଦ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରେକୃଷ୍ଣ ମହତାବଙ୍କ ପ୍ରତି ତାଙ୍କ ପୁତ୍ର ଭର୍ତ୍ତୃହରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ସଂସଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଶିଷ୍ଟ ଲେଖକ ସହଦେବ ସାହୁ ସ୍ୱାଗତ ଭାଷଣ ଦେବା ସହ ଡ. ମହତାବଙ୍କୁ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ।

ସାରଳା ଭବନରେ ରାଜ୍ୟପାଳଙ୍କୁ ସହଦେବ ସାହୁ, ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର୍ ସତ୍ୟନାରାୟଣ ପଣ୍ଡା, ଡାକ୍ତର ନିମାଇଁ ପରିଜା, ସମାଜସେବୀ କୈଳାସ ଦଳାଇ ଅଭ୍ୟର୍ଥନା ଜଣାଇଥିଲେ। ନାଟ୍ୟକାର ସଂଜିତ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଗାଳ୍ପିକା ସୋହାଗିନୀ ବେହେରା, କବି ଗୋପା ଦାସ ଓ ପ୍ରଫେସର ସୁଶାନ୍ତ କୁମାର ସେଠୀ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମକୁ କବି ପ୍ରିୟତମା ସାହୁ, ଅଧ୍ୟାପକ ନିର୍ମଳଚନ୍ଦ୍ର ପହୀ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓ ବ୍ରଜକିଶୋର ବେଉରା ପରିଚାଳନା କରିଥିଲେ। ସଂପାଦକ ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଚିକିତ୍ସା ସାରି ଡାକ୍ତରଖାନାରୁ ଫେରୁଥିଲେ**

# ଦୁର୍ଘଟଣାରେ ୨ ମୃତ, ୬ ଗୁରୁତର

ବଲାଙ୍ଗିର, ୧୮ ।୧୦ (ସମିସ): ଚିକିତ୍ସା ପାଇଁ ସୁଦୂର ବୁର୍ଲା ଭିମସାର୍ ଡାକ୍ତରଖାନାକୁ ଏକ ବୋଲେରୋରେ ଯାଇଥିଲେ। ଡାକ୍ତର ଦେଖାଇବା ସହ ଔଷଧପତ୍ର କିଣି ଘରକୁ ଫେରୁଥିଲେ। ହେଲେ ବାଟ ଅଧରୁ ଟେକିନେଲା କାଳଯମ। ବଲାଙ୍ଗିର-ବରଗଡ଼ ୨୬ନଂ ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ଗୋବିନ୍ଦପୁରର କବିରାଜ ଜଗତ (୫୦) ଏବଂ କଳାହାଣ୍ଡି ଜିଲ୍ଲା ତୁମୁଡ଼ାର ମନିଜର ସେଠିଆ (୪୫)। ସେହିଭଳି, ଏହି ଦୁର୍ଘଟଣାରେ ଅନ୍ୟ ୬ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ, ନୂଆପଡ଼ା ଜିଲ୍ଲା ଗୋବିନ୍ଦପାଲି ଗାଁର ମୋତିରାମ ତାଣ୍ଡି (୪୫), ମକରନ୍ଦ ତାଣ୍ଡି (୫୦), ଲମ୍ବୋଦର ଜଗତ (୬୫), ଚତୁର ତାଣ୍ଡି (୪୪) ଚାଳକ ଡିଙ୍ଗର ଜାଲ ଓ ମୃତ ମନିଜରଙ୍କ ସ୍ତ୍ରୀ ବିଳାସ ସେଠିଆ। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।





ସମସ୍ତେ ଏକ ବୋଲେରୋରେ ଗୁରୁବାର ବୁର୍ଲା ଡାକ୍ତରଖାନା ଯାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ନେଇ ଶୁକ୍ରବାର ରାତିରେ ଘରକୁ ଫେରୁଥିଲେ। ରାତିରେ ଫେରିବା ବେଳେ ୨୬ନଂ ଜାତୀୟ ରାଜପଥର ଜାମସରଠାରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ କବିରାଜଙ୍କ ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମନିଜର ପ୍ରାଣ ହରାଇଥିଲେ। ଅନ୍ୟ ଗୁରୁତରମାନଙ୍କୁ ପୁଇଁନ୍ତଲା ପୁଲିସ ପହଞ୍ଚି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ କିଭଳି ଏହି ଦୁର୍ଘଟଣା ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ। ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ବୋଲେରୋ ଧକ୍କା ଦେଇଥିବା କୁହାଯାଉଛି। କିନ୍ତୁ ପୁଲିସ ଏ ସଂପର୍କରେ କିଛି ସ୍ପଷ୍ଟ କରିନାହିଁ।

**ଅନୁକମ୍ପା ନିଯୁକ୍ତି ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଆବେଦନ ସମୟସୀମାରୁ ଦସ୍ତାବିଜ୍ ଦାଖଲ ସମୟ ଅବଧି ବାଦ୍ ଦେବାକୁ ନିର୍ଦ୍ଦେଶ

କଟକ,୧୮ ।୧୦(ସମିସ): ଅନୁକମ୍ପାମୂଳକ ନିଯୁକ୍ତି ମାମଲାରେ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମୃତ୍ୟୁ ପ୍ରମାଣପତ୍ର, ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଇତ୍ୟାଦି ଦସ୍ତାବିଜ୍ ଦାଖଲ ପାଇଁ ଉତ୍ତରାଧିକାରୀ ନେଇଥିବା ସମୟକୁ ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ କରିବାର ସମୟସୀମାରୁ ବାଦ୍ ଦେବାକୁ ହାଇକୋର୍ଟ କହିଛନ୍ତି। ଏଥିସହ, ଦସ୍ତାବିଜ୍ ଦାଖଲରେ ବିଳମ୍ବ ଆଧାରରେ ଆବେଦନକାରୀଙ୍କ ଆବେଦନକୁ ଖାରଜ କରାଯିବା ନେଇ ଜାରି ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ରଶ୍ମିତା ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏହି ରାୟ ଦେଇଛନ୍ତି। ଉକ୍ତ ଆବେଦନକୁ ୩ ମାସ ମଧ୍ୟରେ ବିଚାର କରାନଗଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ପକେଟରୁ ଦୈନିକ ୫୦୦ଟଙ୍କା ଲେଖାଁଏ ଆବେଦନକାରୀଙ୍କୁ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ଆବେଦନକାରୀଙ୍କ ପିତା ଭଞ୍ଜନଗରର ଏକ କଲେଜରେ ପିଅନ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୧୦ ମସିହାରେ ମୃତ୍ୟୁ ହୋଇଥିଲା। ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିଲେ। ହେଲେ ବିଭିନ୍ନ ପ୍ରମାଣପତ୍ର ହାସଲ ବିଳମ୍ବ ହେତୁ ସେ ଧାର୍ଯ୍ୟ ସମୟରେ ଏଗୁଡ଼ିକ ଦାଖଲ କରିପାରିନଥିଲେ। ଫଳରେ ତାଙ୍କର ଆବେଦନକୁ କର୍ତ୍ତୃପକ୍ଷ ଖାରଜ କରି ଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ନ୍ୟାୟିକ ମାମଲାରେ ଯେଉଁଭଳି ଲିମିଟେସନ୍ ଆକ୍ଟ ୧୯୬୩ରେ ସୀମା ଅବଧି ଗଣନା କରିବା ସମୟରେ ରାୟ, ଆଦେଶ ଏବଂ ଡିକ୍ରିର କପି ପାଇବା ପାଇଁ ଲାଗିଥିବା ସମୟକୁ ବାଦ୍ ଦେବା ପାଇଁ ବ୍ୟବସ୍ଥା ରହିଛି, ସେହିଭଳି ବ୍ୟବସ୍ଥା ଅନୁକମ୍ପା ନିଯୁକ୍ତି ପାଇଁ ପ୍ରଯୁଜ୍ୟ ନଥିଲେ ବି ଏଥିରୁ ସମାନ ଜ୍ଞାନ ଆହରଣ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି।

**ଜୁଡିସିଆଲ ଏକାଡେମୀରେ ଦିନିକିଆ କର୍ମଶାଳା**

# ମାନବଚାଲାଣ ଓ ଗୋତି ଶ୍ରମିକ ସମସ୍ୟା ଦୂର ପାଇଁ ସୋସିଆଲ ଅଡିଟ୍ ହେଉ: ମୁଖ୍ୟ ବିଚାରପତି

କଟକ,୧୮ ।୧୦(ସମିସ): ସମ୍ପ୍ରତି ମାନବ ଚାଲାଣ ଓ ଗୋତି ବା ବନ୍ଧକ ଶ୍ରମିକ ସମସ୍ୟା ଚିନ୍ତାର ବିଷୟ ହୋଇଛି। ଏହାର ଦୂରୀକରଣ ପାଇଁ ସୋସିଆଲ ଅଡିଟ୍‌ର ଆବଶ୍ୟକତା ରହିଛି। ବିଶେଷକରି ଏହା ସରକାରଙ୍କ କର୍ତ୍ତବ୍ୟ ହୋଇଥିବା ବେଳେ ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ନୀତି ପ୍ରଣୟନ ସହ ନିର୍ଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ କରିବା ଉଚିତ। ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଆୟୋଜିତ ଦିନିକିଆ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଆଜି ଏହା କହିଛନ୍ତି। କାମ ପାଇଁ ଦେଶାନ୍ତର ହେଉଥିବା ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଚିହ୍ନଟ ସହ ସେମାନଙ୍କୁ ସଚେତନ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଜଷ୍ଟିସ ଟଣ୍ଡନ ଆହ୍ୱାନ ଦେଇଛନ୍ତି।

ସେ କହିଥିଲେ ଯେ ପ୍ରବାସନର ଜାତୀୟ ହାର ୨୧.୬ ପ୍ରତିଶତ ଥିବା ବେଳେ ସେଥିରୁ ଓଡ଼ିଶାର ଅବଦାନ ୬୮ ପ୍ରତିଶତ। ଏଣୁ ପ୍ରବାସନ ଏକ ଚିନ୍ତାଜନକ ବିଷୟ ହୋଇଥିବାରୁ ବାହାରକୁ ପ୍ରବାସନରେ ଯାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଅଡିଟ କରାଯିବା ଦରକାର। ମାନବଚାଲାଣ ଓ ବନ୍ଧକ ଶ୍ରମିକ ପଛରେ ଗରିବୀ, ସାମାଜିକ ବାଧ୍ୟବାଧକତା ଓ ଉନ୍ନତ ଜୀବନଯାପନ ଓ ଅଧିକ ଅର୍ଥ ଉପାର୍ଜନ କରିବାର ଆଶା ପ୍ରମୁଖ କାରଣ ବୋଲି ସେ କହିଥିଲେ।

କର୍ମଶାଳାରେ ସ୍ୱାଗତ ଭାଷଣ ପ୍ରଦାନ କରି ଜଷ୍ଟିସ୍ କେ.ଆର.ମହାପାତ୍ର ମାନବଚାଲାଣ ରୋକିବା ପାଇଁ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଇଣ୍ଟରନ୍ୟାସନାଲ ଜଷ୍ଟିସ୍ ମିଶନର ଜାତୀୟ ଉପ-ସଭାପତି ଡାନିଏଲ ଅଜୟ ଭର୍ଗିସ ନିଜର ବକ୍ତବ୍ୟ ମାଧ୍ୟମରେ ରାଜ୍ୟର ମାନବ ଚାଲାଣ ନେଇ ଏନ୍‌ସିଆର୍‌ବିର ତଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଉଦଘାଟନୀ ସଭା ପରେ ବୈଷୟିକ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସଂଜୀବ କୁମାର ପାଣିଗ୍ରାହୀ, ଓଡ଼ିଶା ରାଜ୍ୟ ମାନବାଧିକାର କମିସନ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ ପ୍ରମୁଖ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

# ଜଗନ୍ନାଥ କୋଇଲା ଖଣିରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି

ତାଳଚେର,୧୮ ।୧୦(ସମିସ): ତାଳଚେର ଜଗନ୍ନାଥ କୋଇଲା ଖଣିରେ ବେଆଇନ କୋଇଲା ଗଚ୍ଛିତ ସହ କୋଇଲାକୁ ମାଟି ଓ ପଥର ଦର୍ଶାଇ ଲୁଟ୍ ହୋଇଛି। ହଜାର ହଜାର କୋଟି ଟଙ୍କାର କୋଇଲାକୁ ନିମ୍ନମାନର ଦର୍ଶାଇ ହଡ଼ପ କରାଯାଉଛି। ଷ୍ଟକ୍‌ରେ ମୁଣ୍ଡା କୋଇଲାକୁ ଗୁଣ୍ଡ କରି ଚାଲାଣ କରାଯାଉଛି। ଭଲ କୋଇଲାକୁ ପଥର କୋଇଲା ଦର୍ଶାଇ ତା' ଉପରେ ମାଟି ଘୋଡ଼ାଇ ହଡ଼ପ ହେଉଛି। ଏପରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ। ତାଳଚେର ବଲଣ୍ଡାସ୍ଥିତ ବ୍ଲାକ୍ ଡାଇମଣ୍ଡ କ୍ଲବ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ଏପରି ଅଭିଯୋଗ କରିବା ସହ ଏଥିରେ ଖଣି କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ସମ୍ପୃକ୍ତି ଥିବା କହିଛନ୍ତି।

ଜଗନ୍ନାଥ କୋଇଲା ଖଣିର ୪ନମ୍ବର ଷ୍ଟକ୍‌ୟାର୍ଡରେ ଗୁରୁବାର ସନ୍ଧ୍ୟାରେ ଏସ୍‌ଏସ୍ ବିଏଲ୍‌ଏ ନାମକ ଠିକାସଂସ୍ଥା କୌଣସି ଅନୁମତି ନ ଥାଇ କୋଇଲା ଡମ୍ପିଂ କରୁଥିଲା। ଖବର ପାଇ ବିଧାୟକ ଶ୍ରୀ ପ୍ରଧାନ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ଜଗନ୍ନାଥ କୋଇଲା ଖଣିର ଷ୍ଟକ୍‌ୟାର୍ଡ ଗୋଟିଏ ସ୍ଥାନରେ ଥିବା ବେଳେ ଖଣି ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖଣି ଭିତରେ ବିଭିନ୍ନ ସ୍ଥାନରେ କୋଇଲା ଗଦା କରାଯାଉଥିବା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଜଗନ୍ନାଥ କୋଇଲା ଖଣିରେ ଏଭଳି ଘୋଟଲାକୁ ନେଇ ସେ ଗୋପାଳପ୍ରସାଦ ଥନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତାଙ୍କ ଏତଲାକୁ ପଞ୍ଜିକୃତ କରାଯାଇନଥିଲା। ଉକ୍ତ ଘଟଣାକୁ ନେଇ ସେ ତାଳଚେର ଖଣି ଉପନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ। ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କିଛି କୋଇଲା ଖଣ୍ଡକୁ ପରୀକ୍ଷା କରିବା ପାଇଁ ସାଙ୍ଗରେ ନେଇଥିଲେ।

**ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କଲେ ତାଳଚେର ବିଧାୟକ**

ଏ ସଂପର୍କରେ ତାଳଚେର ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଶ୍ରୀକାନ୍ତ କୁମାର ମାଣିକଙ୍କୁ ପଚାରିବାରୁ ସେ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିଲେ। ଅନ୍ୟପକ୍ଷରେ ତାଳଚେର ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ କହିଛନ୍ତି, ଜଗନ୍ନାଥ କୋଇଲା ଖଣିରେ ହୋଇଥିବା ଅନିୟମିତତା ନେଇ ତଦନ୍ତ ଆରମ୍ଭ ହୋଇଛି। ମାଟିରେ ପୋତାଯାଇଥିବା କୋଇଲାଗୁଡ଼ିକୁ ପରୀକ୍ଷା ପାଇଁ ଅଣାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପନିର୍ଦ୍ଦେଶକ ସାମଲ କହିଛନ୍ତି।

# ବାଣ ବିସ୍ଫୋରଣରେ ଆହତ ଦୁଇ ଯୁବକଙ୍କ ମୃତ୍ୟୁ

ତିଗିରିଆ, ୧୮ ।୧୦ (ସମିସ): ତିଗିରିଆ ବାଣ ବିସ୍ଫୋରଣ ଘଟଣାରେ ଆହତ ଦୁଇ ଯୁବକଙ୍କ ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ଗ୍ରାମର ତେଲିସାହିର ଜୈନିକ ବ୍ୟକ୍ତିଙ୍କ ଘରେ ଗତ ୧୪ତାରିଖ ଦିନ ସକାଳେ ବେଆଇନ ଭାବେ ବାଣ ତିଆରି କରୁଥିବା ସମୟରେ ବାରୁଦ ଗଦାରେ ନିଆଁ ଲାଗି ଗ୍ରାମର ଦୁଇ ଯୁବକ ପାପୁନ ବେହେରା ଓ ବିପ୍ଳବ ସାହୁ ଆହତ ହୋଇଥିଲେ। ପାପୁନଙ୍କ ଶରୀରର ୯୫ ଭାଗରୁ ଅଧିକ ଅଂଶ ପୋଡ଼ି ଯାଇଥିବା ବେଳେ ବିପ୍ଳବଙ୍କ ଶରୀରର ମଧ୍ୟ ଅର୍ଦ୍ଧାଧିକ ଅଂଶ ପୋଡ଼ି ଯାଇଥିଲା। ଦୁହିଁଙ୍କୁ ସଙ୍ଗେସଙ୍ଗେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲ ଓ ସେଠାରୁ ଉଭୟଙ୍କୁ କଟକର ଏକ ଘରୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ଦୁହିଁଙ୍କ ମୃତ୍ୟୁ ଘଟିଛି।ମୃତ ପାପୁନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ପାପୁନ ଘରର ରୋଜଗାରିଆ ପୁଅ ଥିଲେ। ବିବାହ ପାଇଁ ତାଙ୍କର ନିର୍ବନ୍ଧ ସରିଥିବା ବେଳେ ଆଉ କିଛି ଦିନ ପରେ ବିବାହ ହୋଇଥାନ୍ତା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଂଲାଦେଶ ପୁଣି...

ତେଣୁ ସେମାନେ ଏହାକୁ କଦାପି ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ଭାବେ ଜଣାଇଦେଇଛନ୍ତି।

ତେଣୁ 'ଜୁଲାଇ ଚାର୍ଟର'ରେ ଦସ୍ତଖତ ପୂର୍ବରୁ ଆନ୍ଦୋଳନକାରୀ ଆଜି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଲୋଗାନମାନ ଦେଇ ସେମାନେ ସଂସଦ ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇଦେଇଥିଲେ। ପୁଲିସ ସେମାନଙ୍କୁ ଅଟକାଇବାରୁ ଆହୁରି ଉଗ୍ର ହୋଇପଡ଼ିଥିଲେ। ପୁଲିସ ସହିତ ମଧ୍ୟ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ଲାଠିମାଡ଼ କରିବା ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ପୁଲିସକୁ ସାଉଣ୍ଡ ଗ୍ରେନେଡ ମଧ୍ୟ ବ୍ୟବହାର କରିବାକୁ ପଡ଼ିଥିଲା।। ଏଥିରେ ଉତକ୍ଷିପ୍ତ ହୋଇ ବିକ୍ଷୋଭକାରୀମାନେ ବିଭିନ୍ନ ସ୍ଥାନରେ ପୁଲିସ୍ ଗାଡ଼ି ଓ କଣ୍ଟ୍ରୋଲ ରୁମ୍‌ରେ ନିଆଁ ଲଗାଇ ଦେଇଥିଲେ। ଏହି ହିଂସା ପରେ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି।

### ଦିଲ୍ଲୀରେ ଲୁଚିଛି...

ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଥିଲା। ଗିରଫ ଦୁଇ ଦଲାଲ ବିଶ୍ୱଜିତ ହରିଚନ୍ଦନ ଓ ତପନ୍ଦ୍ରୁତି ବେହେରାଙ୍କ ସମେତ ୨୯ଜଣ ଚାକିରି ଆଶାୟୀଙ୍କୁ ଜେଲ ଭିତରେ ମୁହାଁମୁହିଁ ଜେରା କରିଥିଲେ ତଦନ୍ତକାରୀ କ୍ରାଇମବ୍ରାଞ୍ଚ ଡିଏସପି। ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ଏହି ଜାଲିଆତିରେ ସାମିଲ କରିବାକୁ ଦଲାଲମାନେ କିଭଳି ଏବଂ କାହା ଜରିଆରେ ଯୋଗାଯୋଗ କରିଥିଲେ, କେଉଁମାନଙ୍କର ସମ୍ପୃକ୍ତି ରହିଛି, ସେମାନଙ୍କ ଠାରୁ କିଏ ସାର୍ଟିଫିକେଟ ସଂଗ୍ରହ କରିଥିଲା, ଟଙ୍କା କିଏ ଏବଂ କେଉଁ ଉପାୟରେ ନେଇଥିଲେ, ପରୀକ୍ଷାରେ କୃତକାର୍ଯ୍ୟ କରାଇବାକୁ କି ପ୍ରକାରର ପ୍ରତିଶ୍ରୁତି ମିଳିଥିଲା, କେବେ ଠାରୁ ଯୋଗସୂତ୍ର ସ୍ଥାପନ ହୋଇଥିଲା, ଏଭଳି ବିଭିନ୍ନ ପ୍ରଶ୍ନ ତଦନ୍ତକାରୀ ଅଧିକାରୀ ପଚାରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ମୁନା ମହାନ୍ତିର କଟକ ଜିଲ୍ଲା ବାଙ୍କୀ କଳାପଥର ସ୍ଥିତ ଘରେ ଆଜି ଚଢ଼ଉ କରିଛି। ଚଢ଼ଉ ସମୟରେ ଏକାଧିକ ଦସ୍ତାବିଜ୍ ଏବଂ କିଛି ସାର୍ଟିଫିକେଟ ଜବତ କରାଯାଇଥିବା ସୂଚନା ମିଳିଛି। ଜବତ ସାର୍ଟିଫିକେଟ ଏସ୍‌ଆଇ ଚାକିରି ପାଇଁ ଟଙ୍କା ଦେଇଥିବା ପରୀକ୍ଷାର୍ଥୀଙ୍କ ହୋଇଥିବା କ୍ରାଇମ୍‌ବ୍ରାଞ୍ଚ ସନ୍ଦେହ କରୁଛି। ଏଥିସହ ମୁନା ସମ୍ପର୍କରେ ତା'ର ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା କରୁଛି। ଘରକୁ ସେ ମାସକରେ କେତେ ଥର ଆସେ ଏବଂ ଅନ୍ୟ କେଉଁ ସ୍ଥାନରେ ରହୁଥିବା ନେଇ ମଧ୍ୟ ପଚରାଉଚରା କରିଛି।। ଏହି ଚଢ଼ଉ ସମୟରେ ବୈଦେଶ୍ୱର ପୁଲିସ ମଧ୍ୟ କ୍ରାଇମ୍‌ବ୍ରାଞ୍ଚକୁ ସହଯୋଗ କରିଥିଲା।

କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଅଧିକାରୀ ରତ୍ନବାଳା ଶତପଥୀ କହିଛନ୍ତି ଯେ ଚାକିରି ପାଇଁ ପିଲା ଯୋଗାଡ଼ କରିବା ଏବଂ ବସ୍ ରାଜ୍ୟ ବାହାରକୁ ପଠାଇବାରେ ମୁନା ମହାନ୍ତି ଓ ଶ୍ରୀକାନ୍ତ ମହାରାଣାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ଅଭିମନ୍ୟୁ ଦୋରା ତାଙ୍କର ଦଶପଲ୍ଲା ଘରେ ମୁନା ଓ ଶ୍ରୀକାନ୍ତକୁ ଲୁଚାଇ ରଖିଥିବା ଅଭିଯୋଗ ହୋଇଥିଲା। ଗତ ସେପ୍ଟେମ୍ବର ୩୦ରେ ତିନୋଟି ବସ୍ ଯାଉଥିବା ୧୧୪ ପ୍ରାର୍ଥୀଙ୍କୁ ମୁନା ହିଁ ଯୋଗାଡ଼ କରିନେଇଥିବା ଅଭିଯୋଗ ରହିଥିବା ସେ କହିଛନ୍ତି।

### ରାଜଧାନୀରେ ଦେହ...

ପହଞ୍ଚିବା ପରେ ସେକ୍ସ ରାକେଟ ଜାଲରେ ଫସାଇ ଦେହ ବେପାର କରିବାକୁ ବାଧ୍ୟ କରୁଥିଲେ। ଗତ ୧୬ ତାରିଖ ସନ୍ଧ୍ୟାରେ ପୀଡ଼ିତା ଝାଡ଼ଖଣ୍ଡୀ ନାବାଳିକାକୁ ଚାକିରି କରାଇଦେବାକୁ କହି ଏହି ଘରକୁ ଡାକିଥିଲେ। ଏପରିକି ଏଠାକୁ ଆସିବା ପାଇଁ ଦୁଇ ମହିଳା ନାବାଳିକା ପାଇଁ ରାପିଡୋ ବୁକ୍ କରିଦେଇଥିଲେ। ନାବାଳିକା ଜଣକ ଏଠାରେ ପହଞ୍ଚିବା ପରେ ନୟାଗଡ଼, ବସନ୍ତପୁରର ଅବିନାଷ ମୁଦୁଲି ନାମକ ଜଣେ ଯୁବକ ନାବାଳିକା ସହ ଦୁଷ୍କର୍ମ କରିଥିଲା। ହେଲେ ଅତ୍ୟଧିକ ରକ୍ତସ୍ରାବ ହୋଇ ଅସୁସ୍ଥ ହୋଇପଡ଼ିବାରୁ ନାବାଳିକାକୁ ଜଣେ ମହିଳା ଅଟୋରେ ବସାଇ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ସେ କେବଳ ନିଜ ଫୋନ୍ ନମ୍ବର ଦେଇଥିଲେ। ଡାକ୍ତର ନାବାଳିକାଙ୍କୁ ଚିକିତ୍ସା କରିବା ପରେ ଦୁଷ୍କର୍ମ କରାଯାଇଥିବା ଜାଣି ପୁଲିସକୁ ଖବର ଦେଇଥିଲେ। ମହିଳା ଜଣଙ୍କ ପୁଲିସ ମାମଲା ହୋଇଥିବା ଜାଣିବା ପରେ ସେଠାରୁ ଫେରାର୍ ହୋଇଯାଇଥିଲେ।

ପୁଲିସ ଡାକ୍ତରଖାନାରେ ପହଞ୍ଚି ନିଜ ଆଡୁ ମାମଲା ରୁଜୁ କରି ନାବାଳିକାକୁ ନେଇ 'ସଖୀ' କେନ୍ଦ୍ରରେ ରଖି ଚିକିତ୍ସା କରାଇଥିଲେ। ମହିଳାଙ୍କ ଫୋନ୍ ନମ୍ବରକୁ ଟ୍ରେସ୍ କରି ପୁଲିସ ତାଙ୍କୁ ପଚରାଉଚରା କରିବା ସହ ତାଙ୍କୁ ଆଣି ନାବାଳିକାଙ୍କୁ ଚିହ୍ନଟ କରାଇଥିଲା। ନାବାଳିକା ଜଣଙ୍କ ତାଙ୍କୁ ଚିହ୍ନିବା ସହ ଅନ୍ୟ ସମସ୍ତଙ୍କୁ ଜାଣିଥିବା କହିଥିଲେ। ନାବାଳିକାଙ୍କୁ ମେଡିକାଲ ଆଣିଥିବା ଅଟୋକୁ ଚିହ୍ନଟ କରିବା ପରେ ପୁଲିସ ସେକ୍ସ ରାକେଟ୍ ଚାଲିଥିବା ଉକ୍ତ ଘରେ ପହଞ୍ଚିଥିଲା। ସେକ୍ସ ରାକେଟ୍ ଚଳାଉଥିବା ଦୁଇ ମହିଳାଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରିବା ପରେ ସବୁ ସତ ପଦାକୁ ଆସିଥିଲା। ପୁଲିସ ନାବାଳିକାର ବୟାନ ରେକର୍ଡ କରିଛି। ସେ ନିଜ ଘର ଝାଡ଼ଖଣ୍ଡ କହୁଥିବା ବେଳେ ତାକୁ ଆଶ୍ରମରେ ଛାଡ଼ି ଦେବାକୁ କହୁଛି। ତେଣୁ ସେ କେଉଁ ଏକ ଆଶ୍ରମରେ ରହୁଥିଲା ବୋଲି ପୁଲିସ ସନ୍ଦେହ କରୁଛି। ନାବାଳିକାକୁ ତାଙ୍କ ଘରକୁ ପଠାଇବା ପାଇଁ ପୁଲିସ ଝାଡ଼ଖଣ୍ଡ ପୁଲିସ ସହ ଯୋଗାଯୋଗ କରୁଛି। ସେକ୍ସ ରାକେଟ ଠାବ ହୋଇଥିବା ଉକ୍ତ ଘରକୁ ସିଲ୍ କରାଯିବ ବୋଲି ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ ଦୁଇଟି ମାମଲା ରୁଜୁ କରିଛି। କ୍ୟାପିଟାଲ ଥାନାରେ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ଲକ୍ଷ୍ମୀସାଗର ଥାନାରେ ମାନବ ଚାଲାଣ ନେଇ ଏକ ମାମଲା ରୁଜୁ ହୋଇଛି।

ଦୀର୍ଘ ଦିନ ଧରି ରାଜଧାନୀରେ ସେକ୍ସ ରାକେଟ ଚାଲିଥିବା ବେଳେ ପୁଲିସ କେମିତି ଜାଣିପାରିଲା ନାହିଁ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି।

### ଏଥର ଦୁଇଦିନ...

କୋର୍ଟ ବନ୍ଦ ରହିବ। ଅନ୍ୟପକ୍ଷରେ, ନୂଆପଡ଼ାରେ ନିର୍ବାଚନ ଆଚରଣ ସଂହିତା ଲାଗୁ ହୋଇଥିବାରୁ ଏଠାରେ ସରକାରୀ କାର୍ଯ୍ୟାଳୟ ତଥା କୋର୍ଟ ଖୋଲା ରହିବ।

ସେହିପରି ନୂଆପଡ଼ା ଜିଲ୍ଲାକୁ ଛାଡ଼ିଦେଲେ ରାଜ୍ୟର ସମସ୍ତ ଜିଲ୍ଲାରେ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏନେଇ ଉଭୟ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ଭୁବନେଶ୍ୱର ଇସ୍କନ ପକ୍ଷରୁ ସ୍ପଷ୍ଟୀକରଣ**

# ମଧୁବନ ରଥଯାତ୍ରା ସହ ଇସ୍କନ୍‌ର ସମ୍ପର୍କ ନାହିଁ

ଭୁବନେଶ୍ୱର, ୧୮ ।୧୦(ସମିସ): ଉତ୍ତରାଖଣ୍ଡର ଋଷିକେଶ ମଧୁବନ ଆଶ୍ରମରେ ହୋଇଥିବା ରଥଯାତ୍ରା ସହ ଇସ୍କନ୍‌ର କୌଣସି ସମ୍ପର୍କ ନାହିଁ। ସେ ସଂସ୍ଥା ଅଲଗା ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଇସ୍କନ୍ ଭୁବନେଶ୍ୱରର ମୁଖପାତ୍ର ପ୍ରଣେଶ୍ୱର କ୍ରିଷ୍ଣଦାସ କହିଛନ୍ତି। ୨୦୧୯ରୁ ଦେଶରେ ଗଜପତି ଅଦିନିଆ ରଥଯାତ୍ରା ମନା କରିବା ପରେ ଭାରତରେ କୌଣସି ସ୍ଥାନରେ ଇସ୍କନ ରଥଯାତ୍ରା କରୁନାହିଁ। ଗଣମାଧ୍ୟମରେ ଇସ୍କନ୍ ନା ନେଇ ବାରମ୍ବାର ଖବର ପ୍ରସାରଣ କରାଗଲା। ଋଷିକେଶ ମଧୁବନ ଆଶ୍ରମ ଓ ଇସ୍କନ ଅଲଗା। ଜଗନ୍ନାଥ ସଂସ୍କୃତି ସହ ଆମେ ଜଡ଼ିତ। ଭାରତ ବାହାରେ ଅଦିନିଆ ରଥଯାତ୍ରାର ଉପରେ ଆମର କୌଣସି ହସ୍ତକ୍ଷେପ ନାହିଁ ବୋଲି ସେ କହିଛନ୍ତି। ସୂଚନାନୁସାରେ, ଅକ୍ଟୋବର ୭ ତାରିଖରେ ଋଷିକେଶର ମଧୁବନ ଆଶ୍ରମ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ୨୮ ତମ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଦିନରେ ରଥଯାତ୍ରାକୁ ନେଇ ଗଜପତି ମହାରାଜା ବାରମ୍ବାର କ୍ଷୋଭ ପ୍ରକାଶ କରିବା ସହ ଗତ ସେପ୍ଟେମ୍ବର ୬ ତାରିଖରେ ବସିଥିବା ବୈଠକର ନିଷ୍ପତ୍ତି ମୁତାବକ ନୀତିବିରୋଧୀ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ୧୦୦ପୃଷ୍ଠା ସମ୍ବଳିତ ଚିଠି ଇସ୍କନ୍ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। ନୀତି ଓ ପରମ୍ପରା ନ ମାନିଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତି ଇସ୍କନ୍‌କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଥିଲେ।

# ୨୧ରୁ ଓମ୍‌ସାର ଆନ୍ଦୋଳନ

ଭୁବନେଶ୍ୱର, ୧୮ ।୧୦ (ସମିସ): ବିଭିନ୍ନ ଦାବି ନେଇ ଆସନ୍ତା ୨୧ ତାରିଖରୁ ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍‌ସା) ପକ୍ଷରୁ କଳା ପୋଷାକ ଆନ୍ଦୋଳନ ଡକରା ଦିଆଯାଇଛି। ଏହି ପ୍ରରିପେକ୍ଷୀରେ ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ସହ ଓମ୍‌ସା ନେତୃବୃନ୍ଦଙ୍କ ଆଲୋଚନା ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ଦେଲେ ହିଁ ଡାକ୍ତରମାନେ ପ୍ରତୀକାତ୍ମକ ଆନ୍ଦୋଳନରୁ ଓହରିବେ ବୋଲି ଓମ୍‌ସା ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର ସୂଚନା ରେଇଛନ୍ତି। ଡା. ମିଶ୍ର କହିଛନ୍ତି ଯେ ଆଜି ସ୍ୱାସ୍ଥ୍ୟ ସଚିବଙ୍କ ସହ ଏ ସମ୍ପର୍କରେ ଆଲୋଚନା ହୋଇଛି। ପୂର୍ବଭଳି ଏଥର ମଧ୍ୟ ସମାନ ପ୍ରତିଶ୍ରୁତି ମିଳିଛି। ଯେହେତୁ ରାଜ୍ୟ ସରକାର ପୂର୍ବଥର ପ୍ରତିଶ୍ରୁତି ଦେଇ ମଧ୍ୟ କୌଣସି ପଦକ୍ଷେପ ନେଇନାହାନ୍ତି, ତେଣୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଅପରପକ୍ଷେ, ସ୍ୱାସ୍ଥ୍ୟ ସଚିବ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ମିଳିଲେ ଓମ୍‌ସା ଆନ୍ଦୋଳନରୁ ଓହରିବ। ତେଣୁ ସଂଘ ପକ୍ଷରୁ ପୂର୍ବରୁ ଯେଉଁ ପ୍ରତୀକାତ୍ମକ ଆନ୍ଦୋଳନ ଡକରା ଦିଆଯାଇଛି, ତାହା ଏବେ କାଏମ ରହିଥିବା ସେ କହିଛନ୍ତି।

**VEHICLE FOR SALE**

Tata Ace EV , Model - 2023, Registration No-OD-02-CL-6834, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days

**ସତ୍ୟପାଠ**

ସତ୍ୟପାଠ ନଂ ୧୩୫୫/ ୧୪.୧୦.୨୦୨୫
ମୁଁ ପ୍ରଶାନ୍ତ କୁମାର ମହାନ୍ତି , ପିତା- ବ୍ରଜକିଶୋର ମହାନ୍ତି,ସା - ପୁଣ୍ଡିଲୋ, ପୋ - ଇଙ୍ଗାପଡ଼ା, ଥାନା- କୁଦାନଗରୀ, ଜିଲ୍ଲା - କେନ୍ଦ୍ରାପଡ଼ା ଘୋଷଣା କରୁଛି କି, ଦେବବ୍ରତ ମହାନ୍ତି ଏବଂ ଓମ ମହାନ୍ତି ଜଣେ ଏବଂ ସମାନ ବ୍ୟକ୍ତିଙ୍କ ନାମ ଅଟେ, ଯିଏ କି ମୋର ପୁଅ। ସମସ୍ତ ଡକ୍ୟୁମେଣ୍ଟରେ ଦେବବ୍ରତ ମହାନ୍ତି ନାମ ରହିଥିବାବେଳେ ଆଧାରକାର୍ଡରେ ତାହା ଓମ ମହାନ୍ତି ହୋଇଛି। ଆଜିଠାରୁ ସମସ୍ତ ଡକ୍ୟୁମେଣ୍ଟରେ ଦେବବ୍ରତ ନାମ ବ୍ୟବହାର କରଯିବାକୁ ମୁଁ ଘୋଷଣା କରୁଛି।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 10/10/2025. I Prasanna Kumar Sahoo, S/o- Udayanath Sahoo, Aadhaar no- 8807 8625 1753 declare that I have changed my name from Prasanna Kumar Sahoo to Prasanna Sahoo. Henceforth I shall be known as **Prasanna Sahoo** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur vide no. 924 dated 16/10/2025, I, Jayakudi Jani D/o- Late Deba Jani, W/o- Late Dambaru Jani, resident of Vill.- New Hirli, Po.- Agnipur, Ps./Dist.- Nabarangpur, Odisha, PIN- 764059 state that, I have changed my name from **DAIKHUDI JANI** to **JAYAKUDI JANI**. Henceforth I shall be known as **JAYAKUDI JANI** for all future purposes.

**AFFIDAVIT**

I, Devaraj Tripathi, S/o- Late Ananda Chandra Tripathi, resident of plot no 1203/A, Nilakanthanagar, Nayapalli, P.s- Nayapalli, PIN-751012, Bhubaneswar, Odisha declare by this affidavit No. 848 dtd-17/10/2025 that for all purposes I shall be known and signed as Devaraj Tripathi according to my Matric Certificate and Aadhar Card, instead of Devraj Tripathi which reflects in some of my documents.

**AFFIDAVIT**

I, MONALISHA ROUT, Wife of Tarun Kumar Rout, R/o Subhadra, Apartment, Po: KIIT P.S.Infocity, Bhubaneswar, PIN:-751024, Dist: Khordha, Odisha, declare by this affidavit No.70AA409213, Dtd:11.07.2025, that now onwards I shall be known as Monalisha Nayak for all future purposes.
MONALISHA NAYAK

**AFFIDAVIT**

By virtue of an affidavit CF No.9 sworn before Executive Magistrate, Bhubaneswar on Dtd.16.10.2025 I, Sudha Jerendina Lakra, W/o- Hemant Kujur, R/o Plot No.333, Jayadev Vihar, Nayapalli, Bhubaneswar, Dist.- Khordha- 751013 declare that I have changed the name of my daughter from rhia Elisha Kujur to Rhea Elisha Kujur. Henceforth, she will be known as **Rhea Elisha Kujur** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETELCONBBST-377E, ତା.11.10.2025ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଭୁବନେଶ୍ୱର, ସମ୍ବଲପୁର ଓ ଅନୁବନ୍ଧ ୟୁନିଟ୍ ଠାରେ ଏବଂ ଖୋରଧା-ବଲାଙ୍ଗୀର (3ୟ ଓ 4ର୍ଥ ଲାଇନ), କରପଡ଼ା-ଭୂବାପଙ୍କ (3ୟ ଓ 4ର୍ଥ ଲାଇନ), ଖାଳଗାଁ-ଭୂବାପଙ୍କ (3ୟ ଓ 4ର୍ଥ ଲାଇନ)ର ଅବଶିଷ୍ଟ ଷ୍ଟେସନ / ସ୍ଥାନ ସମ୍ବନ୍ଧୀୟ ସେବା ଭବନ, ସଙ୍କେତ ଏବଂ ଦୂରସଂଚାର ରୁମଗୁଡ଼ିକରେ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ (Precision) AC ଏବଂ 2TR ସ୍ପ୍ଲିଟ୍ ACର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଓ ପ୍ରଚଳନ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 119.23 ଲକ୍ଷ, EMD : ₹ 2,09,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.11.2025ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟରଯୋଗେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚିତ୍ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର କାଗଜପତ୍ର ଭାଗ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-137/CI/25-26

**AFFIDAVIT**

By virtue of an Affidavit (SL No. 01, date- 18.10.2025) Sworn Before the Executive Magistrate, Padampur. I, **Pooja Budek** (new name), D/o Banamali Budek, permanent & current resident of At- Bubuda, Po- Dahigaon, Ps- Buden, Dist- Bargarh, PIN- 768036, Odisha declare that I have changed my name from **Kumari Pooja Budek** (old name) to **Pooja Budek** (new name). Henceforth, I shall be known as **Pooja Budek** (new name) for all purposes.
**Pooja Budek**

**AFFIDAVIT**

By virtue of an Affidavit (SL No. 04, date- 16.10.2025) Sworn Before the Executive Magistrate, Padampur. I, **Shibashrita Panda** (new name), S/o- Kallola Kumar Panda, permanent & current resident of AT- Padampur (Kapsila), Po- Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Sibashrita Panda** (old name) to **Shibashrita Panda** (new name). Henceforth, I shall be known as **Shibashrita Panda** (new name) for all purposes.
**Shibashrita Panda**

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୯୭ ● ପାଉଣ୍ଡ ୧୧୮.୪୬
- ୟୁରୋ ୧୦୩.୬୨ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୯୫୦ (ଭୁବନେଶ୍ୱର)
- ରୁପା : ୧,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୯୫୨.୦୦
- ନିଫ୍ଟି ୨୫,୭୦୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଧନ୍‌ତେରାସ୍ ସେଲ୍

# ଉଚ୍ଚଦର ସାଜିଛି କଣ୍ଟା!

ଭୁବନେଶ୍ୱର,୧୮।୧୦(ସମିସ)



ଆଜିର ଦିନ ଥିଲା ଧନ୍‌ତେରାସ୍। ସୁଖ ଆଉ ସମୃଦ୍ଧିର ଦିନ। ବିଶ୍ୱାସ ରହିଛି ଏହି ଦିନ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି। ଏହାକୁ ନଜରରେ ରଖି ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ପ୍ରମୁଖ ସହରର ସୁନା ଗହଣା ଦୋକାନଗୁଡିକ ସଜେଇ ହୋଇ ରହିଥିଲା। ପୂର୍ବବର୍ଷର ଦରକୁ ଦେଖିଲେ ଏଥର ଦର ବହୁତ ଅଧିକ। ଅର୍ଥାତ୍ ଚଳିତବର୍ଷ ସୁନା ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ୬୦ ପ୍ରତିଶତ ବୃଦ୍ଧି ଘଟିଛି, ଯାହା ଗ୍ରାହକଙ୍କ ପାଇଁ ଚିନ୍ତାର ବିଷୟ। ସୁନା ଓ ରୁପାର ଉଚ୍ଚ ଦର ଏଥର ଧନ୍‌ତେରାସ୍‌ରେ ଗ୍ରାହକଙ୍କ ଆଗରେ ବଡ଼ କଣ୍ଟା ସାଜିଛି। ତଥାପି ମୂଲ୍ୟ ଦୃଷ୍ଟିରୁ ବିକ୍ରି ଭଲ ହୋଇଥିବା ଜଣାପଡିଛି। ଗତବର୍ଷ ଭଳି ଚଳିତଥର ମଧ୍ୟ ଧନ ତ୍ରୟୋଦଶୀ ତିଥି ଦୁଇ ଦିନ ପଡୁଛି। ବହୁ ଲୋକ ଆଜି ସୁନା କିଣିଥିବାବେଳେ ଆସନ୍ତାକାଲିକୁ ମଧ୍ୟ ଏହାର ତିଥି ରହୁଥିବାରୁ ରବିବାର ସୁନା ରୁପା ବିକ୍ରି ଜମିବ ବୋଲି ବ୍ୟବସାୟୀ ବେଶ୍ ଆଶାବାଦୀ। ବଜାର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଏଥର ଧନ୍‌ତେରାସ୍‌ରେ ରାଜ୍ୟରେ ପ୍ରାୟ ଦେଢ଼ ଶହ କୋଟି ଏବଂ ରାଜଧାନୀରେ ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ଓ ରୁପା ଗହଣା ବିକ୍ରି ହୋଇଛି। ଅପରପକ୍ଷେ ଏଥର ଧନ୍‌ତେରାସ୍‌ରେ ସାରା ଦେଶରେ ୬୦ ହଜାର କୋଟି ଟଙ୍କା ମୂଲ୍ୟର କେବଳ ସୁନା ଗହଣା ବିକ୍ରି ହୋଇଥିବା ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (କ୍ୟାଟ୍) କହିଛି।

- ଦେଶରେ ୬୦ ହଜାର କୋଟିର କାରବାର
- କଏନ୍ ଆଉ ଝାଡୁରେ କାମ ଚଳାଇଲେ ଗ୍ରାହକ
- ୧୦ ଗ୍ରାମ ୧.୩୨ ଲକ୍ଷ ଟପିଲା
- ୨୨ କ୍ୟାରେଟ୍ ୧.୨୦ ଲକ୍ଷ
- ବର୍ଷକରେ ଦର ୫୨ ହଜାର ବଢ଼ିଛି
- ରବିବାର ବେଶ ଜମିବ କାରବାର

ଧନ୍‌ତେରାସ୍‌ରେ କେବଳ ସୁନା ଏବଂ ରୁପାର ବିକ୍ରି ମୋଟ ୬୦,୦୦୦ କୋଟି ଟଙ୍କା ଥିଲା, ଯାହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ବୃଦ୍ଧି ପାଇଛି। ବାର୍ଷିକ ଭିତ୍ତିରେ ସୁନା ମୂଲ୍ୟ ୬୦ ପ୍ରତିଶତ ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ପିଛା ୧,୩୦,୦୦୦ ଟଙ୍କା ଅତିକ୍ରମ କରିଛି। ଏହା ସତ୍ତ୍ୱେ ଭବିଷ୍ୟତର ଦର ବୃଦ୍ଧିରୁ ସୁରକ୍ଷା ପାଇଁ ଗ୍ରାହକ ସୁନା କିଣୁଛନ୍ତି।

ଆଜି ରାଜଧାନୀର ଶୋ'ରୁମ୍ ଗୁଡିକରେ ବିକ୍ରି ବଟା ସାଧାରଣ ରହିଥିଲା। ସୁନା ଓ ରୁପାର ଉଚ୍ଚ ଦର ଯୋଗୁ ଅଧିକାଂଶ ଗ୍ରାହକ କଏନ୍‌ରେ କାମ ଚଳାଉଛନ୍ତି। ଠିକ୍ ଏହି ସମୟରେ କେଉଁ ଶୋ' ରୁମ୍ ସୁନା କଏନ୍ ତ କିଏ ଗଢ଼ା ମଜୁରିରେ ଅଫର ଦେଇଥିଲା। କେବଳ ରାଜଧାନୀ କାହିଁକି ରାଜ୍ୟର କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ଅନୁଗୋଳ ଆଦି ସହରରେ ସୁନା ଗହଣା କାରବାର କେତେକାଂଶରେ ଧିମା ରହିଥିଲା। ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୯୦,୦୦୦ ଟଙ୍କା ରହିଥିବାବେଳେ ଗତ ବର୍ଷ ଏହା ୭୩,୭୫୦ ଟଙ୍କା ଥିଲା। ସେହିଭଳି ରୁପା କିଲୋ ପିଛା ଏଥର ୧,୯୦,୧୦୦ ଟଙ୍କା ରହିଛି। ତେବେ ରାଜଧାନୀ ଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ରେକର୍ଡ ୧,୩୨,୦୦୦ ଟଙ୍କା ରହିଛି, ଯାହା ଗତ ବର୍ଷ ୮୧,୪୦୦ ଟଙ୍କା ରହିଥିଲା।


### ଅଫର୍ ପ୍ରତି ଗ୍ରାହକଙ୍କ ବିଶେଷ ରୁଚି

କିଛିଦିନ ପୂର୍ବରୁ ସୁନା ଦରରେ ଲଗାତାର ବୃଦ୍ଧି ସତ୍ତ୍ୱେ ଗ୍ରାହକମାନଙ୍କ ଧନତେରସରେ ସୁନା କିଣିବାର ସମାନ ଆଗ୍ରହ ପରିଲକ୍ଷିତ ହୋଇଛି। ଆଗକୁ ବିବାହ ଋତୁ ଥିବାରୁ ଓ ସୁନା ଦର ବୃଦ୍ଧିର ବିଶେଷ ସମ୍ଭାବନା ଥିବାରୁ ଗ୍ରାହକମାନେ ଏବେ ସୁନ୍ଦର ଡିଜାଇନ୍ ଓ ଧନତେରସ ଅଫରର



ବିଶେଷ ରୁଚି ଦେଖାଇଥିବା ପରିଲକ୍ଷିତ ହୋଇଛି। ଯଦିଓ କ୍ରୟ ସମୟରେ ଆଭରେଜ୍ ଟିକେଟ ଭାଲ୍ୟୁ ସୁନା ଦରକୁ ଦେଖି କମିଛି, କିନ୍ତୁ ଗ୍ରାହକଙ୍କ ସଂଖ୍ୟା ପୂର୍ବ ଭଳି ରହିଛି। ଆଗକୁ ଆହୁରି ଦୁଇଦିନ ଧନତେରସ ଓ ଦୀପାବଳି ଥିବାରୁ ବଜାର ସ୍ଥିତି ପୂର୍ବ ବର୍ଷ ପରି ରହିବାର ସମ୍ଭାବନା ରହିଥିବା ଅରୁନ୍ଧତୀ ଗ୍ରୁପର ଏମ୍‌ଡି ଇଂ ବ୍ରହ୍ମାନନ୍ଦ ମେହେର କହିଛନ୍ତି।

## 'ନିବେଶ ଉଦ୍ଦେଶ୍ୟରେ ଗ୍ରାହକ କିଣୁଛନ୍ତି ସୁନା'



ଭୁବନେଶ୍ୱର, ୧୮।୧୦(ସମିସ): ଚଳିତ ବର୍ଷର ଧନତେରସରେ ଆମର ସମସ୍ତ ଶୋ'ରୁମ ଆଶାନୁରୂପ ପ୍ରଦର୍ଶନ କରିଛି। ଗ୍ରାହକଙ୍କ ଉତ୍ସାହଜନକ ସମାଗମ ଦେଖିବାକୁ ମିଳିଛି, ଯାହା ଆମର ସବୁଠାରୁ କମ୍ ମେକିଂ ଚାର୍ଜ ଏବଂ ଉତ୍ସବ ଋତୁ ପାଇଁ ଆକର୍ଷଣୀୟ ଉପହାର ଯୋଗୁଁ ସମ୍ଭବ ହୋଇଛି। ବିକ୍ରିର ଧାରା କଥା କହିବାକୁ ଗଲେ, ଏହି ବର୍ଷ ସୁନାର ମୂଲ୍ୟ ବୃଦ୍ଧି ହେତୁ ହାଲୁକା ଗହଣା ଗ୍ରାହକଙ୍କର ପ୍ରିୟ ପସନ୍ଦ ହୋଇଛି। ବହୁ ଗ୍ରାହକ ନିବେଶ ଉଦ୍ଦେଶ୍ୟରେ ସୁନା କିଣୁଥିବା ଦେଖାଯାଉଛି। ଲାଲଚନ୍ଦ ଜୁଏଲର୍ସ ଏମ୍‌ଏମ୍‌ଟିସି-ପାମ୍ପ ସୁନାର ଅଧିକୃତ ବିକ୍ରେତା, ଯାହା ଲକ୍ଷ ଲକ୍ଷ ଭାରତୀୟଙ୍କ ବିଶ୍ୱାସର ନାମ। ଭାରତ ସରକାରଙ୍କ ଉଦ୍ୟୋଗ ଏମ୍‌ଏମ୍‌ଟିସି ଓ ସ୍ୱିଜରଲାଣ୍ଡର ପାମ୍ପ ଏସ୍‌ଏର ମିଳିତ ଉଦ୍ୟମ ହେଉଛି, ଏମ୍‌ଏମ୍‌ଟିସି-ପାମ୍ପ। ସୁନାର ମୂଲ୍ୟ ନିରନ୍ତର ବୃଦ୍ଧି ପାଇଛି, ଯାହା ଏହାକୁ ଏକ ବୁଦ୍ଧିମାନ ନିବେଶର ମାଧ୍ୟମ କରିଛି। ଅନେକ ପରିବାର ଆଗାମୀ ବିବାହ ପାଇଁ ମଧ୍ୟ ଗହଣା କିଣୁଛନ୍ତି। ଏହି ଧନ୍‌ତେରାସ ଓ ଦୀପାବଳୀ ପାଇଁ ଲାଲଚନ୍ଦ ସମସ୍ତ ରୁଚି ଅନୁସାରେ ବିପୁଳ ଉତ୍ସବ ସଂଗ୍ରହ ପ୍ରସ୍ତୁତ କରିଛି, ଗୃହିଣୀଙ୍କଠାରୁ କର୍ମଜୀବୀ ମହିଳାଙ୍କ ପାଇଁ। ଆମର ଅନନ୍ୟ ସଂଗ୍ରହରେ ରହିଛି ନୈପୁଣ୍ୟର ସହ ତିଆରି ହାର, ବ୍ରେସଲେଟ୍, ଚେନ୍, ମୁଦି, କାନଫୁଲ ଆଦି, ଯେଉଁଥିରେ ପାରମ୍ପରିକ ଓ ଆଧୁନିକ ସୌନ୍ଦର୍ଯ୍ୟର ସମ୍ମିଶ୍ରଣ ରହିଛି ଏବଂ ଅନ୍ୟତ୍ର ଏହା ମିଳିବା ଦୁର୍ଲଭ। ଆମର ମୂଲ୍ୟବାନ ଗ୍ରାହକଙ୍କ ଆଶୀର୍ବାଦ, ବିଶ୍ୱାସ ଓ ସ୍ନେହ ଯୋଗୁଁ ଏହି ଧନତେରସରେ ଲାଲଚନ୍ଦ ରେକର୍ଡ ବିକ୍ରି ହାସଲ କରିଥିବା ଲାଲ୍‌ଚନ୍ଦ ଗ୍ରୁପ୍ ଅଧ୍ୟକ୍ଷ ଡକ୍ଟର ସଞ୍ଜୟ ହଂସ କହିଛନ୍ତି।

## ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ସାମୂହିକ ସୁସ୍ଥତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮।୧୦(ସମିସ): ବ୍ୟାଙ୍କ ଅଫ୍ ବରୋଦା(ବିଓବି) ପକ୍ଷରୁ ଭୁବନେଶ୍ୱର ଓ କଟକ ଶାଖା ମୁଖ୍ୟଙ୍କ ପାଇଁ ଭୁବନେଶ୍ୱରଠାରେ କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସାମୂହିକ ସୁସ୍ଥତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧ୍ୟାନ ମାଧ୍ୟମରେ ଚାପ ପରିଚାଳନା ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କ ବ୍ୟକ୍ତିଗତ ଏବଂ କର୍ମମୟ ଜୀବନ ମଧ୍ୟରେ କିପରି



ସନ୍ତୁଳନ ବଜାୟ ରହିବ ସେ ବିଷୟରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧିନରେ ଏକ ଯୋଗ ଅଧିବେଶନ ମଧ୍ୟ ରଖାଯାଇଥିଲା। ସମସ୍ତ ଶାଖା ମୁଖ୍ୟ ଏହି କାର୍ଯ୍ୟକ୍ରମରୁ ଉପକୃତ ହୋଇଥିଲେ ଏବଂ କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳ ହୋଇଥିଲା।

## ଦୀପାବଳିରେ ଟାଟା ପାୱାରର ୧୫ହଜାର କର୍ମଚାରୀ ନିୟୋଜିତ

ଭୁବନେଶ୍ୱର,୧୮।୧୦(ସମିସ): ଦୀପାବଳିର ଆଲୋକରେ ଯେତେବେଳେ ସାରା ଓଡ଼ିଶା ଆଲୋକିତ ହେଉଛି, ସେତେବେଳେ ଟାଟା ପାୱର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡିକର ୧୫୦୦୦ ରୁ ଅଧିକ ଗ୍ରାଉଣ୍ଡ ଷ୍ଟାଫ ମାନେ ନିରବରେ ଦିନ ରାତି କାମ କରୁଛନ୍ତି। ଏହି ଲାଇନମ୍ୟାନ୍, ଇଞ୍ଜିନିଅର ଓ ସହାୟକ ଦଳମାନେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛନ୍ତି ଯାହା ଫଳରେ ସାରା ରାଜ୍ୟର ପ୍ରତିଟି ଘରେ ବିନା କୌଣସି ବାଧାରେ ଉତ୍ସବ ମନାଯାଇପାରୁଛି। ଭୁବନେଶ୍ୱରରୁ ଆରମ୍ଭ କରି ରାଜ୍ୟର ସବୁଠୁ ଦୂରଗ୍ରାମପର୍ଯ୍ୟନ୍ତ, ଏହିଉତ୍ସବଋତୁରେଯେଉଁ ଆଲୋକ ଜଳୁଛି ସେହି ଆଲୋକ ପଛରେ ଅଛି ଏହି ଅଜଣା ନାୟକମାନଙ୍କ ନିଷ୍ଠା ଓ ସତର୍କତା। ଯେତେବେଳେ ପ୍ରତ୍ୟେକ ଘର



ଦୀପ, ଏଲଇଡି ଲାଇଟ୍, ସଙ୍ଗୀତ ଓ ହସରେ ଜୀବନ୍ତ ହୋଇଉଠୁଛି, ସେତେବେଳେ ଏହି ଆଗଧାଡିର କର୍ମଚାରୀମାନେ ବାହାରେ ରହି ସୁନିଶ୍ଚିତ କରୁଛନ୍ତି ଯେଭଳି ପ୍ରତ୍ୟେକ ମୁହୂର୍ତ୍ତ ଆଲୋକିତ ଏବଂ ସୁରକ୍ଷିତ ରହିବ। ଉତ୍ସବ ସମୟରେ ବିଦ୍ୟୁତ୍ ଚାହିଦା ସର୍ବାଧିକ ଥିବା ସମୟରେ, ଟାଟା ପାୱର ଓଡ଼ିଶା ଡିସକମ୍‌ଗୁଡିକ (ଟିପିଏନଓଡିଏଲ, ଟିପିଏସଓଡିଏଲ, ଟିପିସିଓଡିଏଲ ଓ ଟିପିଡବ୍ଲୁଓଡିଏଲ) ସମସ୍ତେ କିଭଳି ନିରବଚ୍ଛିନ୍ନ ସେବା ପାଇବେ ସେଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଉତ୍ସବ ପୂର୍ବରୁ ହିଁ ଡିସକମ୍‌ଗୁଡିକ ନେଟୱାର୍କ ଯାଞ୍ଚ, ଭିତ୍ତିଭୂମି ସୁଦୃଢୀକରଣ ଓ ପର୍ବପର୍ବାଣୀ ସମୟରେ ବିଦ୍ୟୁତ ଚାହିଦାକୁ ନିୟନ୍ତ୍ରଣ କରିବା ପାଇଁ କଣ୍ଟ୍ରୋଲ ସେଣ୍ଟରଗୁଡ଼ିକୁ ପ୍ରସ୍ତୁତ ରଖିଛନ୍ତି।

## ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ୍‌ରେ ୨୭୬ କୋଟି ଗ୍ରାହକଙ୍କ ପରିଦର୍ଶନ

ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି): ଚଳିତ ବର୍ଷ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୫ରେ ଆମାଜନ ଇଣ୍ଡିଆ ୨୭୬ କୋଟିରୁ ଅଧିକ କଷ୍ଟମର ଭିଜିଟ ରେକର୍ଡ କରିଥିଲା। ଏହାମଧ୍ୟରୁ ସ୍ମାର୍ଟଫୋନ ଓ ସ୍ମାର୍ଟ ଟିଭିଠାରୁ ଆରମ୍ଭ କରି ଶାଢୀ, ଫେଷ୍ଟିଭ ଡେକୋର, ବିୟୁଟି ପ୍ରଡକ୍ଟ ଓ ଦୈନନ୍ଦିନ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ପାଇଁ ସପିଙ୍ଗ କରିଥିବା ୭୦%ରୁ ଅଧିକ ଗ୍ରାହକ ଟିୟର ୨ ଓ ୩ ସହରଗୁଡିକରୁ ଥିଲେ। ଏହି ୩୦ ଦିନିଆ ସେଲିବ୍ରେଶନର ଆଉ କେବଳ ୫ ଦିନ ବାକି ଥିବା ବେଳେ କଷ୍ଟମର ଭିଜିଟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହାବ୍ୟତୀତ ଚଳିତ ବର୍ଷ ଏହି ସପିଂ ଫେଷ୍ଟିଭାଲ କାଙ୍ଗରା, ହରିଦ୍ୱାର, ମୁଜାଫରପୁର, ଜାମ୍‌ନଗର, ଦାର୍ଜିଲିଂ, ସିମୋଗା ଓ ସାଲେମ ଭଳି ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ ଦେଶବ୍ୟାପୀ ସର୍ବାଧିକ ସଂଖ୍ୟକ ସେଲର ବିକ୍ରି ପାଇଁ ପଞ୍ଜୀକରଣ କରୁଥିବାର ଦେଖିବାକୁ ପାଇଥିଲା।

### ବାଣିଜ୍ୟ ବିଭାଗର କଥା ଶୁଣିଲେନି ଟ୍ରମ୍ପ୍

## ଟ୍ରକ୍ ଆମଦାନୀ ଉପରେ ଲଗାଇଲେ ୨୫% ଶୁଳ୍କ

ନୂଆଦିଲ୍ଲୀ, ୧୮।୧୦ (ଏଜେନ୍ସି)



ଏକାଧିକ ଆମଦାନୀ ସାମଗ୍ରୀ ଓ ଔଷଧ ଆଦି ଉପରେ ଟାରିଫ ଲଗାଇବା ପରେ ଏବେ ଟ୍ରକ୍ ଓ ଏହାର ଯନ୍ତ୍ରାଂଶ ଆମଦାନୀ ଉପରେ ମଧ୍ୟ ଶୁଳ୍କ ଲଗାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆମେରିକାକୁ ଆମଦାନୀ ହେଉଥିବା ସମସ୍ତ ମଧ୍ୟ ଓ ଭାରୀ ଟ୍ରକ ଉପରେ ୨୫ ଶୁଳ୍କ ଲାଗୁ କରାଯିବ। ଶୁକ୍ରବାର ଏହି ନିର୍ଦ୍ଦେଶନାମାରେ ଦସ୍ତଖତ କରିଛନ୍ତି ଆମେରିକା ରାଷ୍ଟ୍ରପତି। ଫଳରେ ଏହି ନୂଆ ଶୁଳ୍କ ନଭେମ୍ବର ପହିଲାରୁ କାର୍ଯ୍ୟକାରୀ ହେବ।

ଘରୋଇ କ୍ଷେତ୍ର ଉତ୍ପାଦନକୁ ବୃଦ୍ଧି କରିବା ଏବଂ ଆମଦାନୀ ଖର୍ଚ୍ଚ ପୂରଣ କରିବା ପାଇଁ ଆମେରିକୀୟ ଅଟୋ ଏବଂ ଇଞ୍ଜିନ ଉତ୍ପାଦନ ପାଇଁ ୩.୭୫ ପ୍ରତିଶତ କ୍ରେଡିଟ୍ ବୃଦ୍ଧି କରାଯାଇଛି। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହି ଶୁଳ୍କ ଲାଗୁ କରାଯାଉଛି ବୋଲି ନୂଆ ନିର୍ଦ୍ଦେଶନାମାରେ କୁହାଯାଇଛି। ଅଧିକରୁ ଅଧିକ ଅଟୋ ଉତ୍ପାଦନକୁ ଯୁକ୍ତରାଷ୍ଟ୍ରକୁ ସ୍ଥାନାନ୍ତରିତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଟ୍ରମ୍ପ ପ୍ରଶାସନ କହିଛି। ତେବେ ଆମେରିକାର ଏହି ନିଷ୍ପତ୍ତି ମେକ୍ସିକୋ ପାଇଁ ଏକ ବଡ଼ ଆଘାତ ହୋଇପାରେ। କାରଣ ଏହି ଦେଶ ଆମେରିକାକୁ ସର୍ବାଧିକ ମଧ୍ୟମ ଏବଂ ଭାରି ଟ୍ରକ ରପ୍ତାନି କରିଥାଏ। କେବଳ ସେତିକି ନୁହେଁ, ବସ୍ ଉପରେ ମଧ୍ୟ ୧୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଚିନ୍ତା କରୁଛି ଆମେରିକା। ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଟୋ ନିର୍ମାତା ୨୦୩୦ ପର୍ଯ୍ୟନ୍ତ ଆମେରିକାର ଆସେମ୍ବ୍ଲ ଯାନଗୁଡ଼ିକ ପାଇଁ ସୁପାରିଶ କରାଯାଇଥିବା ଖୁଚୁରା ମୂଲ୍ୟର ୩.୭୫ ପ୍ରତିଶତ ସମାନ କ୍ରେଡିଟ୍ ପାଇବାକୁ ଯୋଗ୍ୟ ହେବ। ଯାହାଦ୍ୱାରା ଯନ୍ତ୍ରାଂଶ ଉପରେ ଆମଦାନୀ ଶୁଳ୍କର ଭରଣା ହୋଇପାରିବ। ଆମେରିକା ସରକାର ଇଞ୍ଜିନ ଉତ୍ପାଦନ ଏବଂ ଆମେରିକାର ମଧ୍ୟମ ଏବଂ ଭାରୀ-ଡ୍ୟୁଟି ଟ୍ରକ୍ ଉତ୍ପାଦନ ପାଇଁ ୩.୭୫ ପ୍ରତିଶତ କ୍ରେଡିଟ୍ ବୃଦ୍ଧି କରୁଛନ୍ତି। ନୂଆ ଶୁଳ୍କ ସମସ୍ତ କ୍ଲାସ୍- ୩ ଓ କ୍ଲାସ -୮ ଟ୍ରକ୍ ଉପରେ ଲାଗୁ ହେବ, ଯେଉଁଥିରେ ବଡ଼ ପିକ୍-ଅପ୍ ଟ୍ରକ୍, ମୁଭିଂ ଟ୍ରକ୍, କାର୍ଗୋ ଟ୍ରକ୍, ଡମ୍ପ ଟ୍ରକ୍ ଏବଂ ୧୮ ଚକିଆ ଯାନ ପାଇଁ ଟ୍ରାକ୍ଟର ଅନ୍ତର୍ଭୁକ୍ତ। ଆମେରିକା ଚାମ୍ବର ଅଫ୍ କମର୍ସ ପୂର୍ବରୁ ଟ୍ରମ୍ପଙ୍କୁ ନୂଆ ଟ୍ରକ୍ ଶୁଳ୍କ ଲାଗୁ ନକରିବାକୁ ଅନୁରୋଧ କରିଥିଲା। କାରଣ ଆମେରିକାର ପ୍ରମୁଖ ପାଞ୍ଚ ଆମଦାନୀ ଉତ୍ସ ହେଉଛି ମେକ୍ସିକୋ, କାନାଡା, ଜାପାନ, ଜର୍ମାନୀ ଏବଂ ଫିନଲ୍ୟାଣ୍ଡ। ଏମାନେ ସମସ୍ତେ ଆମେରିକାର ସହଯୋଗୀ କିମ୍ବା ନିକଟତର ଅଂଶୀଦାର ଏବଂ ଆମେରିକାର ଜାତୀୟ ସୁରକ୍ଷା ପ୍ରତି କୌଣସି ବିପଦ ସୃଷ୍ଟି କରନ୍ତି ନାହିଁ। ତେଣୁ ଏଗୁଡ଼ିକ ଉପରେ ଶୁଳ୍କ ନ ଲଦିବାକୁ କହିଥିଲା। ଟ୍ରମ୍ପ ଏକଥାକୁ ଭ୍ରୁକ୍ଷେପ ନ କରି ୨୫% ଶୁଳ୍କ ଲଗାଇଛନ୍ତି।

## ମଙ୍ଗଳବାର ହେବ ଦୀପାବଳି ମହୁରତ୍ ଟ୍ରେଡିଂ

ମୁମ୍ବାଇ,୧୮।୧୦(ଏଜେନ୍ସି): ଦୀପାବଳି ପାଇଁ ମଙ୍ଗଳବାର ଘରୋଇ ପୁଞ୍ଜି ବଜାରରେ ହେବ ମହୁରତ୍ ଟ୍ରେଡିଂ। ଆଜି ଏହି ମହୁରତ୍ ଟ୍ରେଡିଂ ସମୟରେ ପରିବର୍ତ୍ତନ କରାଯାଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଦ୍ୱାରା ଜାରି ଏକ ସର୍କୁଲାର ଅନୁଯାୟୀ, ଷ୍ଟକ୍ ବଜାରରେ ମହୁରତ୍ ଟ୍ରେଡିଂ ଚଳିତ ବର୍ଷ ଅପରାହ୍ନରେ ଅନୁଷ୍ଠିତ ହେବ। ସାଧାରଣତଃ ଦୀପାବଳିରେ ମହୁରତ୍ ଟ୍ରେଡିଂ ପ୍ରତିବର୍ଷ ସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ଅପରାହ୍ନରେ ହେବ। ମହୁରତ୍ ଟ୍ରେଡିଂ ହେଉଛି ଏକ ବିଶେଷ ଏକ ଘଣ୍ଟାର ପ୍ରତୀକାତ୍ମକ ଅଧିବେଶନ ଯାହା ଦୀପାବଳିରେ ଅନୁଷ୍ଠିତ ହେବ, ଯାହା ହିନ୍ଦୁ କ୍ୟାଲେଣ୍ଡରର ନୂତନ ଆର୍ଥିକ ବର୍ଷର ଆରମ୍ଭକୁ ଚିହ୍ନିତ କରିବ। ଏଥିରେ ଇକ୍ୱିଟି, କମୋଡିଟି ଡେରିଭେଟିଭ୍ସ, ମୁଦ୍ରା ଡେରିଭେଟିଭ୍ସ, ଇକ୍ୱିଟି ଫ୍ୟୁଚର୍ସ ଏବଂ ବିକଳ୍ପ, ଏବଂ ସିକ୍ୟୁରିଟିଜ୍ ଋଣ ଏବଂ ଋଣ ସମେତ ଅନେକ କ୍ଷେତ୍ରରେ ବାଣିଜ୍ୟ ଉପଲବ୍ଧ ହେବ। ଏନ୍‌ଏସ୍‌ଇ ଏବଂ ବିଏସ୍‌ଇ ସର୍କୁଲାର ଅନୁଯାୟୀ, ପ୍ରାକ୍-ଉପନିଂ ଅଧିବେଶନ ଅପରାହ୍ନ ୧ଟା ୩୦ ରୁ ୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ଆଗାମୀ ୧୨-୧୫ ମାସରେ ପୁଞ୍ଜି ବଜାର ମଧ୍ୟମ ଧରଣର ରିଟର୍ଣ୍ଣ ପ୍ରଦାନ କରିପାରେ ଏବଂ ଉପାର୍ଜନ କ୍ଷେତ୍ରରେ ଅଭିବୃଦ୍ଧି ନିମ୍ନମୁଖୀ ବିଭିନ୍ନ କାରଣ ଦ୍ୱାରା ଆଂଶିକ ଭାବରେ ପ୍ରଭାବିତ ହୋଇପାରେ। ପୁଞ୍ଜି ବଜାର, ସେକ୍ଟର ଏବଂ ଷ୍ଟକଗୁଡିକୁ ନେଇ ଆମର ଆକଳନ ଆଧାରରେ ୭ଟି ସମ୍ଭାବନାପୂର୍ଣ୍ଣ ଷ୍ଟକ୍ ଦୀପାବଳିରେ ମହୁରତ ଟ୍ରେଡିଂରେ ଉତ୍ତମ ପ୍ରଦର୍ଶନ କରିବା ଆଶା କରାଯାଉଥିବା କୋଟାକ୍ ସିକ୍ୟୁରିଟିଜ୍ ପକ୍ଷରୁ କୁହାଯାଇଛି।

**ଅପରାହ୍ଣରେ ହେବ ସ୍ୱତନ୍ତ୍ର ସେସନ୍**

- ଅକ୍ଟା-ଏଫଏକ୍ସ ବିରୋଧରେ ମନି ଲଣ୍ଡରିଂ ଅଭିଯୋଗ

## ୨୩୮୫ କୋଟିର କ୍ରିପ୍ଟୋକରେନ୍ସି ଜବତ

ମୁମ୍ବାଇ, ୧୮।୧୦ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଟ୍ରେଡିଂ ପ୍ଲାଟଫର୍ମ ଅକ୍ଟା-ଏଫଏକ୍ସର ୨୩୮୫ କୋଟି ଟଙ୍କାର କ୍ରିପ୍ଟୋକରେନ୍ସିକୁ ଇଡି ଜବତ କରିଛି। ମନିଲଣ୍ଡରିଂ ନିରୋଧି ଆଇନ (ପିଏମଏଲଏ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ



ଆର୍‌ବିଆଇର ଅନୁମତି ନ ନେଇ ଫରେକ୍ସ ଟ୍ରେଡିଂ ପ୍ଲାଟଫର୍ମ ଚଳାଇ ଭାରତୀୟ ନିବେଶକଙ୍କଠାରୁ ଅକ୍ଟା-ଏଫଏକ୍ସ ୧୮୭୫ କୋଟି ଟଙ୍କା ଠକି ନେଇଥିବା ଏବଂ ୫ ହଜାର କୋଟି ଟଙ୍କାର ବେଆଇନ ଲାଭ ବିଦେଶୀ ପଠାଇଥିବା ଅଭିଯୋଗ ହୋଇଛି। ଇଡି ପକ୍ଷରୁ କୁହାଯାଇଛି ଯେ ଏହି ଦୁର୍ନୀତିର ମାଷ୍ଟରମାଇଣ୍ଡ ପାୱେଲ ପ୍ରୋଜୋରୋଭକୁ ସ୍ପେନିଶ ପୁଲିସ ଗିରଫ କରିଛି। ଏହି ଦୁର୍ନୀତିରୁ ମିଳିଥିବା ରାଶିକୁ ସେ କ୍ରିପ୍ଟୋ ୱାଲେଟରେ ରଖିଥିଲା। ଆଉ କିଛି ଅର୍ଥକୁ ଏଫ୍‌ଡିଆଇ (ବିଦେଶୀ ନିବେଶ) ଭାବେ ଭାରତରେ ପୁଣିଥରେ ନିବେଶ କରିଥିଲା। ଏହି ଅର୍ଥରେ ବିଳାଶପୂର୍ଣ୍ଣ ଜାହାଜ ଏବଂ ବିଦେଶରେ ସମ୍ପତ୍ତି ମଧ୍ୟ କିଣାଯାଇଛି।

ତଦନ୍ତରୁ ଇଡି ଜାଣିବାକୁ ପାଇଛି ଯେ ମନି ଲଣ୍ଡରିଂର ଏହି ନେଟୱର୍କ ବ୍ରିଟିଶ ଭର୍ଜିନ ଆଇଲାଣ୍ଡ, ସ୍ପେନ, ଏଷ୍ଟୋନିଆ, ଜର୍ଜିଆ, ସାଇପ୍ରସ, ଦୁବାଇ ଏବଂ ସିଙ୍ଗାପୁରକୁ ବ୍ୟାପିଥିଲା। ପରବର୍ତ୍ତୀ ଯାଞ୍ଚରେ ଅନ୍ତର୍ଜାତୀୟ ମନି ଟ୍ରେଲ ଏବଂ କ୍ରିପ୍ଟୋ ଚ୍ୟାନେଲ ଉପରେ କେନ୍ଦ୍ରୀତ ରହିଛି। ଏହି ଅକ୍ଟା-ଏଫଏକ୍ସ ପ୍ରାରମ୍ଭରେ ନିବେଶକଙ୍କୁ ଲାଭର ଲୋଭ ଦେଖାଇ ଭରସା ହାସଲ କରିଥିଲା। ପରେ ଜାଲ୍ ଚାର୍ଟ ମାଧ୍ୟମରେ ନିବେଶକଙ୍କ କ୍ଷତି କରାଯାଇଥିଲା। ଭାରତରେ ୟୁପିଆଇ ଏବଂ ଲୋକାଲ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ନିବେଶକମାନଙ୍କଠାରୁ ଅକ୍ଟା-ଏଫଏକ୍ସ ଅର୍ଥ ସଂଗ୍ରହ କରିଥିଲା। ଏହି ଅର୍ଥକୁ ଜାଲ୍ କମ୍ପାନୀ, ଇ-କମର୍ସ କମ୍ପାନୀ ଏବଂ ଜାଲ୍ ଆକାଉଣ୍ଟ ମାଧ୍ୟମରେ ବିଦେଶ ପଠା ଯାଇଥିଲା।

- ଦୁର୍ନୀତିର ମାଷ୍ଟରମାଇଣ୍ଡ ସ୍ପେନ୍‌ରୁ ଗିରଫ
- ଭାରତୀୟଙ୍କଠୁ ଠକି ନେଇଛି ୧୮୭୫ କୋଟି
- ବିଦେଶ ପଠାଇଛି ୫ ହଜାର କୋଟିର ଲାଭ

### ଦୀପାବଳି ପୂର୍ବରୁ କ୍ରିପ୍ଟୋ ବଜାର ଛାରଖାର

# ଦୁଇ ଦିନରେ ୧୫ ଲକ୍ଷ କୋଟି ଉଡ଼ିଗଲା

ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି)

ବିଗତ ଦୁଇ ଦିନ ଧରି କ୍ରିପ୍ଟୋକରେନ୍ସି ବଜାର ଅଶାନ୍ତ ରହିଛି। ବିଟ୍ କଏନ୍‌ଠାରୁ ବିଆରମ୍ଭ କରି ବିନାନ୍ସ ଏବଂ ରିପଲ୍ ପର୍ଯ୍ୟନ୍ତ ସମସ୍ତ କ୍ରିପ୍ଟୋ ଧରାଶାୟୀ ହୋଇଯାଇଛି। ମାତ୍ର ଦୁଇ ଦିନରେ (ଅକ୍ଟୋବର ୧୭ ସକାଳ ୧୦ଟାରୁ ଅକ୍ଟୋବର ୧୮ ସକାଳ ୧୦ଟା ପର୍ଯ୍ୟନ୍ତ) କ୍ରିପ୍ଟୋକରେନ୍ସିର ବଜାର ପୁଞ୍ଜି ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। କ୍ରିପ୍ଟୋକରେନ୍ସିରେ ଏହି ହ୍ରାସ ନିବେଶକମାନଙ୍କୁ ଚକିତ କରିଦେଇଛି।

ଗତ ସପ୍ତାହରେ ଡିଜିଟାଲ୍ ସମ୍ପତ୍ତି ବଜାରରୁ ଶହ ଶହ ନିୟୁତ ଡଲାର ନଷ୍ଟ ହୋଇଯାଇଛି। କଏନ୍ ମାର୍କେଟ୍ କ୍ୟାପ୍ ୱେବସାଇଟ୍ ଅନୁଯାୟୀ, ଶନିବାର ସକାଳ ୧୦ଟାରେ ବିଟ୍ କଏନ୍ ୧୦୬,୦୦୦ ଡଲାରରେ କାରବାର କରୁଥିଲା, ଯାହା ଦୁଇ ଦିନ ପୂର୍ବେ ୧୧୧,୦୦୦ ଡଲାର ରହିଥିଲା। ଫଳସ୍ୱରୂପ, ଗତ ୪୮ ଘଣ୍ଟା ମଧ୍ୟରେ ଏହା ୪ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ତଥାପି, ଶନିବାର ପରେ ଏହାର ମୂଲ୍ୟ ସାମାନ୍ୟ ପୁନରୁଦ୍ଧାର ହୋଇଛି। ଦିନ ୧୨ଟା ୩୦ରେ, ବିଟକଏନ୍ ପ୍ରାୟ ୧୦୭,୦୦୦ ଡଲାରରେ କାରବାର କରୁଥିଲା।

ଅପରପକ୍ଷେ ବିଟ୍ କଏନ୍ ମୂଲ୍ୟ ନିରନ୍ତର ଭାବେ ହ୍ରାସ ପାଇବାରେ ଲାଗିଛି। ଶୁକ୍ରବାର, ଏହା ୪% ହ୍ରାସ ପାଇ ପ୍ରାୟ ୧୦୩,୫୫୦ ଡଲାରରେ ପହଞ୍ଚିଛି। ଗତ ୧୦ ଦିନ ମଧ୍ୟରେ ଏହି ପୁରୁଣା କ୍ରିପ୍ଟୋକରେନ୍ସିର ମୂଲ୍ୟ ୧୫% ରୁ ଅଧିକ ହ୍ରାସ ପାଇଛି। ନିବେଶକମାନେ ସୁରକ୍ଷିତ ନିବେଶ ଆଡକୁ ମୁହାଁଇଥିବାରୁ ଏହା ଘଟୁଥିବା କୁହାଯାଇଛି। ଅକ୍ଟୋବର ୬ରେ ବିଟକଏନ୍ ୧୨୬,୦୦୦ ଡଲାର ଉପରେ ଏହାର ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବିଟ୍ କଏନ୍ ଏବେ ଏହି ରେକର୍ଡ ସ୍ତର ତଳେ ପଡ଼ିଯାଇଛି।

ଆମେରିକା ଏବଂ ଚୀନ୍ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ସହିତ ଚଳିତ ସପ୍ତାହର ଆରମ୍ଭରେ ବିଟ୍ କଏନ୍ ଏବଂ ଇଥର ମୂଲ୍ୟ ଦ୍ରୁତ ଭାବରେ ହ୍ରାସ ପାଇଲା। ଏହା ପୂର୍ବ ଦିନର ରାଲିକୁ ସମାପ୍ତ କଲା, ଯାହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଉପରେ ନରମ ମନୋଭାବ ଦ୍ୱାରା ପ୍ରୋତ୍ସାହିତ ହୋଇଥିଲା।



ବିଶ୍ଲେଷକମାନେ କହିଛନ୍ତି ଯେ ବିଟ୍‌କଏନ୍ ବ୍ୟତୀତ, 'ଅଲ୍ଟକଏନ୍' ଭାବରେ ଜଣାଶୁଣା ଅନ୍ୟ ସମସ୍ତ କ୍ରିପ୍ଟୋକରେନ୍ସି, ଏହି ହ୍ରାସ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। କିଛି ଏକ୍ସଚେଞ୍ଜରେ ଅନେକ ଅଲ୍ଟକଏନ୍ ୮୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ତେବେ ଇଥର ପଛରେ ନ ଥିଲା। ଏହାର ମୂଲ୍ୟ ୩୭୦୦ ଡଲାର ତଳେ ଖସିଗଲା, ଯାହା ଅଗଷ୍ଟ ମାସରେ ଏହାର ସର୍ବାଧିକ ମୂଲ୍ୟଠାରୁ ୨୪% ହ୍ରାସ। କେବଳ ବିଟ୍ କଏନ୍ ଏବଂ ଇଥର ନୁହେଁ, ବରଂ ବିନାନ୍ସ-ଲିଙ୍କ୍ଡ ଟୋକନ୍ ବିଏନ୍‌ବି ମଧ୍ୟ ପ୍ରାୟ ୧୧% ହ୍ରାସ ପାଇଛି। ବିଶ୍ୱର ସର୍ବବୃହତ କ୍ରିପ୍ଟୋ ଏକ୍ସଚେଞ୍ଜ ବିନାନ୍ସରେ ଯାନ୍ତ୍ରିକ ତ୍ରୁଟି ଏବଂ ମୂଲ୍ୟ ହେରଫେରର ରିପୋର୍ଟ ପ୍ରକାଶ ପାଇବା ପରେ ଏହି ହ୍ରାସ ଘଟିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ବିନାନ୍ସ ଏହି ଦୁର୍ଘଟଣା ପରେ ପ୍ରାୟ ୬୦୦ ଡଲାର ନିୟୁତ କ୍ଷତିପୂରଣ ପ୍ରଦାନ କରିଛି।

# ଟ୍ରାକ୍ଟର ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

## ଫାଣ୍ଡି ସମ୍ମୁଖରେ ଶବ ରଖି ଉତ୍ତ୍ୟକ୍ତ ଲୋକଙ୍କ ଧାରଣା

ମାହାଙ୍ଗା/ଭଦ୍ରେଶ୍ୱର, ୧୮।୧୦(ସମିସ): ମାହାଙ୍ଗା ବ୍ଲକ କୁମୁଡା ଜୟପୁର ଫାଣ୍ଡି ଅଞ୍ଚଳରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ଫାଣ୍ଡି ସାମ୍ନାରେ ଶବ ରଖି ଉତ୍ତ୍ୟକ୍ତ ଲୋକେ ଧାରଣା ଦେବା ଯୋଗୁଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାହାଙ୍ଗା ଅଞ୍ଚଳରେ ବେପରୁଆ ଭାବେ ବାଲି ବୋଝେଇ ଗାଡି ଚାଲିଛି। ବାଲି ମାଫିଆଙ୍କ କାରବାରକୁ ପ୍ରଶାସନ ରୋକି ପାରୁନି। ଏପରିକି ଚୋରା ବାଲି ଚାଲାଣ ଯୋଗୁଁ ଶନିବାର ଦିନ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, କୁମୁଡା ଜୟପୁର ଫାଣ୍ଡି ଅଞ୍ଚଳରୁ



ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ସକାଳୁ ବାଲି ଢାଳି ଦ୍ରୁତ ଗତିରେ ଫେରୁଥିଲା। ଏହି ସମୟରେ ଟ୍ରାକ୍ଟରଟି ଛତିଆ ସାଲେପୁର ପୂର୍ତ୍ତ ବିଭାଗ ରାସ୍ତାର କୁହୁଣ୍ଡା ପଞ୍ଚାୟତ ଖରିମଠ ନିକଟରେ ଜଣେ ବାଇକ ଚାଳକଙ୍କୁ ଧକ୍କା ଦେଇଥିଲା। ସମ୍ପୃକ୍ତ ବାଇକ ଚାଳକ ଜଣକ କୁଣ୍ଡି ଗ୍ରାମପଞ୍ଚାୟତ ନନ୍ଦକିଶୋରପୁର ଗ୍ରାମର ଅଜୟ ରାଉତ ବୋଲି ଜଣାଯାଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାକୁ ନେଉଥିଲା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଶବକୁ ଧରି ଫାଣ୍ଡି ସମ୍ମୁଖରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ବାଲି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଲୋକେ ଅଡ଼ି ବସିଥିଲେ।

# ବୈଜୟନ୍ତ, ଶାରଦା ଏକାଠି; ସୁମନ୍ତଙ୍କ ଅନୁଗତ ଅନୁପସ୍ଥିତ

ମାହାଙ୍ଗା,୧୮।୧୦(ସମିସ):

ଗତ ସାଧାରଣ ନିର୍ବାଚନ ପରଠୁ ମାହାଙ୍ଗା ନିର୍ବାଚନମଣ୍ଡଳୀରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଏବଂ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କୁ ଏକାଠି ହେବାର ଦେଖିବାକୁ ମିଳୁ ନଥିଲା। ଶନିବାର ପୂର୍ବାହ୍ନରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ୨ଟି ପ୍ରମୁଖ ରାସ୍ତାର ଶିଳାନ୍ୟାସ ଉତ୍ସବରେ ଉଭୟ ନେତାଙ୍କୁ ଏକାଠି ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲିଠାରୁ ବାଲିପଡ଼ା-ଡ଼ିହିଗୋପ ୮ ନମ୍ବର କେନାଲବନ୍ଧ ରାସ୍ତା ଏବଂ ସୁକରପଡାଠାରୁ କୁରୁଜଙ୍ଗା ୯ ନମ୍ବର କେନାଲବନ୍ଧ ରାସ୍ତାର ଶିଳାନ୍ୟାସ ଉତ୍ସବକୁ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଶାରଦା ଆମନ୍ତ୍ରଣ କରିଥିଲେ। କୁଳିଆଠାରେ ଥିବା ମାହାଙ୍ଗା ବିକାଶ ପରିଷଦ କାର୍ଯ୍ୟାଳୟ ନିକଟରୁ ଶୁକରପଡା ଡାକବଙ୍ଗଳା ପର୍ଯ୍ୟନ୍ତ, ଉଭୟ ନେତାଙ୍କ ହଜାର ହଜାର ସମର୍ଥକ ଏକ ବିରାଟ ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଉଭୟ ନେତାଙ୍କୁ କର୍ମୀମାନେ ସଭାସ୍ଥଳୀ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ନିଶ୍ଚିନ୍ତକୋଇଲି ବଜାର ଏବଂ ସୁକରପଡା ବଜାର ନିକଟରେ ନୂଆ ରାସ୍ତାର ଶିଳାନ୍ୟାସ କରିଥିଲେ ସାଂସଦ ଓ ବିଧାୟକ। ତେବେ ବିଜେପିର ଦଳୀୟ ପ୍ରାର୍ଥୀ ସୁମନ୍ତ ଘଡେଇ ଏବଂ ତାଙ୍କ ଅନୁଗତମାନେ କାର୍ଯ୍ୟକ୍ରମରେ ସାମିଲ ହୋଇ ନଥିଲେ। ଶାରଦାଙ୍କ ବିରୋଧୀ ସୁମନ୍ତ ହୋଇଥିଲେ ମଧ୍ୟ ବୈଜୟନ୍ତଙ୍କ ଅନୁଗତ ଭାବେ ଜଣାଶୁଣା। ଶାରଦା ଏହା ମଧ୍ୟରେ ବୈଜୟନ୍ତଙ୍କ ନିକଟତର ହେଉଥିବାରୁ ସୁମନ୍ତଙ୍କ ଅନୁଗତ ଏହାକୁ କିପରି ଗ୍ରହଣ କରୁଛନ୍ତି, ସେକଥା ସମୟ କହିବ ବୋଲି ଚର୍ଚ୍ଚା ଜୋର ଧରିଛି।

## ୨୦ କୋଟି ଟଙ୍କାରେ ଦୁଇଟି ରାସ୍ତାର ଶିଳାନ୍ୟାସ



**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ୮ ନଂ କେନ୍ଦ୍ରାପଡା କେନାଲ ବାମପାଶ୍ୱର୍ ବନ୍ଧ ନିଶ୍ଚିନ୍ତକୋଇଲିଠାରୁ ବାଲିପଡା ଡିହିଗୋପ ପର୍ଯ୍ୟନ୍ତ ୮.୫ କିମି. ଦୈର୍ଘ୍ୟ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନିମନ୍ତେ ୧୨କୋଟି ୬ ଲକ୍ଷ ଟଙ୍କା ଏବଂ ୯ ନଂ କେନ୍ଦ୍ରାପଡା କେନାଲର ଡାହାଣ ପାଶ୍ୱର୍ ବନ୍ଧ ରାସ୍ତା ସୁକରପଡାଠାରୁ କୁରୁଜଙ୍ଗା ପର୍ଯ୍ୟନ୍ତ ୬ କିମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ପାଇଁ ୮କୋଟି ୭୯ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛିଫ ଏହି ଦୁଇଟି ରାସ୍ତାର କାର୍ଯ୍ୟ ଆରମ୍ଭ ପୂର୍ବରୁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବଜାର କେନାଲ ପୋଲ ନିକଟ ଏବଂ ସୁକରପଡା ବଜାର କେନାଲ ପୋଲ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଡାକବଙ୍ଗଳାଠାରେ ବିଧାୟକ ଶ୍ରୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଗ୍ରାମ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଧାକର ନାୟକ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

# ଓଭରବ୍ରିଜ ଉପରେ ଟ୍ରକ୍ ଓଲଟିଲା; ଚାଳକ ଆହତ



ଚୌଦ୍ୱାର, ୧୮।୧୦(ସମିସ): ଜାତୀୟ ରାଜପଥ ୫୫ନଂ ଚୌଦ୍ୱାର ଗାନ୍ଧୀ ଛକ ନିକଟରେ ଏକ ଟ୍ରକ ଓଲଟି ପଡିବାରେ ଚାଳକ ଆହତ ହୋଇଥିବା ଜଣାପଡିଛି। ଏକ ଆଇଚର ମିନି ଟ୍ରକ ମଙ୍ଗୁଳିରୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ବେଳେ ଜାତୀୟ ରାଜପଥ ଗାନ୍ଧୀଛକ ଓଭରବ୍ରିଜ ଉପରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ରାଜପଥ ଡିଭାଇଡରରେ ଗାଡିଟି ପିଟି ହେବା ଫଳରେ ଗାଡି ଭାଙ୍ଗିରୁଜି ଚୁରମାର ହୋଇଥିବା ଓ ଗାଡିର ଡ୍ରାଇଭର ଆହତ ହୋଇଥିଲେ। ତେବେ ଗାଡି ଯଦି ଡିଭାଇଡରରେ ପିଟି ନହୋଇ ଓଭରବ୍ରୀଜରୁ ତଳକୁ ଖସିଥାନ୍ତା ତାହାହେଲେ ବହୁ ଧନଜୀବନ ହାନି ହୋଇଥାନ୍ତା ବୋଲି ସ୍ଥାନୀୟ ଲୋକେ କୁହନ୍ତି।

## ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,୧୮।୧୦(ସମିସ): ଚୌଦ୍ୱାରସ୍ଥିତ ପିଏମଶ୍ରୀ ଓଟିଏମ ଉଚ୍ଚବିଦ୍ୟାଳୟର ନୂତନ ପ୍ରଧାନଶିକ୍ଷକ ଭାବେ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘ ତରଫରୁ ସଂଘର ପ୍ରାକ୍ତନ ସଂପାଦକ ସୁକାନ୍ତ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ସ୍ୱାଇଁଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ସଂଘର ସଭାପତି ନରହରି ନାୟକ, ପ୍ରମୋଦ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ନିକୁଞ୍ଜ ବିହାରୀ ପଣ୍ଡା, ପବିତ୍ର ସ୍ୱାଇଁ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକମାନେ ଓଟିଏମ ସ୍କୁଲରେ ପହଞ୍ଚି ନୂତନ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଓଟିଏମ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦ ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ ଶ୍ର ସ୍ୱାଇଁ ବଡମ୍ବା ବ୍ଲକରୁ ବଦଳି ହୋଇ ଆସିଛନ୍ତି।

# ଦ୍ୱୀପାଞ୍ଚଳରେ ବିଜେଡିର ଜନସଂପର୍କ ପଦଯାତ୍ରା




ସାଲେପୁର,୧୮।୧୦(ସମିସ): ଦ୍ୱୀପାଞ୍ଚଳରେ ବିଜେଡିର ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଦ୍ୱୀପାଞ୍ଚଳରେ ଥିବା ୪ଟି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ତରିଡୋ, ରଟିଲୋ ଓ ପୁରୁଣାହାଟ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଶତାଧିକ ମହିଳା ଓ ପୁରୁଷମାନେ ଯୋଗଦେଇ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମନମୋହନ ସ୍ୱାଇଁ, ଜିନ୍ ସେଠୀ, ଅଶୋକ କୁମାର ଭୂୟାଁ, ପ୍ରମୋଦ କୁମାର ରାଉତରାୟ, ସମିତିସଭ୍ୟ ପ୍ରମୋଦ ନଳିନୀ ବିଶ୍ୱାଳ, କମଳାକାନ୍ତ ନାୟକ, ଦିଲ୍ଲୀପ ସ୍ୱାଇଁ, ଚିତ୍ତରଂଜନ ପୁହାଣ, ତରିଡୋ ସଭାପତି କୈଳାସ ବେହେରା, ଜୁଲୁ ମହାନ୍ତି, ସୁଧିର କୁମାର ପରିଡ଼ା, ପ୍ରଭାକର ସୂତାର, ବ୍ଲକ୍ ମହାସଚିବ ଗୁଲରେଜ ଅଲ୍ଲି, ରାଜେଶ ମହାନ୍ତି, ବିଭୁତିଭୂଷଣ ଦାଶ, ହେମନ୍ତ କୁମାର ପ୍ରଧାନ,ଗଗନ ମହାପାତ୍ର, ପର୍ଶୁରାମ ଶତପଥୀ, ରଂଜନ ବରାଳଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ପୁରନ୍ଦର ନାୟକଙ୍କ ପରଲୋକ

ସାଲେପୁର,୧୮।୧୦(ସମିସ): ସାଲେପୁର ବ୍ଲକ୍ର ଅବସରପ୍ରାପ୍ତ କର୍ମଚାରୀ ପୁରନ୍ଦର ନାୟକ (୮୩)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ସାଲେପୁର ସାରସ୍ୱତ ସମାରୋହ ସମିତି ସମେତ ଶ୍ରୀଜଗନ୍ନାଥ ମନ୍ଦିର ଓ ସାହେଶ୍ୱରୀ ମନ୍ଦିର କମିଟି, ସତ୍ୟସାଇ ସେବା ସମିତି ସାଲେପୁର ସହ ସଂପୃକ୍ତ ଥିଲେ। ତାଙ୍କର ଏକମାତ୍ର ପୁତ୍ର ଦେବାଶିଷ ନାୟକ ମୁଖାଗ୍ନି ଦେଇଥିବାବେଳେ କନ୍ୟା ସ୍ମୃତିପ୍ରଜ୍ଞା ନାୟକ, ପ୍ରଜ୍ଞାପରମିତା ନାୟକ, ସୁକାନ୍ତ ନାୟକ, ମନୋରଂଜନ ଦାସ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସାରସ୍ୱତ ସମାରୋହ ସମିତି, ସତ୍ୟସାଇ ସେବା ସମିତି, ସାଲେପୁର ସମେତ ଅରବିନ୍ଦ ମାର୍ଗ ପୂଜା କମିଟିର ସଂଜୀବ ତ୍ରିପାଠୀ, ପ୍ରତ୍ୟୁଷ ମହାନ୍ତି, ପ୍ରଦ୍ୟୁତ କର, ସୁଶାନ୍ତ ବରାଳ, ନିରଞ୍ଜନ ପଲାରୁ, କେଦାର ବେହେରା, ପ୍ରମୋଦ କୁମାର ପରିଡ଼ା, ପ୍ରଦୋଷ ମହାନ୍ତି, ରାଜେଶ ସାହୁ, ଲଲାଟେନ୍ଦୁ ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି।



# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ନିଆଳି, ୧୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଇରିଣ୍ଡେଇ ଗ୍ରାମର ନିଖୋଜ ଯୁବକ ଶକ୍ତିକାନ୍ତ ସାହୁଙ୍କ ମୃତଦେହ ଶନିବାର ସକାଳେ ନିଆଳି ଥାନା ପାଟେଲିସ୍ଥିତ ଦେବୀ ନଦୀରୁ ଉଦ୍ଧାର କରାଯାଇଛି। ଗତ ୧୭ ତାରିଖ ଦିନ ଉକ୍ତ ଯୁବକ କଟକ ମୁଣ୍ଡୁଳି ବ୍ରିଜ୍ ଉପରେ ଏକ କାର୍ ଥୋଇ କାର୍ ଭିତରେ ଦୁଇଟି ମୋବାଇଲ୍ ଫୋନ୍ ଓ ସୁଇସାଇଡ୍ ନୋଟ୍ ଲେଖି ନିଖୋଜ ହୋଇଯାଇଥିଲେ। ଏନେଇ ଶକ୍ତିକାନ୍ତଙ୍କ ବଡଭାଇ ଉଦୟନାଥ ସାହୁ ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ଫାଣ୍ଡିରେ ତାଙ୍କ ଶକ୍ତି ନିଖୋଜ ନେଇ ଅଭିଯୋଗ କରିଥିଲେ। ଶନିବାର ସକାଳ ୯ଟା ପାଖାପାଖି ଦେବୀ ନଦୀର ପାଟେଲି ଠାରେ ଏକ ଅଚିହ୍ନାଁ ଯୁବକଙ୍କ ଶବ ଭାସୁଥିବା ନେଇ ଲୋକେ ନିକଟସ୍ଥ ନାଉଗାଁ ଦମକଳ କେନ୍ଦ୍ରକୁ ଖବର ଦେବା ପରେ ନାଉଗାଁ ଦମକଳବାହିନୀର କର୍ମଚାରୀ ପହଞ୍ଚି ପାଟେଲିଠାରୁ ଶବକୁ ଉଦ୍ଧାର କରିଥିଲେ। ପରେ ବାରଙ୍ଗ ଥାନାରେ ଖବର ପହଞ୍ଚିବା ପରେ ଉକ୍ତ ଯୁବକଙ୍କ ପରିବାର ଲୋକେ ଆସି ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଶବକୁ ଚିହ୍ନଟ କରିଥିଲେ। ପରେ ଉକ୍ତ ଶବକୁ ନିଆଳି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାପଡିଛି।

# ଏନଏସି ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଆଠଗଡ଼,୧୮।୧୦(ସମିସ): ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ପରିମଳ ବ୍ୟବସ୍ଥାର ଘରୋଇକରଣ ହେବା ପରେ ପରିମଳ ବ୍ୟବସ୍ଥାର ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ସମ୍ପୃକ୍ତ ଠିକାସଂସ୍ଥାର ମନମାନି ଯୋଗୁଁ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଠିକ୍ ସମୟରେ ସେମାନଙ୍କ ପାରିଶ୍ରମିକ ପାଉ ନାହାନ୍ତି। ସେମାନଙ୍କର ଇପିଏଫ ଆକାଉଣ୍ଟ ମଧ୍ୟ ଠିକ୍ ଭାବରେ ପରିଚାଳିତ ହେଉନାହିଁ। ଏମିତି କି ସଫେଇ କର୍ମଚାରୀମାନେ ମଧ୍ୟ ଦୀର୍ଘ ଦିନ ଧରି ପୋଷାକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ବାବଦରେ କର୍ମଚାରୀ ମୁହଁ ଖୋଲିଲେ ଠିକା ସଂସ୍ଥା ତାଙ୍କୁ ବାହାର କରି ଦେବାକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଏ ବାବଦରେ କର୍ମଚାରୀମାନେ ବାରମ୍ବାର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଏବଂ ଅଧ୍ୟକ୍ଷାଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସୁଫଳ



ମିଳି ନଥିଲା। ଏହାର ପ୍ରତିବାଦରେ ଆଜି ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ସହରର ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଅପରାହ୍ନରେ ଠିକାସଂସ୍ଥାର କର୍ମଚାରୀ ଏବଂ ସଫେଇ କର୍ମଚାରୀଙ୍କ ସହିତ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଓ ଉପାଧ୍ୟକ୍ଷଙ୍କ ସହିତ ମିଳିତ ଆଲୋଚନାରେ ଏସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ମୃତ ମାଙ୍କଡ଼ର ସତ୍କାର

ଚୌଦ୍ୱାର,୧୮।୧୦(ସମିସ): ଚୌଦ୍ୱାର ପୌରପାଳିକା ୧୭ ନଂ ୱାର୍ଡ ନୂଆସାହିରେ ଗତ କିଛି ଦିନ ତଳେ ସଂଘବଦ୍ଧ କୁକୁର ଆକ୍ରମଣରେ ଏକ ମାଙ୍କଡ ଗୁରୁତର ଆହତ ହୋଇଥିଲା। ଆହତ ମାଙ୍କଡଟିର ମୃତ୍ୟୁ ହେବା ପରେ ଶବ ସତ୍କାର କରିଛନ୍ତି ସ୍ଥାନୀୟ ଯୁବ ଗୋଷ୍ଠୀ। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିଭୁକଲ୍ୟାଣ ମହାନ୍ତି, ଯୁବଗୋଷ୍ଠୀ ପକ୍ଷରୁ ଜଗବନ୍ଧୁ ସାହୁ, ଆଲୋକ ସାହୁ, ଜ୍ଞାନରଞ୍ଜନ ସାହୁ, ହଂସଚରଣ ସାହୁ, ପ୍ରହଲ୍ଲାଦ ସାହୁ, ରଞ୍ଜନ ବେହେରା, ରବିନ୍ଦ୍ର କୁମାର ସାହୁ ପ୍ରମୁଖ ରିତିନୀତି ଅନୁଯାୟୀ ସତ୍କାର କରିଥିଲେ।

## ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

ତିଗିରିଆ,୧୮।୧୦ (ସମିସ): ତିଗିରିଆ ବ୍ଲକ କଂଗ୍ରେସର ପୁରୁଖା ତଥା ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ଜେନାଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଠଗଡ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ମନୋରଞ୍ଜନ ପଟ୍ଟନାୟକ, ଶୁଭାଶିଷ ମିଶ୍ର, ସାଇରାମ ମହାନ୍ତି, ମନୋଜ ନାୟକ, ତପନ ବାରିକଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ କର୍ମୀ ତାଙ୍କ ପୁରୁଣା ତିଗିରିଆସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମକର୍ତ୍ତା ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଜେନାଙ୍କ ମରଶରୀର ଉପରେ କଂଗ୍ରେସ ପତାକା ଦେଇଥିଲେ। ଗ୍ରାମ ଶ୍ମଶାନରେ ସ୍ୱର୍ଗତ ଜେନାଙ୍କର ଶେଷକୃତ୍ୟ ସମ୍ପୂର୍ଣ୍ଣ ହୋଇଥିଲା।

## ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଶିଳାନ୍ୟାସ

ମାହାଙ୍ଗା,୧୮।୧୦(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ଜରିଆରେ କଟକ ଜିଲ୍ଲାର ଚାରୋଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନୂତନ ଗୃହର ଶିଳନ୍ୟାସ କରିଛନ୍ତି। ଏହି ଅବସରରେ ମାହାଙ୍ଗା ବ୍ଲକ କୁଆଁପାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ ଗୃହର ଶୁଭ ଶିଳାନ୍ୟାସ କରାଯାଇଛି। ଏଥିରେ ସମ୍ମାନିତ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଯୋଗ ଦେଇଥିଲେ। କୁଆଁପାଳ ରାଜସ୍ୱ ନିରୀକ୍ଷକ ଅଜୟ ମନ୍ତ୍ରୀ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ଆଇନଜୀବୀ ଉମେଶ ଭଞ୍ଜ, ବନବିହାରୀ ଦାସ, ନିର୍ଭୟ ମହାନ୍ତି, ଅରୁଣ କୁମାର ସେଠୀ, ଅଭିନ ଜେନା, ରଞ୍ଜିତ କୁମାର ବରାଳ, ମନୋଜ କୁମାର ନାଥ, ମୃତ୍ୟୁଞ୍ଜୟ ବିଶ୍ୱାଳ, ପ୍ରଭାତ ନାୟକ, ଉମାକାନ୍ତ ସ୍ୱାଇଁ, ଅନିଲ ନାୟକ, ମାନସ ରଞ୍ଜନ ଦାସ, ଅମୀୟ ରଞ୍ଜନ ପ୍ରଧାନ, କ୍ଷୀରୋଦ ବିଶ୍ୱାଳ, ପ୍ରମୋଦ ସ୍ୱାଇଁ, ବିଜୟ ବରାଳ, ତପନ ରାଉତ, ଅନିଲ ରାଉତରାୟ, ସତ୍ୟ ରଞ୍ଜନ ରାଉତରାୟ, ସନ୍ତୋଷ ନାୟକ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀଙ୍କ ଭସାଣି



ଟାଙ୍ଗୀ,୧୮।୧୦(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗରେ ଗଜଲକ୍ଷ୍ମୀ ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦୀପକ କୁମାର ମାଝୀଙ୍କ ନେତୃତ୍ୱରେ ଭସାଣ ଯାତ୍ରା ତୁଳସୀପୁରଠାରୁ ଆରମ୍ଭ ହୋଇ କମଙ୍ଗ ଗ୍ରାମର ଗନ୍ଧନଦୀରେ ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଜଗନ୍ନାଥ ଦାସ, ମୁରବି ଗୌରାଙ୍ଗ ଚରଣ ମାଝୀ, ଉଦ୍ୟାନବିତ ପ୍ରଶାନ୍ତ କୁମାର ବସ୍ତିଆ, ସାମ୍ବାଦିକ ଗଙ୍ଗାଧର ବେହେରା, ବିଷ୍ଣୁଚରଣ ମାଝୀ, ପ୍ରମୋଦ କୁମାର ଜଟ ଓ ମାଧବ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ଖଗେଶ୍ୱର ପାତ୍ର, ମାନସ ରଞ୍ଜନ ବେଉରା, ବିଷ୍ଣୁ ପାତ୍ର, ତପନ ମାଝୀ, ମାନସ ମଲ୍ଲିକ, ଟୁକୁନା ପାତ୍ର, ଅନିଲ ପାତ୍ର, ଅଜୟ ବେହେରା, ସଞ୍ଜୀୟ ପଲେଇ,ଟୁଲନ, ସୌମ୍ୟରଞ୍ଜନ, ସାଗର, ସୁବାସ, ଶମ୍ଭୁ, ଚିନୁ, ଶିବୁନାଙ୍କ ସମେତ ସମସ୍ତ ସଦସ୍ୟଙ୍କ ସହ କମଙ୍ଗ ଓ କଉଡିଆପଡା ଗ୍ରାମବାସୀ ସହଯୋଗ କରିଥିଲେ।

# ଫସର ଫାଟିଲା ଚୌଦ୍ୱାର ପୌର ପରିଷଦ ବୈଠକ

# ପାରିଷଦଙ୍କ କକ୍ଷ ତ୍ୟାଗ

ଚୌଦ୍ୱାର, ୧୮।୧୦(ସମିସ):

ଚୌଦ୍ୱାର ପୌର ପରିଷଦର ବୈଠକ ପୌର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ପୌର କର୍ମଚାରୀ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ ଥିବା ମନାନ୍ତର ସ୍ପଷ୍ଟ ହୋଇଛି। କିଛି ଦିନ ତଳେ ପୌରପାଳିକା ତରଫରୁ ରୂପଯାତ୍ରା ପ୍ରସ୍ତୁତି ବୈଠକରେ ଉନ୍ନତିମୁଳକ କାର୍ଯ୍ୟକୁ ନେଇ ଜନୈକ ପୌରଯନ୍ତ୍ରୀ ଓ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା। ଏହି ମତାନ୍ତର ବାଦବିବାଦ ଆଡକୁ ଗତି କରିବାରୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ କିଛି ପାରିଷଦ ଏଥିରେ ତାଳି ପକାଇବାକୁ ଚେଷ୍ଟା କରିଥିଲେ; ମାତ୍ର ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡି ନଥିଲା। ଯାହା ଆଜିର ବୈଠକରେ ସ୍ପଷ୍ଟ ହୋଇଛି। ଘରେ ନପସୁଣୁ ଚାଳ ବାଜିବା ନ୍ୟାୟରେ ଆଜିର ପୌର ପରିଷଦ ବୈଠକ ଭଣ୍ଡୁର ହୋଇଥିବା ଜଣାପଡିଛି। ମାଗୁରା ଜନହିତକର ପ୍ରକଳ୍ପର ଅଗ୍ରଗତି ବିଷୟରେ ୪ନଂ ୱାର୍ଡ ପାରିଷଦ ଅର୍ଜୁନ ବେହେରା ପୌରାଧ୍ୟକ୍ଷାଙ୍କୁ ପ୍ରଶ୍ନ କରିବାରୁ ପ୍ରକଳ୍ପ ବିଷୟରେ ଉପଯୁକ୍ତ ଉତ୍ତର ଦେଇଥିଲେ। ଯେଉଁଥିରେ ଉତ୍କ୍ଷିପ୍ତ ହୋଇ ପାରିଷଦ ବୈଠକ ତ୍ୟାଗ କରି ପଳାଇ ଯାଇଥିଲେ। ଅନ୍ୟପକ୍ଷରେ ଜେଇ ସଞ୍ଜୟ ସାମଲ ବୈଠକରେ ଅନୁପସ୍ଥିତ ରହିଥିଲେ। ଯେଉଁଥିପାଇଁ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇପାରି ନଥିଲା। ବୈଠକରେ ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ ଯୋଗଦେଇ ପାରିଷଦ ମାନଙ୍କ ୱାର୍ଡରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରି ବିଗତ ୨ବର୍ଷ ମଧ୍ୟରେ କେଉଁ ୱାର୍ଡରେ କେତେ ଟଙ୍କାର ଉନ୍ନୟନ କାର୍ଯ୍ୟ କରାଯାଇଛି ତାହା ଜଣାଇବା ପାଇଁ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କୁ ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ବିରୂପା ନଦୀକୂଳରେ ଅନୁଷ୍ଠିତ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବକୁ ପୌରପାଳିକା ତରଫରୁ ଆଡମ୍ବର ସହିତ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଜିର ବୈଠକରେ ୨ଜଣ ଯନ୍ତ୍ରୀଙ୍କ ଅନୁପସ୍ଥିତି ହେତୁ ଉନ୍ନୟନ କାର୍ଯ୍ୟ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇପାରିନଥିଲା। ବହୁ ପାରିଷଦ ଏଭଳି ପରିସ୍ଥିତକୁ ନାପସନ୍ଦ କରିଥିଲେ। ପାରିଷଦ ମାନଙ୍କ ଭିତରେ ଗଢାଯାଇଥିବା ବିଭିନ୍ନ କମିଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା କରି ୱାର୍ଡରେ କରାଯାଉଥିବା ଉନ୍ନୟନ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରକାଶ କରିଥିଲେ। ସମସ୍ତ ପାରିଷଦ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଶୁଭଶ୍ରୀ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ଉ; ମଦ ସହ ପୋଚ ନଷ୍ଟ

ଆଠଗଡ଼,୧୮।୧୦(ସମିସ): ଶନିବାର ଆଠଗଡ଼ ଅବକାରୀ ଏବଂ ପୁଲିସ ବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗାଠାରେ ୧୯୯୫ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୨୦୮୯୫ ଲିଟର ଗୁଡ଼ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ୬ଟି ମାମଲା ରୁଜୁ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆଠଗଡ଼ ଅବକାରୀ ଉପଅଧିକ୍ଷକ ସିଏଚ ତିରୁପତି, ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ କୁମାର ଭୋଇ, ସୌମ୍ୟରଞ୍ଜନ ମାଝୀ, ବାପି ସାହୁ, ତରୁଣ ପାତ୍ରଙ୍କ ସହ ଆଠଗଡ଼ ପୁଲିସ କର୍ମଚାରୀ ଏବଂ ଅବକାରୀ ବିଭାଗ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ




ଟାଙ୍ଗୀ,୧୮।୧୦(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଗୁରୁଜଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କାନପୁର ଆଞ୍ଚଳିକ ସାଧନସ୍ତରୀୟ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବଂଶୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଅକ୍ଟୋବର ମାସର କାର୍ଯ୍ୟକ୍ରମ ପାଇଁ ତାଲିମ ନେଇଥିଲେ। ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ପ୍ରମୋଦ ବେହେରା ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ସମାଜସେବୀ ମାଧବଚନ୍ଦ୍ର ମହାନ୍ତି ବିଦ୍ୟାଳୟ ତରଫରୁ ମହାପୁରୁଷଙ୍କ ଫଟୋ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ଦେହୁରୀ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ, ସମସ୍ତ ସଦସ୍ୟ ଓ ଅଭିଭାବକ ସହଯୋଗ କରିଥିଲେ।

# ଘଣ୍ଟାଏ ବର୍ଷାରେ ବେହାଲ ପୁରୀ ସହର

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୱାର୍ଡରେ ପଶିଲା ପାଣି





ପୁରୀ, ୧୮।୧୦ (ସମିସ): ମୂଷଳ ବର୍ଷାରେ ପୁରୀ ସହର ବେହାଲ। ପ୍ରାୟ ଘଣ୍ଟାକର ବର୍ଷାରେ ବଡ଼ଦାଣ୍ଡରୁ ବେଳାଭୂମି ପର୍ଯ୍ୟନ୍ତ ସବୁ ରାସ୍ତାରେ ଜମିଛି ଆଣ୍ଠୁଏ ଉଚ୍ଚର ପାଣି। ସାହି ଗଳିକନ୍ଦି ରାସ୍ତା କଥା ନ କହିବା ଭଲ। ସବୁଠି ଅଧିକ ଦୟନୀୟ ହୋଇପଡ଼ିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ୱାର୍ଡରେ ପଶିଛି ବର୍ଷା ପାଣି ସାଙ୍ଗକୁ ଡ୍ରେନ୍ ପାଣି। ସ୍ଥିତି ଏମିତି ହୋଇଛି ଯେ ବର୍ଷା ପାଣିରେ ସିରିଞ୍ଜଠାରୁ ଆରମ୍ଭ କରି ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ଭାସୁଥିବା ଦେଖାଯାଇଥିଲା। ପ୍ରାୟ ୨ଘଣ୍ଟା ଧରି ମହିଳା ମେଡିସିନ୍ ୱାର୍ଡରେ ରୋଗୀ ଓ ସେମାନଙ୍କ ଅଭିଭାବକମାନେ ହନ୍ତସନ୍ତ ହୋଇଥିଲେ। ପାଣି ସଫା କରିବା ଲାଗି ସଫେଇ କର୍ମଚାରୀ ନାକେଦମ୍ ହୋଇପଡ଼ିଥିଲେ। ଶେଷରେ ମୋଟର ଲାଗି ୱାର୍ଡ ଭିତରୁ ପାଣି ନିଷ୍କାସନ କରିବାକୁ ପଡ଼ିଥିଲା।

ଶନିବାର ସକାଳୁ ପାଗ ଠିକ୍ଠାକ୍ ଥିଲା। ହେଲେ ଅପରାହ୍ଣରେ ହଠାତ୍ ବରକୋଳିଆ ଠୋପା ବର୍ଷା ସହର ସାରା ଅଜାଡ଼ି ହୋଇପଡ଼ିଥିଲା। ଏଥିରେ ସହରର ସବୁ ରାସ୍ତାଘାଟ ଜଳମଗ୍ନ ହୋଇଯାଇଥିଲା। ବିଶେଷକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବଡ଼ଦାଣ୍ଡର ସ୍ଥିତି ଅଧିକ ସଙ୍ଗିନ ହୋଇପଡ଼ିଥିଲା। ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ପାଣି ଜମିଥିଲା। ବଡ଼ଦାଣ୍ଡର ମେଡିକାଲ ଛକ,

**■ ଭାସିଲା ଚିକିତ୍ସା ସାମଗ୍ରୀ, ରୋଗୀ ହନ୍ତସନ୍ତ**
**■ ବଡ଼ଦାଣ୍ଡରୁ ବେଳାଭୂମି ସବୁଠି ଜମିଲା ପାଣି**

ମାର୍କେଟ ଛକ, ବଳଗଣ୍ଡି ପ୍ରଭୃତି କେତେକ ସ୍ଥାନରେ ପ୍ରାୟ ୩ଫୁଟ୍‌ର ପାଣି ଜମି ଯାଇଥିଲା। ସେହିପରି ଭିଆଇପି ରୋଡ୍‌ର ଅଗ୍ନିଶମ କେନ୍ଦ୍ର ସମ୍ମୁଖ, ବେଳାଭୂମିର ରେଣୁକା ଗଳି ଭଳି ବହୁ ଜାଗାରେ ରାସ୍ତାରେ ଜମିଥିଲା ଆଣ୍ଠୁଏ ଉଚ୍ଚର ପାଣି। ଆଶ୍ରମ ଛକରୁ ଷ୍ଟେସନ୍‌କୁ ସଂଯୋଗ କରୁଥିବା ରାସ୍ତା, ଝାଡ଼େଶ୍ୱରୀ ମନ୍ଦିର ନିକଟରେ ବି ରାସ୍ତାରେ ପ୍ରବଳ ପାଣି ଜମିଥିଲା। ପ୍ରାୟ ଘଣ୍ଟାଏ ଧରି ହୋଇଥିବା ମୂଷଳବର୍ଷାରେ ସହରର ସବୁ ରାସ୍ତାଘାଟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ଉଚ୍ଛୁଳି ନଳା ପାଣି ରାସ୍ତାରେ ଭାସିଥିଲା। ବିଭିନ୍ନ ଜାଗାରେ ଡ୍ରେନ୍ ଚୋକ୍ ହୋଇଯିବାରୁ ଜଳ ନିଷ୍କାସନ ହୋଇପାରି ନ ଥିଲା।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମହିଳା ମେଡିସିନ ୱାର୍ଡରେ ସ୍ଥିତି ଅଧିକ ସଙ୍ଗିନ ହୋଇଥିଲା। ଏହି ବିଭାଗ ଭିତରେ ପାଣି ପଶିଯାଇଥିଲା। ଏପରି କି ବର୍ଷା ପାଣିର ସୁଅ ଛୁଟିଥିଲା ୱାର୍ଡରେ। କିଛି ରୋଗୀଙ୍କୁ ବେଡ୍ ମିଳି ନ ଥିବାରୁ ସେମାନେ ତଳେ ଗଦି ଉପରେ ବସିଥିଲେ। ହଠାତ୍ ବର୍ଷା ପାଣି ୱାର୍ଡ ଭିତରେ ପଶିବା ପରେ ରୋଗୀମାନେ ହନ୍ତସନ୍ତ ହୋଇଥିଲେ। ରୋଗୀ ଏବଂ ସମ୍ପର୍କୀୟମାନେ ନିରୁପାୟ ହୋଇଯାଇଥିଲେ। ୱାର୍ଡ ଭିତରେ ଚଲାବୁଲା କରିପାରି ନ ଥିଲେ। ରୋଗୀ ଏବଂ ସମ୍ପର୍କୀୟ ବେଡ୍ ଉପରେ ବସି ରହିଥିଲେ। ଡାକ୍ତର ବି ଚିକିତ୍ସା ପାଇଁ ଆସିପାରିନଥିଲେ। ମଟର ପମ୍ପ ଅଣାଯାଇ ୱାର୍ଡ ଭିତରୁ ପାଣି ନିଷ୍କାସନ କରାଯାଇଥିଲା। ପ୍ରାୟ ୨ଘଣ୍ଟା ଧରି ଏଭଳି ସ୍ଥିତି ଲାଗି ରହିଥିଲା। ୱାର୍ଡକୁ ଭଲ ଭାବେ ସଫା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ ଏବଂ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଅନ୍ୟପକ୍ଷରେ ପୁରୀ ଜିଲ୍ଲା ଆପ୍ ପକ୍ଷରୁ ମଧ୍ୟ ଏଭଳି ସ୍ଥିତି ପାଇଁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ପୁରୀ ଭଳି ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ ସହର ପ୍ରତି ସରକାରଙ୍କର ବୈମାତୃକ ମନୋଭାବ ସ୍ପଷ୍ଟ ହେଉଛି। ତୁରନ୍ତ ଏହାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନିଆଯିବା ପାଇଁ ସେ ଦାବି କରିଛନ୍ତି।

## ନୂଆପଡ଼ା ଉପନିର୍ବାଚନ

# ଠେଲାପେଲାରେ ନାମାଙ୍କନପତ୍ର ଦାଖଲ

ନୂଆପଡ଼ା, ୧୮।୧୦ (ସମିସ): ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶନିବାର ଦିନ ଠେଲାପେଲା ଭିତରେ ନାମାଙ୍କନପତ୍ର ଦାଖଲ କରିଛନ୍ତି ବିଜେପି ଏବଂ କଂଗ୍ରେସ ପ୍ରାର୍ଥୀ। ବିଜେପିରୁ ଜୟ ଢୋଲକିଆ ଏବଂ କଂଗ୍ରେସରୁ ଘାସିରାମ ମାଝୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଜିଲ୍ଲାପାଳଙ୍କ ପତ୍ରାଙ୍କ ସଂଖ୍ୟା ୨୭/୨୫ରେ କଂଗ୍ରେସ ଦଳକୁ ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖରିଆରରୋଡ୍ ଶଙ୍କର ମନ୍ଦିରଠାରୁ ନୂଆପଡ଼ା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ

**କଂଗ୍ରେସରୁ ଘାସିରାମ, ବିଜେପିରୁ ଜୟ**



ରାଲି କରିବାକୁ ଅନୁମତି ଦିଆଯାଇଥିଲା। ଅନ୍ୟପଟେ ଜିଲ୍ଲା ବିଜେପି ସଭାପତି କମଳେଶ ଦୀକ୍ଷିତଙ୍କ କହିବାନୁଯାୟୀ ସେମାନଙ୍କୁ ମଧ୍ୟ ୩ଟା ପର୍ଯ୍ୟନ୍ତ ଅନୁମତି ଦିଆଯାଇଥିଲା। ବିଜେପି ପ୍ରାର୍ଥୀ ଜୟ ଢୋଲକିଆ କର୍ମୀଙ୍କ ଗହଣରେ ଦିନ ସାଢ଼େ ୧୧ଟାରେ ଖରିଆରରୋଡ୍‌ଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ତାଙ୍କ ରାଲି ଠିକ୍ ନୂଆପଡ଼ାରେ ପହଞ୍ଚିଲା ବେଳକୁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ସମର୍ଥକଙ୍କ ସହ ନୂଆପଡ଼ା କଂଗ୍ରେସ କାର୍ଯ୍ୟାଳୟରୁ ବାହାରିଥିଲେ। ଫଳରେ ବିଜେପିକୁ ନୂଆପଡ଼ା ବସ୍ତି ମୁଣ୍ଡରେ ଅଟକି ରହିବାକୁ ପଡ଼ିଥିଲା।

ଦିନ ପ୍ରାୟ ସାଢ଼େ ୧୨ଟାରେ ଘାସିରାମଙ୍କ ସହ ୫ଜଣ ସମର୍ଥକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ବାକି ଲୋକଙ୍କୁ ପୁଲିସ ଭିତରକୁ ଛାଡ଼ିନଥିଲା। ଠିକ୍ ପରେପରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ସମର୍ଥକଙ୍କ ସହ ପ୍ରବେଶ କରିଥିଲେ। ହେଲେ ଏହି ସମୟରେ ବିଜେପି ତରଫରୁ ବହୁ ନେତା ଯଥା ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ବର୍ତ୍ତମାନର ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ସମେତ ବହୁ ପଦାଧିକାରୀଙ୍କୁ ପୁଲିସ ଛାଡ଼ି ଦେଇଥିଲା। ଏହାକୁ ନେଇ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ସରକାରୀ ଦଳ ନିଜେ ନିୟମ ଭାଙ୍ଗୁଛି ବୋଲି ଅଭିଯୋଗ କରି କଂଗ୍ରେସ କର୍ମୀ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ କିଛି ସମୟ ପାଇଁ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଦୁଇ ଦଳର ସମର୍ଥକମାନେ ଭିତରକୁ ପ୍ରବେଶ କରିବାରୁ ପରିସର ଲୋକାରଣ୍ୟ ହୋଇଯାଇଥିଲା।

ଏ ସଂପର୍କରେ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆମେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଯେକୌଣସି ଦଳ କିମ୍ବା ବ୍ୟକ୍ତିବିଶେଷ ଆଣିଦେଲେ ଗ୍ରହଣ କରିଥାଉ। କୌଣସି ଦଳକୁ ସମୟ ଦିଆଯାଇନଥିଲା। ଅଫିସ ଭିତରକୁ ପ୍ରାର୍ଥୀଙ୍କ ସମେତ ମାତ୍ର ୫ଜଣ ପ୍ରବେଶ କରିପାରିବେ। ବାହାର ଏରିଆରେ ଯେତେଲୋକ ବି ରହିପାରିବେ ବୋଲି କହିଥିଲେ।

# ଟିଟିଲାଗଡ଼ ଷ୍ଟେସନ୍‌ରୁ ୭୦ ଲକ୍ଷ ଟଙ୍କା ଜବତ

## ବିହାର ନିର୍ବାଚନରେ ବିନିଯୋଗ ହୋଇଥା'ନ୍ତା !

**ବଲାଙ୍ଗିର/ଟିଟିଲାଗଡ଼, ୧୮।୧୦ (ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଳଷ୍ଟେସନ୍‌ରୁ ରେଳବାଇ ପୁଲିସ୍ (ଆର୍‌ପିଏଫ୍) ଆଜି ଦୁଇଜଣ ଯୁବକଙ୍କ ପାଖରୁ ୭୦ଲକ୍ଷ ଟଙ୍କା ଜବତ କରିଛି। ଏହି ଘଟଣାରେ ପୁଲିସ ଉକ୍ତ ଯୁବକଦ୍ୱୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ, କେସିଙ୍ଗାର ପ୍ରଭାତ ସାହୁ ଓ ଉମେଶ ପ୍ରସାଦ। ଟଙ୍କା ବ୍ୟାଗ୍ ଧରି ଦୁହେଁ ଧରତୀ-ଆବବା ଏକ୍ସପ୍ରେସ୍‌ରେ ଯାଉଥିଲେ। ଟ୍ରେନ୍‌ଟି ଏର୍ଣ୍ଣାକୁଲମରୁ ହାଟିଆ ଯାଉଥିଲା। ତେବେ ହାଟିଆ ବିହାରର ସୀମା ହୋଇଥିବା ଓ ସେଠାରେ ନିର୍ବାଚନ ଚାଲିଥିବାରୁ ଏହି ଟଙ୍କା ସେଥିପାଇଁ ଯାଉଥିବା ଆଲୋଚନା ହେଉଛି। ଆରପିଏଫ୍ ପାଟ୍ରୋଲିଂ ଟିମ୍ ସେମାନଙ୍କୁ ଟ୍ରାକ୍ କରି ଧରିଥିବା ଜଣାଯାଇଛି।



ଅପରପକ୍ଷେ, ଷ୍ଟେସନ୍‌ରୁ ଏତେ ପରିମାଣର ଟଙ୍କା ଜବତ ହେବା ପରେ ସମସ୍ତେ ଚକିତ ହୋଇଯାଇଥିଲେ। କାହିଁକି ଏହି ଦୁଇଜଣ ଯୁବକ ଏତେ ପରିମାଣର ଟଙ୍କା ବ୍ୟାଗ୍‌ରେ ନେଇ ଯାଉଥିଲେ, ସେନେଇ ପଚରାଉଚରା ପରେ ମଧ୍ୟ ଆରପିଏଫ୍ କିଛି ଉତ୍ତର ପାଇ ନଥିଲା। ଦେଶର ବିଭିନ୍ନ ସ୍ଥାନରେ ନିର୍ବାଚନ ଚାଲିଥିବାରୁ ଏତେ ପରିମାଣର ଟଙ୍କା ଜବତକୁ ନେଇ ନାନା ଆଲୋଚନା ଆରମ୍ଭ ହୋଇଛି।

ନୂଆପଡ଼ା ଉପ-ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଗକୁ ବିହାର ନିର୍ବାଚନ ମଧ୍ୟ ରହିଛି। ବିହାର ନିର୍ବାଚନରେ ଏହି ଟଙ୍କା ଖର୍ଚ୍ଚ କରିବାକୁ ନିଆଯାଉଥିବା ଆଲୋଚନା ହେଉଛି। ଯଦିଓ ଏନେଇ ଆର୍‌ପିଏଫ କିମ୍ବା ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ପାଖରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ତଥାପି ଏହି ଆଲୋଚନାକୁ ଅସ୍ୱୀକାର କରାଯାଇନପାରେ। ଅନ୍ୟପକ୍ଷରେ ଗତ ସାଧାରଣ ନିର୍ବାଚନ ସମୟରେ ବଲାଙ୍ଗିର ସମେତ ବିଭିନ୍ନ ସ୍ଥାନରୁ କୋଟି କୋଟି ଟଙ୍କା ଜବତ ହୋଇଥିଲା। ବଲାଙ୍ଗିରରେ ଥିବା ମଦଭାଟିରୁ ବିପୁଳ ଟଙ୍କା ଜବତ ହୋଇଥିଲା। ଛତିଶଗଡ଼ରେ

**■ ବ୍ୟାଗ୍‌ରେ ନେଇ ଯାଉଥିବା ୨ ଯୁବକ ଅଟକ**
**■ ରେଳବାଇ ପୁଲିସର ତନାଘନା ଆରମ୍ଭ**

ସରକାର ଗଢ଼ିବା ପାଇଁ ତାହା ଠୁଳ କରାଯାଇଥିବା ସେହି ସମୟରେ ଚର୍ଚ୍ଚା ହୋଇଥିଲା। ଏହାସହ ବଲାଙ୍ଗିର ତଥା ଆଖପାଖ ଜିଲ୍ଲାରେ ଥିବା ପ୍ରାୟ ଦେଶୀ ମଦଭାଟି ସହ ବିହାର ଲିଙ୍କ୍ ରହିଛି। ଏଥିପାଇଁ ବିହାର ନିର୍ବାଚନ ପୂର୍ବରୁ ଏହି ସବୁ କାରବାର ଆରମ୍ଭ ହୋଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହି ଟଙ୍କା କେଉଁଠାକୁ ଯାଉଥିଲା, କାହା ପାଖକୁ ଯାଉଥିଲା, କ'ଣ ପାଇଁ ଯାଉଥିଲା; ଏବେ ଏମିତି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି।

## 'ପୀତବାସ' ହତ୍ୟାକାଣ୍ଡକୁ ବିତିଲା ୨ସପ୍ତାହ

# ଭୁବନେଶ୍ୱରରୁ ଜଣଙ୍କୁ ଉଠାଇଲା ପୁଲିସ

ବ୍ରହ୍ମପୁର,୧୮।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ବିତିଛି ଦୁଇସପ୍ତାହ। ତଦନ୍ତ ତ୍ୱରାନ୍ୱିତ ହୋଇଥିଲେ ହେଁ ଠୋସ୍ ପ୍ରମାଣ ପାଇପାରିନାହିଁ ପୁଲିସ। ଘଟଣାରେ ଶତାଧିକ ସିସିଟିଭି ଫୁଟେଜ ଯାଞ୍ଚ ସହିତ ୭୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିଛି। ପଚରାଉଚରା ପରେ ଅନେକଙ୍କୁ ଛାଡି ଦିଆଯାଇଥିବା ବେଳେ ବର୍ତ୍ତମାନ ୮ଜଣ ପୁଲିସ କବ୍‌ଜାରେ ଥିବା ସୂଚନା ମିଳିଛି। ବ୍ରହ୍ମପୁରରୁ ଜଣେ ମଦ ବ୍ୟବସାୟୀଙ୍କୁ ଶୁକ୍ରବାର ପଚରାଉଚରା ପରେ ଛାଡ଼ି ଦେଇଥିବା ବେଳେ ଶନିବାର ଭୁବନେଶ୍ୱରରୁ ଜଣକୁ ଉଠାଇ ଆଣି ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ଫଳରେ ଜନୈକ କର୍ପୋରେଟରଙ୍କ ସମେତ ଅଟକ ସଂଖ୍ୟା ୮ରେ ସ୍ଥିର ରହିଛି।

ଅଟକଙ୍କ ମଧ୍ୟରେ ବ୍ରହ୍ମପୁର ଉପକଣ୍ଠ ତଥା ଅନ୍ତେଇର ପୂର୍ବତନ ସରପଞ୍ଚ ପ୍ରଦୀପ ବିଶୋୟୀ ହତ୍ୟାକାଣ୍ଡ ଘଟଣାର ଜଣେ ଅଭିଯୁକ୍ତ ଥିବା ବେଳେ ପୁଲିସ ସ୍କାନରରେ ଚର୍ଚ୍ଚିତ 'ବିଷୋୟୀ ଗ୍ୟାଙ୍ଗ'ର ସର୍ଦ୍ଦାର ରହିଥିବା ଜଣାପଡ଼ିଛି। ପୀତବାସ ପଣ୍ଡା ଗୁଳିକାଣ୍ଡ ଘଟଣାର ତଦନ୍ତ ଚାଲିଥିବା ବେଳେ ବିଷୋୟୀ ଗ୍ୟାଙ୍ଗର ସର୍ଦ୍ଦାର କୁହାଯାଉଥିବା ଅନ୍ୟତମ ଦୁର୍ଦ୍ଧାନ୍ତ ଅପରାଧୀ ଫେରାର୍ ଥିବା ଜଣାପଡ଼ିଛି। ସେପଟେ କବ୍‌ଜାରେ ଥିବା ୮ଜଣଙ୍କୁ ଜେରା ବେଳେ ମିଳିଥିବା ତଥ୍ୟ ଆଧାରରେ ପୁଲିସ

**■ 'ଗୋଡ଼ିପଡ଼ା' ଟୋଲ୍ ଗେଟ୍‌ରେ ପୁଣି ଯାଞ୍ଚ ହେଲା ସିସିଟିଭି ଫୁଟେଜ**
**■ ପଚରାଉଚରା ପରେ ଛାଡ଼ ପାଇଲେ ମଦ ବ୍ୟବସାୟୀ, ୮ ଅଟକ**
**■ ପୁଲିସ ସ୍କାନରରେ 'ବିଷୋୟୀ ଗ୍ୟାଙ୍ଗ'ର ସର୍ଦ୍ଦାର!**

ଗୋଡ଼ିପଡ଼ା ଟୋଲ୍‌ଗେଟର ସିସିଟିଭି ଫୁଟେଜକୁ ପୁଣି ଯାଞ୍ଚ କରିଛି। ଶୁକ୍ରବାର ରାତିରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗୋଡ଼ିପଡ଼ା ଟୋଲ୍‌ଗେଟ୍‌କୁ ଯାଇ ନିର୍ଦ୍ଦିଷ୍ଟ ତାରିଖର ନିର୍ଦ୍ଦିଷ୍ଟ ସମୟରେ ଯାତାୟାତ କରିଥିବା ଯାନବାହାନର ନମ୍ବରକୁ ଯାଞ୍ଚ କରିଛି। ଆଗକୁ ଅଟକ ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି।

# ୧୯ ଇନ୍ସପେକ୍ଟର୍, ୧୪୮ ଏସ୍‌ଆଇଙ୍କ ବଦଳି

କଟକ,୧୮।୧୦(ସମିସ): ଖାଲି ପଦବୀ, ପ୍ରଶାସନିକ ଆବଶ୍ୟକତା ଏବଂ ସରକାରୀ ସେବାର ଆଗ୍ରହକୁ ଦୃଷ୍ଟିରେ ରଖି ୧୯ଜଣ ପୁଲିସ ଇନ୍ସପେକ୍ଟର (ସଶସ୍ତ୍ର)ଙ୍କୁ ବିଭିନ୍ନ ଜିଲ୍ଲା, ବାଟାଲିୟନ ଓ ପ୍ରତିଷ୍ଠାନକୁ ବଦଳି କରାଯାଇଛି। ଏ ସଂକ୍ରାନ୍ତରେ ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଭି.ଏସ୍. ଜୀବନ ସଂଗ୍ରାମ, ଶ୍ୟାମସୁନ୍ଦର ସୋରେନ, ବିଜୟ କୁମାର ମୁଦୁଲି, ଅମୂଲ୍ୟ ନାୟକ, ସାଧାଇ ଶଙ୍କର ଟୁଡୁ, କୁଳମଣି ଗିରି, ବରୁଣ କୁମାର ଜେନା, ମହମ୍ମଦ ସରାଫତ, ଅସିତ କୁମାର ପତି, ମଧୁସୂଦନ ସାମଲ, ହରିହର ସେଠୀ, ମାକ୍ସିମସ କିରୋ, ବାବାଜୀ ନାୟକ, ନାରଣ କିଶୋର ବେଉରା, ଶିବନାରାୟଣ ଷଡ଼ଙ୍ଗୀ, ବାସୁଦେବ ସାମଲ, ଜଗନ୍ନାଥ ଆଚାର୍ଯ୍ୟ, ବୃନ୍ଦାବନ ସାହୁ, ଛାୟାକାନ୍ତ ସାହୁ ପ୍ରମୁଖ ଇନ୍ସପେକ୍ଟରଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ସେହିଭଳି ୧୪୯ ପୁଲିସ୍ ଏସଆଇ (ସଶସ୍ତ୍ର)ଙ୍କୁ ବଦଳି ଆଦେଶ ଜାରି କରାଯାଇଛି।

# ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସରକାରଙ୍କ ଉପରେ ବର୍ଷିଲା ସିପିଆଇ




ଭୁବନେଶ୍ୱର, ୧୮।୧୦(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ଦ୍ୱାରା ଗତ ରାଜ୍ୟ ସମ୍ମିଳନୀରେ ନବନିର୍ବାଚିତ ରାଜ୍ୟ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦର ବୈଠକ ଦୁଇଦିନ ଧରି ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନବ ନିର୍ବାଚିତ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ରାଜନୈତିକ ସ୍ଥିତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିବାବେଳେ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟି ମହାଅଧିବେଶନରେ ଗୃହୀତ ବିବରଣୀ ଉପସ୍ଥାପନ କରିଥିଲେ।

ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି, କଟକ ଦୁର୍ଗାପୂଜା ଭସାଣି ହିଂସା, ଗଣଦୁଷ୍କର୍ମ, ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ନିର୍ଯାତନା, ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାରେ ସମ୍ପୃକ୍ତ ହତ୍ୟାକାରୀଙ୍କୁ ଗିରଫ କରିବାରେ ବିଫଳତା ଓ ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ବ୍ୟର୍ଥତାକୁ ନେଇ ଆଲୋଚନା କରାଯିବା ସହ ଆଗାମୀ ଦିନରେ ଜନସଚେତନତା ଓ ଜନଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ରାଜ୍ୟର ସମସ୍ତ ବାମ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଶକ୍ତି ଏକଜୁଟ ହୋଇ ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରିବା ପାଇଁ ସିପିଆଇ ଆହ୍ୱାନ ଦେଇଛି।

ବୈଠକରେ ରାଜ୍ୟ ସଂଗଠନ ପାଇଁ ଦୁଇଜଣ ସହ-ସମ୍ପାଦକ ଭାବେ କ୍ଷୀରୋଦ ସିଂହଦେଓ ଓ ଜୟନ୍ତ ଦାସଙ୍କ ସମେତ ଆଶିଷ କାନୁନ୍‌ଗୋ, ଅଶୋକ ଦାଶ, ଏନ. ନାରାୟଣ ରେଡି, ପ୍ରକାଶ ଚନ୍ଦ୍ର ପାତ୍ର, ବିଜୟ ଜେନା, ଦାମୋଦର ବେହେରା ଓ ରମଣୀରଞ୍ଜନ ରାଉତରାୟ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଭାବେ ନିର୍ବାଚିତ କରାଯାଇଛି। ଜୟନ୍ତ ଦାସ ମଧ୍ୟ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ବୈଠକରେ ରାଜ୍ୟ ପାର୍ଟିର ବିଭିନ୍ନ ଗଣସଂଗଠନ ବିଭାଗ ଓ ଜିଲ୍ଲାମାନଙ୍କର ଦାୟିତ୍ୱ ବଣ୍ଟନ କରାଯାଇଛି।

# କାନାଡ଼ାରେ ଗୁରୁଜୀଙ୍କ ଦ୍ୱାରା ଶିରିଡ଼ି ସାଇବାବାଙ୍କ ମନ୍ଦିର ପାଇଁ ଭୂମିପୂଜା

ସରେ, ବ୍ରିଟିଶ କଲମ୍ବିଆ(କାନାଡ଼ା), ୧୮।୧୦: ବିଶ୍ୱ ଶିରିଡ଼ି ସାଇ ଆନ୍ଦୋଳନର ପ୍ରମୁଖ କର୍ଣ୍ଣଧାର ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଯୁକ୍ତରାଷ୍ଟ୍ର ଆମେରିକା ପରେ କାନାଡ଼ା ଗସ୍ତରେ ଯାଇ ସରେଠାରେ ଶିରିଡ଼ି ସାଇବାବାଙ୍କର ଏକ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜା କରିଛନ୍ତି। ଗୁରୁଜୀ ଡ. ଶତପଥୀ ପୂଜାସ୍ଥଳରେ ପହଞ୍ଚିବା ପରେ ମନ୍ଦିର ଟ୍ରଷ୍ଟି ଓ ଭକ୍ତମାନଙ୍କ ପକ୍ଷରୁ ପାରମ୍ପରିକ ରୀତିନୀତି ସହକାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଗୁରୁଜୀ ଡ. ଶତପଥୀଙ୍କ କରକମଳରେ ଭୂମିପୂଜା ଉତ୍ସବ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଉପସ୍ଥିତ ଭକ୍ତମାନଙ୍କୁ ସମ୍ବୋଧିତ କରି ଗୁରୁଜୀ କହିଥିଲେ ଯେ ମନ୍ଦିର ନିର୍ମାଣ ପୂର୍ବରୁ ଧରିତ୍ରୀମାତାଙ୍କର ଆଶୀର୍ବାଦ ଭିକ୍ଷା ନିମନ୍ତେ ଭୂମି ପୂଜନ କରାଯାଇଥାଏ। ଏହାପରେ ଗୁରୁଜୀ ମଧ୍ୟାହ୍ନ ଆରତୀ କରିଥିଲେ। ଅପରାହ୍ଣରେ ଗୁରୁଜୀ ସରେଠାରେ ଶିରିଡି ସାଇବାବାଙ୍କର ଅନ୍ୟ ଏକ ମନ୍ଦିର ପରିଦର୍ଶନରେ ଯାଇଥିଲେ। ଗୁରୁଜୀଙ୍କ ଆଗମନ ଉପଲକ୍ଷେ ମନ୍ଦିର ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁନିକୁନି ପିଲାମାନେ ମନମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ଗୁରୁଜୀ ତାଙ୍କର ଉଦ୍‌ବୋଧନରେ ଛୋଟ ପିଲାମାନଙ୍କର ବହୁମୁଖୀ ବିକାଶ ତଥା କଳା, ସଂସ୍କୃତି, ସଂଗୀତ, ସାହିତ୍ୟ ଓ ବିଜ୍ଞାନ ଆଦି ସମସ୍ତ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ।



# ଖୋଲିଲା ଶିମିଳିପାଳ ଅଭୟାରଣ୍ୟ

## ପ୍ରଥମ ଦିନରେ ବୁଲିଲେ ୧୨୯ ଜଣ ପର୍ଯ୍ୟଟକ

ବାରିପଦା, ୧୪।୧୦ (ସମିସ): ଶନିବାରଠାରୁ ଶିମିଳିପାଳ ଜାତୀୟ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଖୋଲିଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଗେଟ୍ ଏବଂ ଯଶିପୁରର

**■ ପ୍ଲାଷ୍ଟିକ୍‌ମୁକ୍ତ ଶିମିଳିପାଳ ପାଇଁ ପର୍ଯ୍ୟଟକଙ୍କୁ ନିବେଦନ**
**■ ଆକର୍ଷଣରେ ବ୍ୟାଘ୍ର ସଂଗ୍ରହାଳୟ**

କାଳିଆଣିଠାରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରଯାଇଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ, ଉପ-ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ ପ୍ରଶାନ୍ତ ପଟେଲ ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭୟାରଣ୍ୟକୁ ସ୍ୱାଗତ କରିଥିଲେ। ମିଳିଥିବା ସୂଚନା ଅନୁସାରେ, ଆଜି ପ୍ରଥମ ଦିନରେ ଉଭୟ ଦ୍ୱାର ମାଧ୍ୟମରେ ୩୩ଟି ଯାନରେ ମୋଟ ୧୨୯ ଜଣ ପର୍ଯ୍ୟଟକ ଶିମିଳିପାଳ ଭ୍ରମଣ କରିଛନ୍ତି। ପିଠାବାଟା ଦ୍ୱାରର ଖୋଲା ଜିପ୍ ୮ଟି ସାଫାରିରେ ପର୍ଯ୍ୟଟକ ୩୫, ଦୈନିକ ୧୨ଟି ପର୍ଯ୍ୟଟକ ଯାନରେ



୪୦ଟି ପର୍ଯ୍ୟଟକ ବୁଲିଛନ୍ତି। ସେହିପରି ଯଶିପୁର ଫାଟକ ପଟେ ଓପନ୍ ଜିପ୍ ୩ଟି ସଫାରିରେ ୧୮ ଜଣ ପର୍ଯ୍ୟଟକ ଓ ଦୈନିକ ପର୍ଯ୍ୟଟକ ୧୦ଟି ଯାନ ୩୬ ଜଣ ପର୍ଯ୍ୟଟକ ବୁଲି ଶିମିଳିପାଳ ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରି ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ୍ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ମଧ୍ୟ ଏହି କଟକଣା ଜାରି ରହିବ। ସେହିପରି ଶିମିଳିପାଳରେ ଥିବା ଯାତ୍ରୀ ନିବାସଗୁଡ଼ିକରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ (www. tourism.com) ୱେବସାଇଟ୍‌ରେ ଅଗ୍ରୀମ ବୁକିଂ କରିପାରିବେ।

ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଗତବର୍ଷ ଯଶିପୁରଠାରେ ନୂତନ କରି ଖଇରୀ ବାଘୁଣୀ ସ୍ମୃତିରେ ପ୍ରତିଷ୍ଠିତ ସଂଗ୍ରହାଳୟ ପର୍ଯ୍ୟଟକଙ୍କ ଆକର୍ଷଣର ଅନ୍ୟତମ କେନ୍ଦ୍ର ପାଲଟିଛି। ଏଥିସହ ଦୁଃସାହାସିକ କ୍ରୀଡ଼ା, ଜଙ୍ଗଲ ସଫାରୀ ଓ ମାଉଣ୍ଟେନ୍ ସାଇକଲିଂ ଭଳି କିଛି ନୂଆଧରଣର କ୍ରୀଡ଼ାର ମଧ୍ୟ ବ୍ୟବସ୍ଥା ରହିଛି। ତାଛଡ଼ା ଶିମିଳିପାଳ ଭିତରେ ଥିବା ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳରେ ନେଚର୍ ଗେମିର ସୁବିଧା କରାଯାଇଛି।



# 'ବାସ୍ତବ'ରେ ବଲିଉଡ୍‌ର ତୁଷାର ବେଦୀ

'ବନସ୍ୱର୍ଣ୍ଣ ଟେଲିଭିଜନ୍' ଦ୍ୱାରା ପ୍ରଯୋଜିତ ତଥା 'ଏଲ୍‌ଟି ପ୍ରଡ଼କସନ୍' ସହଭାଗିତାରେ ପ୍ରସ୍ତୁତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବାସ୍ତବ' ଅକ୍ଟୋବର ୧୮ରେ ମୁକ୍ତିଲାଭ କରିଛି । ଏହି ସିନେମାଟି ଏକ ସସ୍‌ପେନ୍ସ, ଥ୍ରୀଲ୍‌ର ତଥା ପାରିବାରିକ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର । କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ । ସଂଳାପ ରଚନା କରିଛନ୍ତି ସଞ୍ଜୟ ମହାକୁଳ । ଏହାର ସହ ପ୍ରଯୋଜନା କରିଛନ୍ତି ନିବେଦିତା ପଟ୍ଟନାୟକ । ଅରୁଣ ମନ୍ତ୍ରୀ, ନିହାର ପ୍ରିୟାଶୀଷ ଏବଂ ବିକ୍କୁ ବାବୁ ଗୀତ ରଚନା କରିଥିବାବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ମୋଣ୍ଟାଜ୍ ଗୀତ ଜ୍ଞାନ ବେହେରା କରିଛନ୍ତି । ହ୍ୟୁମାନ ସାଗର ଏବଂ ଅନ୍ତରୀକ୍ଷା ନାୟକ କଣ୍ଠଦାନ କରିଛନ୍ତି । ସମସ୍ତ ଗୀତର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ । ତୁଷାର ବେଦୀ, ଅଙ୍କିତା ଦାଶ, ରବି ମିଶ୍ର, ଅଭିଜିତ ଦାଶ, ଭୂପତି ତ୍ରିପାଠୀ, ପ୍ରଭାତୀ ସାହୁ, ଅଭିଷେକ, ଲୁଲୁ ଆଚାର୍ଯ୍ୟ, ମଧୁସ୍ମିତା, ଅମର, ମିଟୁ ମିଥୁନ, ସୋନାଲି, ବିଜୟ, ଆକାଶ, ପୂଜା, ସ୍ମିତା, ମନୋଜ ସାହୁ, ଶକ୍ତି ଏବଂ ସୂର୍ଯ୍ୟ ଭଳି ଅନେକ କଳାକାର ଚଳଚ୍ଚିତ୍ରରେ ନିଜ ଅଭିନୟର ପରାକାଷ୍ଠା ଦେଖାଇଛନ୍ତି ।

# ବିଜେତା ବିଜଲାନୀ

ଅଶନୀର ଗ୍ରୋଭରଙ୍କ ରିଆଲିଟି ଶୋ' 'ରାଇଜ୍ ଆଣ୍ଡ ଫଲ୍'ର ବିଜେତା ହୋଇଛନ୍ତି ଟେଲିଭିଜନର ଲୋକପ୍ରିୟ ଅଭିନେତା ଅର୍ଜୁନ ବିଜଲାନି । ୨୮ ଲକ୍ଷ ୧୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି । ସେପ୍ଟେମ୍ବର ୬ରେ ଏହି ଶୋ' ଆରମ୍ଭ ହୋଇଥିଲା । ତେବେ ଏହି ଶୋ'ରେ ସାମିଲ ପ୍ରତିଯୋଗୀ ସେ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବାର ସାହସ ରଖନ୍ତି । ଶୋ'ରେ ବିଜେତା ହୋଇ ବେଶ୍ ଖୁସି ଥିବା କହିଛନ୍ତି ଅର୍ଜୁନ । କେବଳ ସେତିକି ନୁହେଁ, ଏହି ଶୋ'ର ଯାତ୍ରା ଆଦୌ ସହଜ ନ ଥିବା ସେ କହିଛନ୍ତି । ଏହାସହ ତାଙ୍କର ଏହି ବିଜୟରେ ପ୍ରତ୍ୟେକ ପ୍ରତିଯୋଗୀଙ୍କ ଯୋଗଦାନ ଥିବା ସେ ସ୍ୱୀକାର କରିଛନ୍ତି ।

ରୋମାଞ୍ଚକ ଓ ଆହ୍ୱାନପୂର୍ଣ୍ଣ ଟାସ୍କ ସାମ୍ନା କରିଥିଲେ । ତେବେ ଏହି ଶୋ'ର ଆରମ୍ଭ ଅର୍ଜୁନ କାର୍ଯ୍ୟକର୍ତ୍ତା (ୱାର୍କର) ଭାବେ କରିଥିଲେ । ହେଲେ ଧୀରେ ଧୀରେ ସେ ତାଙ୍କର ରଣନୀତି, ଦୃଢ଼ତା ଏବଂ ନିରନ୍ତରତା ବଳରେ ଶାସକ ଭୂମିକା ପର୍ଯ୍ୟନ୍ତ ଯାତ୍ରା ଜାରି ରଖିଲେ । ପୂରା ସିଜନ୍‌ରେ ସେ ପ୍ରମାଣ କରି ଦେଲେ ଯେ,






# ଶିଶୁ ନିର୍ଯାତନାର କାହାଣୀ 'ପରୀ'

ସମାଜରେ ବଢ଼ି ଚାଲିଛି ଶିଶୁମାନଙ୍କ ଉପରେ ଅତ୍ୟାଚାର। ଯୌନ ନିର୍ଯାତନା ଭଳି ପାଶବିକ ମାନସିକତା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି । 'ପରୀ' ଏକ ନିରୀହ, କୋମଳ ଫୁଲକଢ଼ି । ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର । ମାତ୍ର ଅକାଳରେ ଝରି ପଡ଼ିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ । ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡ଼ିଯାଇଛି ବିଚରା ବାପାମାଆ । ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି? ଏଭଳି ଏକ ସ୍ପର୍ଶକାତର ଘଟଣା ଉପରେ ସିନେମା 'ପରୀ'ର କାହାଣୀ ଗତିଶୀଳ । କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି, ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ । ସଂଳାପ ଡକ୍ଟର ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରମୋଦ ପରିଡ଼ା ରଚନା କରିଥିବା ଗୀତଗୁଡ଼ିକକୁ ଗାୟକ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି । ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। କୋରିଓଗ୍ରାଫର୍ ଏସ୍.କେ. ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ସିନେମାଟିରେ ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଲ୍ଟୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି ।

ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କଲ ଖାନ୍ନା ଏବେ 'ଟୁ ମଚ୍ ୱିଥ୍ କାଜୋଲ ଏବଂ ଟ୍ୱିଙ୍କଲ' ଶୋ'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ତେବେ ଏହି ଶୋ'ରେ ନିକଟରେ ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ନଜର ଆସିଥିଲେ । ଏହି ଶୋ'ରେ ଉଭୟ ଅକ୍ଷୟ ଏବଂ ସୈଫ୍ ନିଜ ଟାଟୁ ବାବଦରେ କହିଥିଲେ । ଅକ୍ଷୟ ନିଜ ଶରୀରରେ ଟ୍ୱିଙ୍କଲ ଏବଂ ତାଙ୍କ ଦୁଇ ପିଲା ଆରବ ଏବଂ ନିତାରାଙ୍କ ନାଁର ଟାଟୁ କରିଛନ୍ତି । ଏହାରି ଭିତରେ ଟ୍ୱିଙ୍କଲ କେବେ ବି ଅକ୍ଷୟଙ୍କ ନାଁରେ ଟାଟୁ ନିଜ ଶରୀରରେ କରିବେ ନାହିଁ ବୋଲି ରୋକ୍‌ଠୋକ୍ କହିଛନ୍ତି । ଅବଶ୍ୟ ସେ କାହିଁକି ଅକ୍ଷୟଙ୍କ ଟାଟୁ କରିବେ ନାହିଁ,

# ଅକ୍ଷୟଙ୍କ ନାଁରେ ଟାଟୁ କରିବେନି ଟ୍ୱିଙ୍କଲ

ସେକଥା ବି କହିଛନ୍ତି । ଟ୍ୱିଙ୍କଲ କହିଛନ୍ତି, ଜୀବନରେ କୌଣସି ଜିନିଷ ସ୍ଥାୟୀ ନୁହେଁ । ଏପରିକି ଟାଟୁ ନୁହେଁ କି ବାହାଘର । ତେଣୁ ଟାଟୁ କରି ହୁଏତ ତାହାକୁ ପରେ ବଦଳାଇବାକୁ ପଡ଼ିପାରେ । ତେଣୁ ଟ୍ୱିଙ୍କଲ ଟାଟୁ କରିବାକୁ ଚାହୁଁ ନ ଥିବା କହିଛନ୍ତି । ଅବଶ୍ୟ ଟ୍ୱିଙ୍କଲଙ୍କ ଏହି କଥାରେ ସମସ୍ତେ ଖୁବ୍ ହସିଛନ୍ତି ।



ସାକ୍ଷାତକାର

ଅଧ୍ୟାପିକା ହେବାକୁ ସେ ସ୍ୱପ୍ନ ଦେଖିଥିଲେ । ହେଲେ ଭାଗ୍ୟ ତାଙ୍କୁ ଟାଣିଆଣିଲା ଅଭିନୟ ଜଗତକୁ । ଏବେ ସେ ଅନେକ ଓଡ଼ିଆ ସିନେମାରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି । ଏଭଳି ଜଣେ ଅଭିନେତ୍ରୀ ହେଉଛନ୍ତି ଭୁବନେଶ୍ୱରର ପ୍ରିୟଙ୍କା ପାଣିଗ୍ରାହୀ । ବାଲେଶ୍ୱର ତାଙ୍କର ଜନ୍ମସ୍ଥାନ । ପ୍ରିୟଙ୍କା ଜଣେ ଆଇନ୍ ଛାତ୍ରୀ । ହେଲେ ଓଲିଉଡ୍ ସିନେମା, ବିଜ୍ଞାପନରେ କାମ କରି ସ୍ୱତନ୍ତ୍ର ପରିଚୟ ପାଇଛନ୍ତି । ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଆଶିକ୍ ଦିୱାନା' ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯାଉଛି । ତେବେ ଅଭିନୟ କ୍ଷେତ୍ରରେ ତାଙ୍କର ସଫଳତାର ରାଜ୍ ବିଷୟରେ ଜାଣିବା ତାଙ୍କ ମୁହଁରୁ ।



# ଶିଖିବାର ମନୋବୃତ୍ତି ଜଣେ ଭଲ କଳାକାରର ପରିଚୟ"

**ପ୍ରିୟଙ୍କା ପାଣିଗ୍ରାହୀ, ଅଭିନେତ୍ରୀ**

**ଅଭିନୟ ଯାତ୍ରା କେବେଠୁ ଆରମ୍ଭ ହେଲା**

- ପିଲାଦିନେ ଅଭିନେତ୍ରୀ ହେବି ବୋଲି ଭାବି ନ ଥିଲି । ଇଚ୍ଛାଥିଲା ଜଣେ ଅଧ୍ୟାପିକା ହେବି । ହେଲେ ମୋର ସୌଭାଗ୍ୟ ମୁଁ ଅଭିନୟ ଜଗତକୁ ଟାଣି ହୋଇଆସିଛି । 'ତେଜସ୍ୱିନୀ' ମୋର ପ୍ରଥମ ଧାରାବାହିକ । 'ଟୋକାଟା ଫସିଗଲା' ଓଡ଼ିଆ ଫିଲ୍ମରୁ ଡେବ୍ୟୁ କରିଥିଲି । ଏହା ବାଦ୍ ୪ରୁ ୫ଟି ସିନେମାରେ ଅଭିନୟ କରିଛି । ହେଲେ ତନ୍ମଧ୍ୟରୁ 'ଟୋକାଟା ଫଁଶିଗଲା' ମୋର କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ଥିଲା । ଏବେ 'ଆଶିକ୍ ଦିୱାନା' ସିନେମାରେ ଅଭିନୟ କରିଛି ।

**'ଆଶିକ୍ ଦିୱାନା'ରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

- 'ଆଶିକ୍ ଦିୱାନା'ରେ ମୋ ବିପକ୍ଷରେ ଅଛନ୍ତି ଦୀପକ ଭାଇ । ଦୀପକଙ୍କ ଦୁଇ ଜଣ ପତ୍ନୀ ମୁଁ ଆଉ ରିଆ ଦିଦି । ଦୁଇ ଜଣ ପତ୍ନୀଙ୍କୁ ନେଇ ଏହି ସିନେମାରେ ଭରପୂର ମଜାଦାର ଦୃଶ୍ୟ ରହିଛି । ଫିଲ୍ମଟି ପୂରା ଫ୍ୟାମିଲି ଡ୍ରାମା । ଏହି ଚରିତ୍ର କରିବାକୁ ମୋତେ ଆଦୌ କଷ୍ଟ କରିବାକୁ ପଡ଼ିନି । ମୁଁ ବାସ୍ତବରେ ଯେମିତି ଚୁଲବୁଲି ସେମିତି ମୋତେ ଚରିତ୍ର ମିଳିଛି । ଏହି ଚରିତ୍ରକୁ ମୁଁ ଭରପୂର ଏନ୍‌ଜଏ କରିଛି ।

**ଅଭିନୟକୁ ବାଦ୍ ଦେଲେ, ଆପଣ ଅନେକ ବିଜ୍ଞାପନରେ କାମ କରିଛନ୍ତି, ଏଥିପାଇଁ କେମିତି ସମୟ ଦିଅନ୍ତି?**

- କୌଣସି ବ୍ରାଣ୍ଡର ଫେସ୍ ହେବାକୁ ବହୁତ କଷ୍ଟ କରିବାକୁ ପଡ଼େ । ହେଲେ ଧନ୍ୟବାଦ ଦେବି ଭଗବାନଙ୍କୁ । ଭଗବାନଙ୍କ ଆଶୀର୍ବାଦ ଆଉ ମୋର ପ୍ରଶଂସକଙ୍କ ଭଲପାଇବା ପାଇଁ ମୁଁ ଅନେକ ଲୋକପ୍ରିୟ ବ୍ରାଣ୍ଡର ଫେସ୍ ହୋଇପାରିଛି । ସେଇଟା ମୋ ପାଇଁ ଖୁସିର କଥା । ଯେତେବେଳେ ବି ଏମିତି କାମ ଆସିବ ଯେତେ ବ୍ୟସ୍ତ ଥିଲେ ବି ମୁଁ ସେ କାମ କରିବି ।

**ପ୍ରିୟଙ୍କା ସ୍କ୍ରିପ୍ଟକୁ ଘୋଷନ୍ତି, ନା ଚରିତ୍ରରେ ପଶିଯାଆନ୍ତି?**

- ମୋତେ ଯେଉଁ ଚରିତ୍ର ମିଳେ, ତାହା ଭିତରେ ପଶିଗଲେ, ସ୍କ୍ରିପ୍ଟ ଘୋଷିବାକୁ ପଡ଼େ ନାହିଁ । ସୁଟିଂ ଆରମ୍ଭ ଦିନରୁ ଶେଷ ହେବା ଯାଏଁ ମୁଁ ସେହି ଚରିତ୍ରରେ ବୁଡ଼ି ରୁହେ ।

**ଦୀପକଙ୍କ ସହ ଆପଣଙ୍କ ବଣ୍ଡିଂ?**

- 'ଆଶିକ୍ ଦିୱାନା' ସେଟ୍‌ରେ ସବୁଦିନ ମଜା ହେଉଥିଲା । ଭୋଜି କରୁଥିଲୁ । ପରିବାର ଭଳି ଚଳୁଥିଲୁ । ସତ କହିବି 'ଆଶିକ୍ ଦିୱାନା' ମୋତେ ଦୀପକଙ୍କ ଭଳି ଜଣେ ଭଲ ବନ୍ଧୁ ଭେଟି ଦେଇଛି ।

**ଡ୍ରିମ୍ ରୋଲ୍ କ'ଣ?**

- ଭଲ ତଥା ସମାଜକୁ ବାର୍ତ୍ତା ଦେଉଥିବା ପରି ସମସ୍ତ କାହାଣୀରେ ଅଭିନୟ କରିବାକୁ ଚାହିଁବି । କିନ୍ତୁ ହଁ, ପୋଲିସ୍ ଅଫିସର୍ ଚରିତ୍ର କାମ କରିବାକୁ ବହୁତ ଇଚ୍ଛା ଅଛି ।

**ଫିଟ୍‌ର ରାଜ୍ କ'ଣ?**

- ଫିଟନେସ୍‌କୁ ନେଇ ବହୁତ ସଚେତନ । ଡାଏଟ୍, ଖାଇବା, ଶୋଇବା, ବ୍ୟାୟାମ ଆଦିକୁ ନିର୍ଦ୍ଦିଷ୍ଟ ସମୟରେ କରେ । ସ୍କିନ୍‌ର ଯତ୍ନ ନିଏ ।

**ଆପଣଙ୍କ କାମରେ ଜୀବନସାଥି କେତେ ସହଯୋଗ କରନ୍ତି?**

- ସେ ଜଣେ ବ୍ୟବସାୟୀ । ମୁଁ ଅଭିନେତ୍ରୀ । ସେ ବହୁତ ଚୁପ୍‌ଚାପ । ଯେହେତୁ ଉଭୟଙ୍କ ପେସା ଭିନ୍ନ । ତେଣୁ ପରସ୍ପରକୁ ସମୟ ଦେଇପାରୁ । ମୋ କାମ କେମିତି ଭଲ ହେବ ସେନେଇ ସେ ବହୁତ ଗୁରୁତ୍ୱପୂର୍ଣ୍ଣ ମତ ଦିଅନ୍ତି । ମୋତେ ଉତ୍ସାହିତ କରନ୍ତି । ତାଙ୍କର ୧୦୦ % ସହଯୋଗ ନଥିଲେ ମୁଁ ଏତେ ଖୁସିରେ କାମ କରିପାରି ନଥାନ୍ତି ।

**ପ୍ରିୟଙ୍କା ସବୁବେଳେ ଶାଢ଼ିରେ ନଜର ଆସନ୍ତି, ରାଜ୍ କ'ଣ?**

ଶାଢ଼ି ହେଉଛି ଭାରତର ପାରମ୍ପରିକ ପୋଷାକ । ଶାଢ଼ିରେ ସବୁଝିଅମାନେ ସୁନ୍ଦର ଲାଗନ୍ତି । ଓଡ଼ିଆ ଝିଅ ବିବାହ ପରେ ଶାଢ଼ି ପିନ୍ଧିବାକୁ ବହୁତ ପସନ୍ଦ କରନ୍ତି । ତେବେ ମୋ ସ୍ୱାମୀଙ୍କୁ ମୋ ଶାଢ଼ିପିନ୍ଧା ଭଲ ଲାଗୁଥିବାରୁ ମୁଁ ସବୁବେଳେ ଶାଢ଼ି ପିନ୍ଧେ ।

**ଅଭିନୟ ଦୁନିଆକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଏବେ ପ୍ଲାଟଫର୍ମ ବହୁତ । ପିଲାମାନେ ସାମାଜିକ ଗଣମାଧ୍ୟମରେ ନିଜ ଦକ୍ଷତା ପ୍ରତିପାଦନ କରି ରାତାରାତି ଷ୍ଟାର୍ ପାଲଟି ଯାଉଛନ୍ତି । ନିହାତି ସେମାନଙ୍କ ଭିତରେ କିଛି ଭଲ ଗୁଣ ରହିଛି । ତେଣୁ ଯେତେ ଯାଏଁ ଶିଖିବାର ମନୋବୃତ୍ତି ତାଙ୍କର ଥିବ ସେତେ ଯାଏଁ ସେ ଜଣେ ଭଲ କଳାକାର ହୋଇପାରିବେ । ଯେଉଁଦିନ ଗର୍ବ ଆସିଯିବ କଥା ସରିଲା ।

**ଆଗାମୀ ଯୋଜନା କ'ଣ?**

- ଚଳିତ ବର୍ଷରେ ମୋର ଅନେକ ପ୍ରୋଜେକ୍ଟ ରିଲିଜ୍ ହେବାର ଅଛି । ନିଃଶ୍ୱାସ ଚାଲିଥିବା ଯାଏଁ ଭଲ ଭଲ ଫିଲ୍ମରେ କାମ କରିବାକୁ ଚାହିଁବି । ଦର୍ଶକଙ୍କ ସହ କିପରି ସିଧାସଳଖ ଯୋଡ଼ି ହୋଇ ରହିବି ତାହାକୁ ଗୁରୁତ୍ୱ ଦେବି ।



ପରଦା ପଛର କାହାଣୀ

# ବିନା ପାରିଶ୍ରମିକରେ ଫିଲ୍ମରେ ଅଭିନୟ

ଡ୍ରିମ୍‌ଗର୍ଲ ହେମାମାଳିନୀ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ଅଭିନୟ ଓ ସୁନ୍ଦରତାରେ ସେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାନ୍ତି । ତାଙ୍କ ନାମ ଶୁଣିଲେ ଫିଲ୍ମ ଦେଖିବାକୁ ହଲ୍‌ରେ ଦର୍ଶକଙ୍କ ଭିଡ଼ ଜମୁଥିଲା । ତାଙ୍କୁ ଫିଲ୍ମରେ ନେବା ପାଇଁ ସିନେ ନିର୍ମାତା ଓ ନିର୍ଦ୍ଦେଶକଙ୍କ ଲମ୍ବା ଲାଇନ୍ ଲାଗୁଥିଲା । ତେବେ ହେମାମାଳିନୀ ପ୍ରତ୍ୟେକ ଫିଲ୍ମରେ ନିଜ ଡିମାଣ୍ଡ ଅନୁଯାୟୀ ପାରିଶ୍ରମିକ ନେଇଥାନ୍ତି । କିନ୍ତୁ ଏକ ଫିଲ୍ମ ଥିଲା, ଯେଉଁଥିରେ ସେ ବିନା ପାରିଶ୍ରମିକରେ ଅଭିନୟ କରିଥିଲେ । ୧୯୭୯ ମସିହାରେ ମୁକ୍ତିଲାଭ କରିଥିଲା ହିନ୍ଦୀ ଫିଲ୍ମ 'ମୀରା' । ଏହି ଫିଲ୍ମରେ ସେ ବିନା ପାରିଶ୍ରମିକରେ ଅଭିନୟ କରିଥିଲେ । ଗୁଲଜାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ପ୍ରେମ୍‌ଜୀ ପ୍ରଯୋଜିତ କରିଥିଲେ । ତେବେ ପ୍ରେମ୍‌ଜୀ ଦୀର୍ଘ ସମୟ ଧରି ହେମାମାଳିନୀଙ୍କ ସହ କାମ କରିବାକୁ ଚାହୁଁଥିଲେ । କିଛି ନା କିଛି କାରଣରୁ ହେମା ଫିଲ୍ମ କରିବେନି ବୋଲି ତାଙ୍କୁ ଅନେକ ଥର ମନା କରିଥିଲେ । ତେବେ କୌଣସି ପୌରାଣିକ କିମ୍ବା ଭକ୍ତି ଆଧାରିତ କାହାଣୀ ମୀରାଙ୍କୁ ନେଇ ଫିଲ୍ମ ନିର୍ମାଣ କଲେ ସେ ଅଭିନୟ କରିବେ ବୋଲି କହିଥିଲେ । ହେମାମାଳିନୀଙ୍କ କହିବାନୁସାରେ ପ୍ରେମ୍‌ଜୀ ଏହି ଫିଲ୍ମ ନିର୍ମାଣ କରିଥିଲେ । ଏଥିରେ ହେମାମାଳିନୀଙ୍କ ବିପକ୍ଷରେ ବିନୋଦ ଖନ୍ନା ଦେଖିବାକୁ ମିଳିଥିଲେ । ଗୋଟିଏ ସମୟରେ ଫିଲ୍ମଟି ବଜେଟ୍ ପାଇଁ ଅଧାରେ ଅଟକି ଯାଇଥିଲା । ଏହା ଜାଣିବା ପରେ ହେମାମାଳିନୀ ପ୍ରେମଜୀଙ୍କୁ କହିଥିଲେ , ପ୍ରଭୁ କୃଷ୍ଣଙ୍କ ପ୍ରତି ପ୍ରେମ, ବିଶ୍ୱାସ ଓ ଶ୍ରଦ୍ଧା ପାଇଁ ଏହି ଫିଲ୍ମ କରୁଛି । ମୁଁ ଏଥିପାଇଁ କୌଣସି ପାରିଶ୍ରମିକ ନେବି ନାହିଁ । ଆପଣ ଶ୍ରଦ୍ଧାରେ ଯାହା ଦେବେ ତାକୁ ମୁଁ ଗ୍ରହଣ କରିବି । ଫିଲ୍ମ ସମ୍ପୂର୍ଣ୍ଣ ହେଲା ବେଳକୁ ଏଥିରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ ହୋଇସାରିଥିଲା । ହେଲେ ଦୁର୍ଭାଗ୍ୟବଶତଃ ଫିଲ୍ମ ରିଲିଜ୍ ହେବା ପରେ ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା । ତେବେ ହେମାମାଳିନୀ ତାଙ୍କ ଅଭିନୟ ଜୀବନରେ ୧୫୦ ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଛନ୍ତି ।

## ଜ୍ୟୋତିଙ୍କୁ ଐତିହାସିକ କାଂସ୍ୟ



ନାନଜିଙ୍ଗ୍, ୧୮ ।୧୦ (ଏଜେନ୍ସି): ଚାଇନାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଫାଇନାଲରେ ଭାରତର ଜ୍ୟୋତି ସୁରେଖା ଭେନ୍ନାମ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା କମ୍ପାଉଣ୍ଡରେ ଜ୍ୟୋତି ଏହି ସଫଳତା ପାଇଛନ୍ତି। ସେମିଫାଇନାଲରେ ପରାସ୍ତ ହୋଇଥିବା ଜ୍ୟୋତି କାଂସ୍ୟ ପଦକ ପାଇଁ ଅନୁଷ୍ଠିତ ମ୍ୟାଚରେ ୧୫୦-୧୪୫ ସ୍କୋରରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ଗ୍ରେଟ୍ ବ୍ରିଟେନର ଇଲା ଗିବସନଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୯ ବର୍ଷୀୟା ଜ୍ୟୋତି ପ୍ରଥମ ଭାରତୀୟ ଭାବେ ତୀରନ୍ଦାଜୀ ବିଶ୍ୱକପ୍ କମ୍ପାଉଣ୍ଡ ଇଭେଣ୍ଟରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଫାଇନାଲରେ ତନଭୀ

ଗୌହାଟୀ, ୧୮ ।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍‌ରେ ଘରୋଇ ଭାରତର ତନଭୀ ଶର୍ମା ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ଟପ୍ ସିଡ୍ ତନଭୀ ୧୫-୧୧, ୧୫-୯ ସିଧାସଳଖ ଗେମରେ ଚାଇନାର ଲିଉ ସି ୟା'ଙ୍କୁ ପରାସ୍ତ କରିଥିଲେ। ରବିବାର ଫାଇନାଲରେ ତନଭୀଙ୍କ ମୁକାବିଲା ଥାଇଲାଣ୍ଡର ଅନୟାପତ୍ ଫିଚିତପ୍ରିଚାସ୍କ'ଙ୍କ ସହ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଇତିହାସରେ ୫ମ ଭାରତୀୟ ଭାବେ ୧୬ ବର୍ଷୀୟା ତନଭୀ ଫାଇନାଲ ଖେଳିବେ। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପଟ (୧୯୯୬), ସାଇନା ନେହ୍ୱାଲ (୨୦୦୬ ଓ ୨୦୦୮), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ ଫାଇନାଲରେ ପହଞ୍ଚିଥିଲେ।

## ହାଇଦରାବାଦ୍ ଏଫ୍‌ସି ହେଲା ସ୍ପୋର୍ଟିଂ କ୍ଲବ ଦିଲ୍ଲୀ

ନୂଆଦିଲ୍ଲୀ, ୧୮ ।୧୦ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀ ବହୁ ବର୍ଷର ବ୍ୟବଧାନ ପରେ ପୁଣିଥରେ ଦେଶର ଶୀର୍ଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆଇଏସ୍‌ଏଲ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ହାଇଦରାବାଦ୍ ଏଫ୍‌ସିର ପୁନଃବ୍ରାଣ୍ଡିଂ ପରେ ଏବେ ଏହା 'ସ୍ପୋର୍ଟିଂ କ୍ଲବ ଦିଲ୍ଲୀ' ହୋଇଛି। ଆଇଏସ୍‌ଏଲ୍‌ର ଆଗାମୀ ସିଜନରେ ହାଇଦରାବାଦ୍ ଏଫ୍‌ସି ସ୍ଥାନରେ ଏହି ଦିଲ୍ଲୀ ଦଳକୁ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଆଇଏସଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୧୪ରୁ ୨୦୧୮ ସିଜନ ପର୍ଯ୍ୟନ୍ତ ଦିଲ୍ଲୀ ଡାଇନାମୋସ ଦଳ ଏହି ଶୀର୍ଷ ଫୁଟ୍‌ବଲ ଲିଗ୍‌ରେ ଭାଗ ନେଇଥିଲା। ୨୦୧୯ରେ ଦିଲ୍ଲୀ ଡାଇନାମୋସ ପୁନଃବ୍ରାଣ୍ଡିଂ ହୋଇ ଓଡ଼ିଶା ଏଫ୍‌ସି ନାମରେ ଆଇଏସ୍‌ଏଲ୍‌ରେ ଖେଳି ଆସୁଛି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ବିସି ଜିନ୍ଦଲ ଗ୍ରୁପ୍ ହାଇଦରାବାଦ୍ ଏଫ୍‌ସି ଗ୍ରୁପ୍‌କୁ ଅଧିଗ୍ରହଣ କରିଥିଲା।

## ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍‌ରେ ରେକର୍ଡ ୨୪୬ ପ୍ରତିଯୋଗୀ



ଭୁବନେଶ୍ୱର,୧୮ ।୧୦(ସମିସ): କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାକୁ ଜିଲ୍ଲା ଚେସ ସଂଘର ମେଣ୍ଟର ପ୍ରଦ୍ୟୁମ୍ନ ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଥମ ଦିନ ୪ ରାଉଣ୍ଡ ଖେଳାଯାଇଛି। ୪ ରାଉଣ୍ଡରୁ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ସ୍କୁଲ ଚେସ୍ ବିଭାଗରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ଓମ୍‌ସ୍ୱରୂପ ପାଢ଼ୀ, ଈଶାନୀ ଦାସ୍, ଶୁଭାଶିଷ ବାରିକ୍, ସାଇ ପ୍ରତ୍ୟୁଷ ବେହେରା ଓ ଆଦିତ୍ୟ ସ୍ୱାଇଁ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଜିଲ୍ଲା ଚେସ୍‌ରେ କୋଚ୍ ରବୀନ୍ଦ୍ର କୁମାର ଓଝା ଏକାକୀ ୪ ପଏଣ୍ଟ ପାଇ ପ୍ରଥମ ଓ ହର୍ଷିତ ରଞ୍ଜନ ସାହୁ ୩.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଦ୍‌ଘାଟନ ଉତ୍ସବକୁ ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ। ହେମନ୍ତ ନାୟକ, ରଘୁନନ୍ଦନ ସାସମଲ, ସନ୍ତୋଷ ପୃଷ୍ଟି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍‌ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ରବିବାର ଏହା ଉଦ୍‌ଯାପିତ ହେବ।

### ଆଜିଠାରୁ ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍

# ୭ ମାସ ପରେ ଖେଳିବେ ବିରାଟ, ରୋହିତ

ପର୍ଥ,୧୮ ।୧୦(ଏଜେନ୍ସି):

ଭାରତୀୟ କ୍ରିକେଟ ଦଳର ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦୀର୍ଘ ୭ ମାସ ପରେ ଦେଶ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଫେରିଛନ୍ତି। ଏହା ସହିତ ଶୁବମନ ଗିଲ୍ ପ୍ରଥମଥର ଭାରତୀୟ ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ସ୍ଥାନୀୟ ଅପ୍‌ଟସ ଷ୍ଟାଡିୟମ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରବିବାର ଖେଳାଯିବ। ଏହି ମ୍ୟାଚରେ ରୋହିତ୍-କୋହଲିଙ୍କ ପ୍ରତ୍ୟାବର୍ତ୍ତନ ଓ ଶୁବମନଙ୍କ ନେତୃତ୍ୱ ନଜରରରେ ରହିବ। ଗତ ମାର୍ଚ୍ଚରେ ଅନୁଷ୍ଠିତ ଚାମ୍ପିଅନ୍‌ସ ଟ୍ରଫି ଫାଇନାଲରେ ରୋହିତ ଶର୍ମା ଓ ବିରାଟ କୋହଲି ଶେଷଥର ଲାଗି ଭାରତୀୟ ଦଳରୁ ଖେଳିଥିଲେ। ଆସନ୍ତାକାଲି ଉଭୟ ଖେଳାଳି ଆଉ ଜଣେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅଧିନରେ ଖେଳିବାକୁ ଯାଉଛି। ଦୀର୍ଘ ୯ ବର୍ଷ ପୂର୍ବେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ଏମାନେ ଅନ୍ୟଜଣେ ଅଧିନାୟକଙ୍କ ଅଧିନରେ ଖେଳିଥିଲେ। ଏହା ପରେ ଉଭୟ ଭାରତୀୟ ଦଳର ନେତୃତ୍ୱରେ ରହିଆସିଥିଲେ। ଏବେ ଉଭୟ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ କିଛି ନୂଆ ଖେଳାଳିଙ୍କୁ ନେଇ ବିଦେଶ ଓ ଘରୋଇ ମାଟିରେ ଦୁଇଟି ସିରିଜ୍ ଖେଳିସାରିଛି। ଏହାର ଅର୍ଥ ଭାରତୀୟ ଦଳ ନୂଆ କମ୍ବିନେସନ ବା ଯୁବ ଖେଳାଳିଙ୍କୁ ନେଇ ମିଶ୍ର ଫଳ ପାଇଛି। ଏବେ ଉଭୟ ଖେଳାଳି ଦିନିକିଆ ମୁକାବିଲା ଲାଗି କଠିନ ଅଭ୍ୟାସ କରିଛନ୍ତି। ବେଙ୍ଗାଲୁରୁରେ ଅଭ୍ୟାସ କରୁଥିବା ରୋହିତ ନେଟ୍‌ସରେ ପତଳା ହୋଇଯାଇଥିବା ଦେଖିବାକୁ ମିଳିଛି। ଲଣ୍ଡନରେ କୋହଲି ଶାରୀରିକ ଅଭ୍ୟାସ କରିଛନ୍ତି। ଉଭୟ ଖେଳାଳିଙ୍କ ଉପରେ ନଜର ରହିଥିଲାବେଳେ ଏହି ସିରିଜ୍ ଲାଗି ସେମାନେ ଜୋରଦାର ପ୍ରସ୍ତୁତି କରିଛନ୍ତି। ଦୀର୍ଘ ୭ ମାସ ପରେ ଅନ୍ତର୍ଜାତୀୟ ଓ ୫ ମାସ ପରେ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳୁଥିବାରୁ ଫର୍ମକୁ ଫେରିବା ଏମାନଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ ବିପକ୍ଷରେ ବେଶ ସଫଳ ହୋଇଛନ୍ତି। କିନ୍ତୁ ଏବେ ସେମାନଙ୍କ ଉପରେ ବିଶେଷ ଚାପ ନାହିଁ। ରୋହିତ ନେତୃତ୍ୱରୁ ମୁକ୍ତ ହୋଇଛନ୍ତି। ଏଣୁ ଖୋଲା ମନ ଓ ଉତ୍ସାହ ସହ କିପରି ଦୁଇ କିଂବଦନ୍ତି ଖେଳାଳି ଦୀପାବଳିରେ ସମର୍ଥକଙ୍କୁ କି ଭେଟି ଦେଉଛନ୍ତି ତାହା ଆସନ୍ତାକାଲିର ମ୍ୟାଚ୍ ପରେ ଜଣାପଡ଼ିବ।





ପ୍ରଥମ ଦିନିକିଆ
ଆରମ୍ଭ: ସକାଳ ୯ଟା
ପ୍ରସାରଣ
ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର

### ଶୁବମନଙ୍କ ଅସଲ ପରୀକ୍ଷା

ଦଳର ଦୁଇ ତାରକା ଖେଳାଳି ରୋହିତ ଓ କୋହଲିଙ୍କ ପରେ ଚାପରେ ଅଛନ୍ତି ନୂଆ ଅଧିନାୟକ ଶୁବମନ ଗିଲ୍। ସେ ପ୍ରଥମଥର ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ସେ ଏପରି ଏକ ଦଳର ନେତୃତ୍ୱ ନେଉଛନ୍ତି, ଯେଉଁଥିରେ ଦେଶର ସମସ୍ତ ଶ୍ରେଷ୍ଠ ଖେଳାଳି ସ୍ଥାନ ପାଇଛନ୍ତି ଓ ଦଳର ଚୂଡାନ୍ତ ଏକାଦଶ ଚୟନ ନେଇ କୌଣସି ଅସୁବିଧା ନାହିଁ। କେବଳ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ରହିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ଦିନିକିଆରେ ୭୫ ଭାଗ ସଫଳତା ହାସଲ କରିଛି। ଏପରି ସଫଳତା ଦୋହରାଇବା ଲାଗି ଗିଲ୍‌ଙ୍କ ଆଗରେ ମିଚେଲ ମାର୍ଶଙ୍କ ଅଷ୍ଟ୍ରେଲିଆ ବଡ଼ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି। ଦଳର ନିୟମିତ ଅଧିନାୟକ ପ୍ୟାଟ କମିନ୍ସଙ୍କ ଅନୁପସ୍ଥିତି ସତ୍ତ୍ୱେ ଘରୋଇ ମାଟିରେ ଏହାକୁ ହରାଇବା ଏତେଟା ସହଜ ନୁହେଁ। ଏଣୁ ଗିଲ୍ କିପରି ଅଷ୍ଟ୍ରେଲିଆକୁ ହରାଇବା ଲାଗି ରଣନୀତି ଗ୍ରହଣ କରିବେ ଓ କେଉଁ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେବେ ତାହା ସିରିଜ୍ ଶେଷରେ ଜଣାପଡ଼ିବ।

### ଖେଳାଳି ଦଳ

**ଭାରତ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ୍ ହେଡ୍, ମାଥ୍ୟୁ ସର୍ଟ, ମିଚେଲ ଓଏନ, ମ୍ୟାଟ ରେନ୍‌ଶା, ମାଥ୍ୟୁ କୁନେମାନ୍, ଜୋଶ ଫିଲିପ୍ (ୱିକେଟରକ୍ଷକ), ମାର୍ନସ ଲାବୁସେନ, ଜାଭିୟର ବାର୍ଟଲେଟ, କୁପର କୋନୋଲୀ, ବେନ୍ ଡ୍ୱାରଶୁଇସ୍, ନାଥାନ ଏଲିସ୍, ଜୋଶ ହାଜ୍‌ଲେଉଡ୍, ମିଚେଲ ଷ୍ଟାର୍କ।

ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ରୋହିତଙ୍କ ସହ ଗିଲ ଇନିସ ଓପନ କରିବେ ବୋଲି ଆଶା କରାଯାଉଛି। ଯଶସ୍ୱୀ ଜୟସ୍ୱାଲଙ୍କୁ ବ୍ୟାକ୍ ଅପ୍ ଓପନର ଭାବେ ରହିଛନ୍ତି। କୋହଲି, ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଏହା ପରେ ନଂ-୩, ୪ ଓ ୫ରେ ବ୍ୟାଟିଂ କରିବାକୁ ଆସିପାରନ୍ତି। ଏମାନଙ୍କ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ନୀତୀଶ କୁମାର ରେଡ୍ଡୀ ଅଲରାଉଣ୍ଡର ଭାବେ ଡେବ୍ୟୁ କରିପାରନ୍ତି। ମହମ୍ମଦ୍ ସିରାଜ ଓ ଅର୍ଶଦୀପ୍ ସିଂହ ଦୁଇ ଫାଷ୍ଟ ବୋଲର ଖେଳିବେ। ସେମାନଙ୍କ ସହ ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ପାର୍ଟନର ହେବେ। ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ। ସ୍ପିନ୍ ବିଭାଗରେ ଅଷ୍ଟ୍ରେଲିଆ କୁପର କନୋଲୀ, ମାର୍ନସ ଲାବୁସେନ ଓ ମାଥ୍ୟୁ ରେନ୍‌ଶାଙ୍କ ଉପରେ ନିର୍ଭର କରିବେ। ପତ୍ନୀ ଗର୍ଭବତୀ ଥିବାରୁ ଆଦାମ ଜାମ୍ପା ପ୍ରଥମ ଦିନିକିଆ ଖେଳିବେ ନାହିଁ।

## ୧୧ ଓ ୧୩ ବର୍ଷରୁ କମ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆରମ୍ଭ

ଭୁବନେଶ୍ୱର, ୧୮ ।୧୦ (ସମିସ): ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ୧୧ ଓ ୧୩ ରୁ କମ ବୟସ ବର୍ଗ ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ ପୋଖରୀପୁଟ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମରେ ଶନିବାର ଆରମ୍ଭ ହୋଇଛି। ଏହି ରାଜ୍ୟ ଚାମ୍ପିୟନସିପକୁ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ରଜତ ଚୌଧୁରୀ ଯୋଗ ଦେଇଥିଲେ। ଆୟୋଜନ କମିଟି ସମ୍ପାଦକ ଅଜିତ ମହାନ୍ତି ଓ ଦୀପକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତାରେ ସର୍ବମୋଟ ୨୦୨ ଜଣ ଖେଳାଳି ପଞ୍ଜିକରଣ କରିଛନ୍ତି। ମ୍ୟାଚ ରେଫରି ଭାବେ ବିଜୟ ବାଗ, ଅଫିସିଆଲ ପର୍ଯ୍ୟବକ୍ଷକ ଲକ୍ଷପତି ନନ୍ଦ ଓ ସୁବାସ ଚନ୍ଦ୍ର ସାହୁ, ସଂଯୋଜକ ଭାବେ ତାରାକାନ୍ତ ଦାସ, ଅବଦୁଲ ହାକିମ ଓ ଜୟ ପ୍ରକାଶ ଜେନା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓସବା ଉପସଭାପତି ପ୍ରଦୀପ ପଟନାୟକ ଓ ଓସବା ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ନିଯୁକ୍ତ ହୋଇଛନ୍ତି।



## ଭାରତ-ଇଂଲଣ୍ଡ ଗୁରୁତ୍ୱପୂର୍ଣ୍ଣ ଲଢ଼େଇ ଆଜି

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

ଇନ୍ଦୋର, ୧୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଅନୁଷ୍ଠିତ ହେବ। ସ୍ଥାନୀୟ ହୋଲକର୍ କ୍ରିକେଟ୍ ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିବା ଲାଗି ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ବିଶ୍ୱକପ୍‌ରେ ମିଶ୍ରିତ ପ୍ରଦର୍ଶନ କରିଛି। ଘରୋଇ ଭାରତୀୟ ଦଳ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲର ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ମହିଳା ଦଳ ହ୍ୟାଟ୍ରିକ ବିଜୟ ସହ ଚଳିତ ବିଶ୍ୱକପ୍ ଆରମ୍ଭ କରିଥିଲା। ଦଳ ୪ ମ୍ୟାଚରୁ ୭ ପଏଣ୍ଟ ସହ ଟେବଲର ତୃତୀୟ ସ୍ଥାନରେ ରହିଛି।



### ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା

କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ କଲମ୍ବୋରେ ଶନିବାର ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଏହି ମ୍ୟାଚ୍ ପରେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ପଞ୍ଚମ ଓ ପାକିସ୍ତାନ ୨ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି। ଫଳରେ ୯ ପଏଣ୍ଟ ପାଇଥିବା ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ୮ ପଏଣ୍ଟ ପାଇଥିବା ଦ. ଆଫ୍ରିକା ସେମିରେ ପ୍ରବେଶ କରିଛନ୍ତି।

**ସୁଲତାନ ଜୋହୋର କପ୍ ହକି**

## ଭାରତକୁ ୫ମ ରୌପ୍ୟ

ନୂଆଦିଲ୍ଲୀ, ୧୮ ।୧୦ (ଏଜେନ୍ସି): ଅଷ୍ଟ୍ରେଲିଆ ନିକଟରୁ ୨-୧ ଗୋଲରେ ପରାଜିତ ହୋଇ ଭାରତ ମାଲେସିଆରେ ଆଜି ଶେଷ ହୋଇଥିବା ସୁଲତାନ ଜୋହୋର କପ୍ ହକିରେ ରନର୍ସଅପ୍ ହୋଇଛି। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଇଆନ ଗ୍ରବେଲର ୨ଟି ଯାକ ଗୋଲ ଦେଇଥିଲାବେଳେ ଅନ୍‌ମୋଲ ଏକ୍କା ଭାରତ ଲାଗି ଗୋଟିଏ ଗୋଲ ଶୁଝାଇଥିଲେ। ଏହା ଫଳରେ ୨୧ ବର୍ଷରୁ କମ୍ ଭାରତୀୟ ଦଳ ଚଳିତବର୍ଷକୁ ମିଶାଇ ୫ମଥର ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ଅବଶ୍ୟ କ୍ରମାଗତ କାଂସ୍ୟ ଜିତିବା ପରେ ଏଥର ରୌପ୍ୟ ହାସଲ କରିଛି। ଭାରତ ଭଲ ଖେଳି ମଧ୍ୟ ଫାଇନାଲ ମୁକାବିଲାରେ ହାରିଯାଇଛି। ଏକଦା ୫୮ ମିନିଟ୍ ପର୍ଯ୍ୟନ୍ତ ଖେଳ ୧-୧ରେ ବରାବର ଥିଲା। କିନ୍ତୁ ୫୯ତମ ମିନିଟ୍‌ରେ ଗ୍ରବେଲଙ୍କ ଗୋଲ ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇଥିଲା।

**ବାରବାଟୀ ରଣଜୀ**

## ପରାଜୟରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୮ ।୧୦ (ସମିସ):

ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥର ପରାଜୟରୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଆରମ୍ଭ କରିଛି। ଐତିହାସିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ପାଞ୍ଚଥରର ରଣଜୀ ବିଜେତା ବରୋଦା ୭ ୱିକେଟ୍‌ରେ ଘରୋଇ ଓଡ଼ିଶା ଦଳକୁ ମାତ୍ ଦେଇଛି। ବିଜୟ ସହ ବରୋଦା ୬ ପଏଣ୍ଟ ହାତେଇନେଇଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଶକ୍ତିଶାଳୀ ଉତ୍ତରପ୍ରଦେଶକୁ ଭେଟିବ। କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଅକ୍ଟୋବର ୨୫ରୁ ଏହି ମ୍ୟାଚ୍ ଆରମ୍ଭ ହେବ।

### ଏକା ଲଢ଼ିଲେ ଶୁଭ୍ରାଂଶୁ

୧୪୨ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ଅନ୍ତିମ ତଥା ୪ର୍ଥ ଦିବସ ସକାଳେ ଶନିବାର ଆଶାନୁରୂପକ ବ୍ୟାଟିଂ କରିପାରି ନ ଥିଲା। ଅଧିନାୟକ ଶୁଭ୍ରାଂଶୁଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟର୍ ବରୋଦା ବୋଲରଙ୍କୁ ସାମ୍ନା କରିପାରି ନ ଥିଲେ। ବିଶେଷ କରି ବରୋଦା ଅଫ୍-ସ୍ପିନର ମହେଶ ପିଥିୟା ଓଡ଼ିଶାର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ। ସେ ଏକାକୀ ୬ଟି ୱିକେଟ ନେବା ଫଳରେ ଓଡ଼ିଶା ଦ୍ୱିତୀୟ ପାଳିରେ ୫୯.୩ ଓଭର ଖେଳି ୧୭୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁଭ୍ରାଂଶୁ ୧୧୪ ବଲ୍ ଖେଳି ୩ ଚୌକା ଓ ୨ ଛକା ସହାୟତାରେ ୫୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପ୍ରଥମ ପାଳିରେ ମଧ୍ୟ ସେନାପତି ୭୯ ରନର ଉପଯୋଗୀ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରବ ଚୌଧୁରୀ ୨୮, ରାଜେଶ ମହାନ୍ତି ୨୫, ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ୧୭ ରନ ଲେଖାଏ କରିଥିଲେ। ଜବାବରେ ୩୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ବରୋଦା ୧୨ ରନ ମଧ୍ୟରେ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ତେବେ ପ୍ରଥମ ଇନିଂସରେ ଶତକ (୧୨୪ ରନ) ହାସଲକାରୀ ଶିବାଲିକ ଶର୍ମା ଅପରାଜିତ ୩୨ ରନ କରି ଦଳକୁ ୭ ୱିକେଟ୍‌ରେ ସହଜରେ ବିଜୟୀ କରାଇଥିଲେ। ଶିବାଲିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୧ ଓ ବରୋଦା ୭ ୱିକେଟ୍‌ରେ ୪୧୩ ରନ କରି ପାଳି ଘୋଷଣା କରିଥିଲା।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶିବାଲିକ ଶର୍ମା

**ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ୍**

## ସେମିରେ ୟୁନିଟ୍-୧ ହାଇସ୍କୁଲ




ଭୁବନେଶ୍ୱର,୧୮ ।୧୦(ସମିସ): ୟୁନିଟ୍-୧ ହାଇସ୍କୁଲ ଚତୁର୍ଥ ତଥା ଶେଷ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହା ସହିତ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ କିସ୍ ସହ ଓଡିଏମ୍ ପବ୍ଲିକ୍ ସ୍କୁଲର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ ଭେଟିବ ୟୁନିଟ୍-୧ ହାଇସ୍କୁଲ। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଆଜି ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲରେ ୟୁନିଟ୍-୧ ହାଇସ୍କୁଲ ୨-୧ ଗୋଲରେ କଣ୍ଟାବାଡ ସ୍ଥିତ ବିକାଶ ରେସିଡେନସିଆଲ ସ୍କୁଲ୍‌କୁ ହରାଇଥିଲା। ବିଜୟୀ ୟୁନିଟ୍-୧ ହାଇସ୍କୁଲ୍‌ର ସମାଖାଇ ପାଇଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପ୍ରିୟନାଥ ମିଶ୍ର, ଅଶୋକ ପଟ୍ଟନାୟକ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

**ସିକେ ନାଇଡୁ ଟ୍ରଫି: ଓମ୍‌ଙ୍କ ଶତକ**

## ବିଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୦ (ସମିସ): ହାଇଦରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ବିଜୟ ନିକଟତର ହୋଇଛି। ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ହାଇଦରାବାଦ୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ହାଇଦରାବାଦ୍ ୫୬ ଓଭର ଖେଳି ୭ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଛି। ଓପନର୍ ପତାପୁ ରାଘବ ୩୧ ଓ ପୃଥ୍ୱୀ ୧ ରନ କରି ଖେଳୁଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ସାଇଦୀପ ମହାପାତ୍ର ସର୍ବାଧିକ ୩ଟି, ଆଶୁତୋଷ ଛୁରିଆ ୨ଟି ଏବଂ ସୌମ୍ୟରଞ୍ଜନ ଲେଙ୍କା ଓ ଆୟୁଷ ବାରିକଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି। ରବିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାବେଳେ ବିଜୟ ଲାଗି ଓଡ଼ିଶାକୁ ଆଉ ୩ଟି ୱିକେଟ୍ ଆବଶ୍ୟକ ହେଉଛି। ସେହିଭଳି ବଳକା ୩ ୱିକେଟ୍‌ରେ ଘରୋଇ ହାଇଦରାବାଦ ଆହୁରି ୧୦୭ ରନ ଆବଶ୍ୟକ କରୁଛି। ଯାହାକି ଦଳ ପାଇଁ କଷ୍ଟସାଧ ହେବ ବୋଲି କୁହାଯାଉଛି।



ପୂର୍ବରୁ ଏହି ଚାରିଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୧୫୯ ରନ କରିଥିଲା। ଜବାବରେ ହାଇଦରାବାଦ୍ ୧୯୫ ରନରେ ସୀମିତ ରହିଥିଲା। ଫଳରେ ୩୬ ରନରେ ପଛୁଆ ଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ଓପନର୍ ଓମ୍ ଟି ମୁଣ୍ଡେଙ୍କ ଶତକ ବଳରେ ୨୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓମ୍ ତାଙ୍କ ୧୭୮ ବଲ୍ ପାଳିରେ ୧୨ ଚୌକା ଓ ଗୋଟିଏ ଛକା ମାରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS